- Vol.- 46, Issue No. 93
- Friday, 03 July 2026
- ଶୁକ୍ରବାର, ୦୩ ଜୁଲାଇ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


## 'ସମୃଦ୍ଧ ଓଡ଼ିଶା ୨୦୩୬' ସଂକଳ୍ପ ଦିଗରେ ଐତିହାସିକ ପଦକ୍ଷେପ

# ଓଡ଼ିଶାରେ ହେବ ମେଗା ଆଲୁମିନିୟମ ପ୍ଲାଣ୍ଟ



■ ୧.୧୦ ଲକ୍ଷ କୋଟିର ମେଗା ଏମଓୟୁ ସ୍ୱାକ୍ଷରିତ

■ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର: ମୁଖ୍ୟମନ୍ତ୍ରୀ

■ ୫୩ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ

ଭୁବନେଶ୍ୱର, ୨।୭: ଓଡ଼ିଶାକୁ ଏକ ଶିଳ୍ପ ସମୃଦ୍ଧ ଅର୍ଥନୀତିରେ ପରିଣତ କରିବା ଏବଂ ବିଶ୍ୱସ୍ତରୀୟ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଦିଗରେ ଆଜି ରାଜ୍ୟ ଶିଳ୍ପ ଇତିହାସରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି। ଲୋକସେବା ଭବନ କନଭେନସନ୍ ସେଣ୍ଟରରେ ଆୟୋଜିତ, ଓଡ଼ିଶା ସରକାରଙ୍କ ଶିଳ୍ପ ପ୍ରୋତ୍ସାହନ ସଂସ୍ଥା 'ଇପିକଲ୍' ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ (ଆଇଏଚସି ଗ୍ରୁପ୍) ମଧ୍ୟରେ ଏକ ମେଗା ସମନ୍ୱିତ ଆଲୁମିନିୟମ୍ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପରେ ପ୍ରାୟ ୧୧.୫ ବିଲିୟନ ଆମେରିକୀୟ ଡଲାର ଅର୍ଥାତ ପ୍ରାୟ ୧.୧୦ ଲକ୍ଷ କୋଟି ଟଙ୍କାର ବିପୁଳ ପୁଞ୍ଜିନିବେଶ କରାଯିବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ୨୦୩୬ ସୁଦ୍ଧା ଏକ ସମୃଦ୍ଧ, ଆଧୁନିକ ଓ ସମାବେଶୀ ଓଡ଼ିଶା ଗଠନ କରିବା ପାଇଁ ଆମର ଉଦ୍ୟମ ସଫଳତାର ସହ ଜାରି ରହିଛି ବୋଲି କହିଛନ୍ତି। ଓଡ଼ିଶାର ସମ୍ବଳ ଓ ପ୍ରତିଭା ସହ ମଧ୍ୟ-ପ୍ରାଚ୍ୟର ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟାର ସମନ୍ୱୟରେ ଏକ ସମୃଦ୍ଧ ପାର୍ଟନରସିପ୍ ଗଠନ ହେବ ବୋଲି ଦୃଢ଼ ଆଶା ପ୍ରକଟ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା ହେବ ଗ୍ଲୋବାଲ ଆଲୁମିନିୟମ ହବ୍। ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଂ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ। ଏହି ମେଗା ପ୍ରକଳ୍ପ ଦ୍ୱାରା ନିର୍ମାଣ ପର୍ଯ୍ୟାୟରେ ପ୍ରାୟ ୩୫,୦୦୦ ଏବଂ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ପରେ ପ୍ରାୟ ୧୮,୫୦୦ ଲୋକଙ୍କୁ ମିଶାଇ ସମୁଦାୟ ୫୩,୫୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଖଣିଜ ସମ୍ବଳରୁ ବ୍ୟାପକ ମୂଲ୍ୟ ସଂଯୋଜନ ମାଧ୍ୟମରେ ଶିଳ୍ପାୟନ ଏବଂ ଯୁବପିଢ଼ିଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବ। ବିଶ୍ୱସ୍ତରରେ ବର୍ତ୍ତମାନ 'ଗ୍ରୀନ୍ ମେଟାଲ୍ସ' ଓ ପରିବେଶ ଉପଯୋଗୀ ଶିଳ୍ପାୟନର ଧାରା ସୃଷ୍ଟି ହୋଇଛି। ଏ ଦିଗରେ ଓଡ଼ିଶା ବର୍ତ୍ତମାନ ଏକ ଅଗ୍ରଣୀ ଭୂମିକା ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, 'ସମୃଦ୍ଧ ଓଡ଼ିଶା ୨୦୩୬' ଏବଂ 'ବିକଶିତ ଭାରତ ୨୦୪୭'ର ସଂକଳ୍ପ ନେଇ ସରକାର ଆଗକୁ ବଢ଼ୁଛି। ଓଡ଼ିଶା ଗଠନର ୧୦୦ ବର୍ଷ ପୂର୍ତ୍ତି ଅବସରରେ ୨୦୩୬ ମସିହା ସୁଦ୍ଧା ରାଜ୍ୟକୁ ଏକ ଶିଳ୍ପରେ ଅଗ୍ରଣୀ ଅଞ୍ଚଳ ଭାବେ ଗଢ଼ିତୋଳିବାକୁ ସରକାର ବଦ୍ଧପରିକର। ଆଇଏଚସି ଗ୍ରୁପ୍ ସହିତ କେବଳ ଆଲୁମିନିୟମ୍ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ, ମେଟାଲର୍ଜି, ଡିଜିଟାଲ୍ ସିଷ୍ଟମ୍ ଏବଂ ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର ଭଳି ଉଦୀୟମାନ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ। ପ୍ରକଳ୍ପର ସଫଳତା ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ଏବଂ ସରକାରୀ ମଞ୍ଜୁରୀ ଭଳି ସମସ୍ତ ଆନୁଷଙ୍ଗିକ ସୁବିଧା ସରକାରଙ୍କ ପକ୍ଷରୁ ଏକ ସମନ୍ୱିତ ଏବଂ ସମୟବଦ୍ଧ ଭାବରେ ଯୋଗାଇ ଦିଆଯିବ। ଏହି ଅବସରରେ 'ଇଣ୍ଟରନ୍ୟାସନାଲ ହୋଲ୍ଡିଂ କମ୍ପାନୀ'ର ଚିଫ୍ ଷ୍ଟ୍ରାଟେଜିକ୍ ଅଫିସର୍ ପିଟର ଆବ୍ରାମ କହିଛନ୍ତି ଯେ, ଏହା ଭାରତ ଏବଂ ୟୁଏଇ ମଧ୍ୟରେ ଏକ ସୁଦୃଢ଼ ସମ୍ପର୍କର ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି ଚୁକ୍ତି କେବଳ ଏକ ବ୍ୟବସାୟିକ ନିବେଶ ନୁହେଁ, ବରଂ ଓଡ଼ିଶାର ସ୍ଥାୟୀ ବିକାଶ ପାଇଁ ଏକ ଦୀର୍ଘକାଳୀନ ଭାଗିଦାରୀ। ଆସ୍ଥା, ସମାନ ଚିନ୍ତାଧାରା ଓ ମିଳିତ ଲକ୍ଷ୍ୟ ଆଧାରରେ ଗଠିତ ଏହି ସମ୍ପର୍କ ଆଗାମୀ ଦିନରେ ପ୍ରଯୁକ୍ତିବିଦ୍ୟା, ଭିତ୍ତିଭୂମି, ଆର୍ଥିକ ସେବା ଏବଂ ଗ୍ରାହକ ସେବା କ୍ଷେତ୍ରରେ ବ୍ୟାପକ ସଫଳତା ଆଣିଦେବ। ଓଡ଼ିଶା କେବଳ ଏକ ନିବେଶ ସ୍ଥଳୀ ନୁହେଁ, ବରଂ ଦୀର୍ଘକାଳୀନ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ରଣନୀତିକ ସହଯୋଗୀ।

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ପାଇଁ ବ୍ୟାପକ ପ୍ରସ୍ତୁତି

# ଖୁବ୍‌ଶୀଘ୍ର ନୀତିନ ନବୀନ ଟିମ୍



ନୂଆଦିଲ୍ଲୀ, ୨।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍ତ୍ରିମଣ୍ଡଳରେ ଏକ ବଡ଼ ଧରଣର ପୁନର୍ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ଜୁଲାଇ ତୃତୀୟ ସପ୍ତାହ ସୁଦ୍ଧା ଏହି ମେଗା ଅଦଳବଦଳ ହେବା ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ଜୁଲାଇ ୨୧ରେ ଆରମ୍ଭ ହେବାକୁ ଥିବା ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ କିମ୍ବା ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଶେଷ ହୋଇଛି। ବିଜେପି ଜାତୀୟ ସଭାପତି ନିତିନ ନବୀନଙ୍କ ନୂତନ ଦଳୀୟ ସଂଗଠନ ସହ ସମନ୍ୱୟ ରକ୍ଷା କରି ସରକାରରେ ଏହି ବଡ଼ ପରିବର୍ତ୍ତନ କରାଯାଉଛି। ବିଜେପିର ସାଂଗଠନିକ ନୀତି ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତର ପ୍ରଦେଶ ଏବଂ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ବିଜେପିର ସଭାପତି ଦାୟିତ୍ୱ ମିଳିଥିବାରୁ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଆଧାରରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ, ଜୁନ୍ ୨୧ରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ୍ୟ ପଞ୍ଜାବ ବିଧାନସଭା ନିର୍ବାଚନ ରଣନୀତିକୁ ଦୃଷ୍ଟିରେ ରଖି କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କୁ ବର୍ତ୍ତମାନ ପାଇଁ ପଦରେ ବଜାୟ ରଖିବାକୁ ଶୀର୍ଷ ନେତୃତ୍ୱ ନିର୍ଦ୍ଦେଶ ଦେଇଛନ୍ତି। ଏହି ପୁନର୍ଗଠନ ପ୍ରକ୍ରିୟାରେ କେତେକ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ସାଂଗଠନିକ କାର୍ଯ୍ୟକୁ ଫେରିବା ନେଇ ଆଲୋଚନା ହୋଇଛି। ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ମିଳିପାରେ। ତାଙ୍କ ସ୍ଥାନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କିମ୍ବା ଆର.ବି.ଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ନୂଆ ଅର୍ଥମନ୍ତ୍ରୀ କରାଯିବା ନେଇ ଅଧିକ ଚର୍ଚ୍ଚା ହେଉଛି। ନିଟ୍ ପରୀକ୍ଷା ବିବାଦ କାରଣରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ନୀତୀନ ଗଡ଼କରୀଙ୍କୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରୁ ଅନ୍ୟ ବିଭାଗକୁ ବଦଳି କରାଯାଇପାରେ।

# ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷାଫଳ

## ୩୨ ହଜାର ଆସନ ପାଇଁ ୫୩ ହଜାର ବିଦ୍ୟାର୍ଥୀ



ଭୁବନେଶ୍ୱର, ୨।୭: ଗୁରୁବାର ସାଧାରଣ ସ୍ନାତକୋତ୍ତର ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ ୨୦୨୬)ର ଫଳ ପ୍ରକାଶିତ ହୋଇଛି। ରାଜ୍ୟର ୧୩୨ଟି ଶିକ୍ଷାନୁଷ୍ଠାନର ବିଭିନ୍ନ ପାଠ୍ୟକ୍ରମର ମୋଟ ୩୨ହଜାର ୩୦୯ଟି ଆସନ ନିମନ୍ତେ ୫୩ ହଜାର ୯୦୧ଜଣ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ ହୋଇଛନ୍ତି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିଭାଗ ପକ୍ଷରୁ ପ୍ରକାଶିତ ସୂଚନାନୁସାରେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସର୍ବମୋଟ୍ ୫୦ଟି ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚ ଶିକ୍ଷାନୁଷ୍ଠାନରେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ। ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର

## ଆଗକୁ ନେଇପାରେ ଅବପାତ ରୂପ: ୭ ତାରିଖ ଯାଏଁ ପ୍ରବଳ ବର୍ଷା



ଭୁବନେଶ୍ୱର, ୨।୭: ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର। ଉତ୍ତରପଶ୍ଚିମ ବଙ୍ଗୋପସାଗର ଓ ସଂଲଗ୍ନ ଉତ୍ତର ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇଛି। ଆଗକୁ ବଳଗୋଟାଇ ଅବପାତ ରୂପ ନେଇପାରେ ଲଘୁଚାପ। ଏନେଇ ଭାରତୀୟ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ଉପରେ ସୃଷ୍ଟି ଘୂର୍ଣ୍ଣିବଳୟ ଲଘୁଚାପରେ ପରିଣତ ହୋଇଛି । ଏହାର ପ୍ରଭାବରେ ମୌସୁମୀ ସକ୍ରିୟ ହେବା ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା । ୫ଟି ସ୍ଥାନରେ ୨୪ ଘଣ୍ଟାରେ ୧୦୦ ମି.ମି.ରୁ ଅଧିକ ବର୍ଷା ରେକର୍ଡ ହୋଇଛି । ବରଗଡ଼ର ଅମ୍ବାଭୋନାରେ ସର୍ବାଧିକ ୧୮୦ ମି.ମି. ବର୍ଷା ରେକର୍ଡ । ସେହିପରି ଯୁଯୁମରାରେ ୧୩୦.୮, ଅତାବିରାରେ ୧୨୦, ଭଟଲିରେ ୧୧୦.୮ ରେକର୍ଡ ହୋଇଛି । ବୀରମହାରାଜପୁରରେ ୧୦୭ ମିଲିମିଟରର ବର୍ଷା ରେକର୍ଡ ହୋଇଛି । ଆସନ୍ତା ୭ ତାରିଖ ଯାଏ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଉତ୍ତର ଏବଂ ଦକ୍ଷିଣ ଓଡ଼ିଶାରେ ଅତି ପ୍ରବଳ ବର୍ଷା ହୋଇପାରେ। ରାଜ୍ୟର ବାକି ସ୍ଥାନରେ ବି ଭୀଷଣ ବର୍ଷିବ । ମୟୂରଭଞ୍ଜ ଓ କୋରାପୁଟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଆଜି ପାଇଁ ଏହି ୨ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ବାଲେଶ୍ୱର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, କେନ୍ଦୁଝର, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି ଓ ଗଜପତିରେ ପ୍ରବଳ ବର୍ଷା ହୋଇପାରେ। ଏହି ୧୦ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି।

# ଇସ୍ରୋ ମୁଖ୍ୟାଳୟ ଉଡାଇ ଦେବାକୁ ଧମକ

ବେଙ୍ଗାଲୁରୁ, ୨।୭: ବେଙ୍ଗାଲୁରୁରେ ଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ମୁଖ୍ୟାଳୟ ଉଡାଇଦେବାକୁ ଧମକ ମିଳିଛି। ଇସ୍ରୋ ମୁଖ୍ୟାଳୟକୁ ଇମେଲ ମାଧ୍ୟମରେ ଏହି ବୋମା ଧମକ ମିଳିଛି। ଏହାପରେ ତୁରନ୍ତ ତଦନ୍ତ ଆରମ୍ଭ ହୋଇଛି। ପୋଲିସର ସୂଚନା ଅନୁଯାୟୀ, ଇସ୍ରୋ ଅଧ୍ୟକ୍ଷ ଡକ୍ଟର ଭି ନାରାୟଣନଙ୍କ କାର୍ଯ୍ୟାଳୟକୁ ଧମକପୂର୍ଣ୍ଣ ଇମେଲ ପଠାଯାଇଥିଲା। ସତର୍କତା ପରେ ପୋଲିସ ଦଳ, ବମ



ସ୍କ୍ୱାଡ୍ କର୍ମଚାରୀଙ୍କ ସହିତ, ଘଟଣାସ୍ଥଳକୁ ଯାଇ ପରିସରରେ ସମ୍ପୂର୍ଣ୍ଣ ସଫା କରିବା କାର୍ଯ୍ୟ କରିଥିଲେ। ପ୍ରେରକଙ୍କୁ ଖୋଜିବା ଏବଂ ଉଦ୍ଦେଶ୍ୟ ନିର୍ଣ୍ଣୟ କରିବା ପାଇଁ ତଦନ୍ତ ଆରମ୍ଭ କରିଛିଛି ପୋଲିସ। ଏହା ପ୍ରଥମ ଘଟଣା ନୁହେଁ। ଗତ ବର୍ଷ, ଡିପିଏସ ଦ୍ୱାରକା, କୃଷ୍ଣ ମଡେଲ ସ୍କୁଲ ଏବଂ ସର୍ବୋଦୟ ବିଦ୍ୟାଳୟ ସମେତ ଦିଲ୍ଲୀର ଅନେକ ସ୍କୁଲକୁ ସମାନ ବୋମା ଧମକ ଇମେଲ ପଠାଯାଇଥିଲା, ଏହା ଆତଙ୍କ ସୃଷ୍ଟି କରିଥିଲା ଏବଂ ସେହି ପ୍ରତିଷ୍ଠାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥା ସଜାଡ଼ି ଦେଇଥିଲା।

## ବିଇଓଙ୍କୁ କଡ଼ା ନିର୍ଦ୍ଦେଶ

# ୭ ଦିନ ଭିତରେ ବିଦ୍ୟାଳୟର ବିଦ୍ୟୁତ ବକେୟା ପୈଠ ନ ହେଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୭।୨: ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ (ବିଇଓ)ଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ୭ ଦିନ ଭିତରେ ବିଦ୍ୟାଳୟର ବିଦ୍ୟୁତ ବକେୟା ପୈଠ କର, ନ ହେଲେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ନିର୍ଦ୍ଦେଶରେ ଦର୍ଶାଯାଇଛି ଯେ ବିଦ୍ୟୁତ ବକେୟା ପୈଠ ପାଇଁ ବ୍ଲକଭିତ୍ତିକ ଟଙ୍କା ପୂର୍ବରୁ ଆବଣ୍ଟିତ ହୋଇଛି। ଏଣୁ ସାତ ଦିନ ମଧ୍ୟରେ ଉକ୍ତ ଟଙ୍କାକୁ ଉଠାଣ ଓ ବଣ୍ଟନ କରି ବିଲ୍ ଦାଖଲ ସୁନିଶ୍ଚିତ କରିବାକୁ ହେବ। ନଚେତ୍ ସଂପୃକ୍ତ ଖିଲାପକାରୀ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସ୍ପଷ୍ଟ ଚେତାବନୀ ଦିଆଯାଇଛି। ଏହି ନିର୍ଦ୍ଦେଶରେ କୁହାଯାଇଛି ଯେ, ସ୍କୁଲ ଏବଂ ଗଣଶିକ୍ଷା ବିଭାଗ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକର ବକେୟା ବିଦ୍ୟୁତ ବିଲ୍ ପୈଠ ସମ୍ପର୍କରେ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଜୁନ୍ ୧୧ରେ ଏନେଇ ନିର୍ଦ୍ଦେଶ ପୂର୍ବରୁ ଜାରି ହୋଇଛି। ସେହିଭଳି ସ୍କୁଲ ଓ ଗଣଶିକ୍ଷା ବିଭାଗର କମିଶନର-ତଥା-ସଚିବଙ୍କ ଜୁନ୍ ୩୦ ତାରିଖର ନିର୍ଦ୍ଦେଶକୁ ଆଧାର କରି ଏହି ପଦକ୍ଷେପ ଗ୍ରହଣ କରାଯାଇଛି।

## ଆହ୍ୱାନରେ ନୂଆ ପିସିସି ପ୍ରଭାରୀ

# ଅଧିକ ପରିଶ୍ରମ ନ କଲେ ପଦ ଛାଡ଼ିବାକୁ ପ୍ରସ୍ତୁତ ରୁହ

ଭୁବନେଶ୍ୱର, ୨।୭: ଓଡ଼ିଶାରେ ବିଜେଡି ଭିତରେ ଅସନ୍ତୋଷ କୁହୁଳୁଥିବା ବେଳେ କଂଗ୍ରେସ ପାଇଁ ରହିଛି ବିରାଟ ସମ୍ଭାବନା । ଏହି ସମ୍ଭାବନାକୁ ଦେଖି ଓଡ଼ିଶା ଦାୟିତ୍ୱ ପାଇଥିବା ନୂତନ ପ୍ରଭାରୀ, ପ୍ରଥମ ଦିନରୁ କରିଛନ୍ତି ମାରାଥନ ବୈଠକ । ତୃଣମୂଳସ୍ତରରେ ଦଳୀୟ ସଂଗଠନକୁ ମଜବୁତ୍ କରିବା ପାଇଁ ନେତାଙ୍କ ସହ ଆଲୋଚନା କରିଛନ୍ତି । ଆଗାମି ଦିନରେ ଉଭୟ ବିଜେପି ଓ ବିଜେଡି ସହ ଲଢ଼େଇ କରିବ ବୋଲି ସ୍ପଷ୍ଟ କରିଛନ୍ତି । କଂଗ୍ରେସ ଭବନରେ ପଶୁ ପଶୁ କରିଛନ୍ତି ମାରାଥନ ବୈଠକ । ତେତିଶଟି ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କୁ ଡକେଇ ଜିଲ୍ଲା କମିଟି ସହ କରିଛନ୍ତି ଘନ ଘନ ବୈଠକ । ସଭାପତିଙ୍କ ସହ ୱାନ୍-ଟୁ-ୱାନ୍ ଆଲୋଚନା କରି ଗ୍ରାଉଣ୍ଡ ସ୍ଥିତିର ସମୀକ୍ଷା କରିଛନ୍ତି ପ୍ରଭାରୀ । ଜିଲ୍ଲା ସଭାପତିଙ୍କ ସହ ବୈଠକରେ ପ୍ରଭାରୀ କରୁଛନ୍ତି ପ୍ରଶ୍ନ ଏବଂ ଦେଉଛନ୍ତି ପରାମର୍ଶ । ଓଡିଶା ପ୍ରଭାରୀ ଭାବେ ଦାୟିତ୍ୱ ନେବା ପରେ ଲାଲଜୀଙ୍କ ଏହା ପ୍ରଥମ ଓଡ଼ିଶା ଗସ୍ତ । ଅଧିକ ପରିଶ୍ରମ କର ନହେଲେ ଯଦି କାମ ନ କରିବ ପଦ ଛାଡ଼ିବାକୁ ପ୍ରସ୍ତୁତ ରହିବାକୁ ସେ ଚେତାଇ ଦେଇଛନ୍ତି । ତିନି ଦିନିଆ ଗସ୍ତର ପ୍ରଥମ ଦିନରେ ଜିଲ୍ଲା ସଂଗଠନ ସହ ମାରାଥନ୍ ବୈଠକ ସାରିବା ପରେ, ଆସନ୍ତାକାଲି ରାଜନୈତିକ ବ୍ୟାପାର କମିଟି ବୈଠକରେ ଦଳର ବରିଷ୍ଠ ନେତାମାନଙ୍କ ସହ ଆଗାମୀ ରଣନୀତିକୁ ନେଇ କରିବେ ଆଲୋଚନା ।

## ଖୁବ ଶୀଘ୍ର ଆସିବ ସଂଶୋଧିତ ଲକ୍ଷ୍ମୀ ପୁରାଣ

# ଏକ କୋଟି ବହି ବାଣ୍ଟିବେ ସରକାର

ଭୁବନେଶ୍ୱର, ୭।୨: ନୂଆ ସ୍ୱର ଓ ନୂଆ ଛାନ୍ଦରେ ପରିମାର୍ଜିତ ହୋଇ ଆସିବ ମହାକବି ବଳରାମ ଦାସଙ୍କ ରଚିତ ଲକ୍ଷ୍ମୀ ପୁରାଣ । ଏବେ ଘରେ ଘରେ ପଢ଼ା ଯାଉଥିବା ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ଭ୍ରମାତ୍ମକ ସଂସ୍କରଣ । ନୂଆ ଲକ୍ଷ୍ମୀ ପୁରାଣ ବଳରାମ ଦାସଙ୍କ ମୂଳ ରଚିତ ଲେଖାରୁ ଆସିବ। ଓଡ଼ିଆ ସାହିତ୍ୟ ଏକାଡେମୀ ପୁସ୍ତକ ଛାପିବ । ୧ କୋଟି ଲକ୍ଷ୍ମୀ ପୁରାଣ ବହି ଓଡ଼ିଶାରେ ଘରେ ଘରେ ମାଗଣା ବଣ୍ଟାଯିବ। ନମିତା ଅଗ୍ରୱାଲ ଓ ଗୀତା ଦାସ ଏହି ସଂଶୋଧିତ ପରିମାର୍ଜିତ ପୁରାଣକୁ କଣ୍ଠ ଦେବେ। ରାଜ୍ୟ ସରକାର ଉଭୟଙ୍କ ସହ କଥା ହୋଇଛନ୍ତି। ସେମାନେ ନୂଆ ଛନ୍ଦରେ ଗାଇବା ପାଇଁ ରାଜି ହୋଇଛନ୍ତି। ମିଶନ ଶକ୍ତି ଅଡିଟୋରିୟମରେ ଆୟୋଜିତ ହୋଇଥିବା ଲକ୍ଷ୍ମୀ ପୁରାଣ କରିଡର୍ କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବିଶିଷ୍ଟ ଗବେଷକ ଅସିତ୍ ମହାନ୍ତି ନମିତା ଅଗ୍ରୱାଲ ଓ ଗୀତା ଦାସଙ୍କ ଗୀତ ଗାଇବା ନେଇ ସିଧାସଳଖ ପ୍ରଶ୍ନ ଉଠାଇଥିଲେ ଆଜି ସଭାରେ। ତାଙ୍କ ଅଭିଯୋଗ ଅନୁସାରେ, ଗାୟିକା ନମିତା ଅଗ୍ରୱାଲ, ଗୀତା ଦାସ ଓ ଅନ୍ୟ କିଛି ଗାୟକମାନେ ଅସମ୍ପୂର୍ଣ୍ଣ ଓ ଭ୍ରମାତ୍ମକ 'ଲକ୍ଷ୍ମୀ ପୁରାଣ' ଗାନ କରି ଆସୁଛନ୍ତି । ଯାହାଫଳରେ ଘରେ ଘରେ ମହିଳାମାନେ ବଳରାମ ଦାସଙ୍କ ମୂଳ ରଚନାରୁ ବିଚ୍ୟୁତ ହୋଇ ବିକୃତ ସଂସ୍କରଣ ପାଠ କରୁଛନ୍ତି । ବଜାରେ ମିଳୁଥିବା ସଂସ୍କରଣରେ ମହାକବି ବଳରାମ ଦାସଙ୍କ ଅନେକ ଗୁରୁତ୍ୱପୂର୍ଣ୍ଣ ମୂଳ ଭାବଧାରା ଅଦୃଶ୍ୟ। ତେଣୁ ଯାହା ଭୁଲ୍ ଭାବେ ପ୍ରଚଳିତ ହୋଇଛି, ତାହା ଏବେ ବନ୍ଦ ହେବା ଉଚିତ୍ ବୋଲି ସେ ଦାବି କରିଛନ୍ତି । ସେପଟେ ଆଜି ନୂଆ ସଂଶୋଧିତ ଲକ୍ଷ୍ମୀ ପୁରାଣ କିପରି ହେବ ଓ ସ୍ୱର ଓ ଛାନ୍ଦ କିପରି ହେବା ଉଚିତ ସେନେଇ ମଞ୍ଚରେ ଗାଇ ଶୁଣାଇଥିଲେ ବିଶିଷ୍ଟ ଜଗନ୍ନାଥ ଗବେଷକ ଗୌରାଙ୍ଗ ଚରଣ ଦାଶ। ଅନ୍ୟପଟେ ୩୪ ବର୍ଷ ତଳେ ଚଟି ଲକ୍ଷ୍ମୀ ପୁରାଣ ବହି ରୁ ଗୀତ ପ୍ରସ୍ତୁତ କରିଥିବା ସୀତାରାମ ଅଗ୍ରୱାଲ ପୁରୁଣା ଭୁଲ୍‌କୁ ସ୍ୱୀକାର କରିବା ସହ ନୂଆ ଗୀତକୁ ଭବ୍ୟ ଦିବ୍ୟ ଭାବେ ରଚନା କରିବାକୁ ଆଶାୟୀ ଅଛନ୍ତି ବୋଲି କହିଛନ୍ତି। ବଳରାମ ଦାସଙ୍କ ମୂଳ ରଚିତ ଲକ୍ଷ୍ମୀ ପୂରାଣର ନୂଆ ଗୀତ ରେକର୍ଡ ହେବ। ଗୀତା ଦାସ ଓ ନମିତା ଅଗ୍ରୱାଲ ମିଶି ଗାଇବେ। ଘରେ ଘରେ ପହଞ୍ଚିବ ନୂଆ ବଳରାମ ଦାସଙ୍କ ମୂଳ ପରିମାର୍ଜିତ ଲକ୍ଷ୍ମୀ ପୂରାଣ । ଆସନ୍ତା ମାଣବସା ଗୁରୁବାରରେ ପରିମାର୍ଜିତ ହୋଇଥିବା ଲକ୍ଷ୍ମୀ ପୁରାଣ ଆସିବ।



# ଶ୍ରୀଅଲାରନାଥ





***ଅଣସର ସମୟରେ ପୁରୀରେ ଶ୍ରୀଜିଉଙ୍କୁ ଦର୍ଶନ ନ କରି ପାରି ଏହିଠାରେ ହିଁ ଅପରୂପ ମୂର୍ତ୍ତି ଅଲାରନାଥଙ୍କୁ ଦର୍ଶନ କରି ଥିଲେ ଅଲାବିନ୍ଦାଚାର୍ଯ୍ୟ। ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ ଏହି ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ, ତତ୍କାଳରେ ଏହାଙ୍କୁ ଆଲୋୟାର ବା ଆଲବର ସମ୍ପ୍ରଦାୟ କୁହାଯାଉଥିଲା।***



ମହାପ୍ରଭୁଙ୍କ ଲୀଳା ଅନନ୍ୟ। ତାଙ୍କ ମହିମା କୃପାକଟାକ୍ଷ ବର୍ଣ୍ଣନା କରିବା ଅସମ୍ଭବ। ମହାପ୍ରଭୁ, ଦାରୁବ୍ରହ୍ମଙ୍କ ୧୦୮ ଗରା ସୁବାସିତ ସୁନାକୂଅ ଜଳରେ ସ୍ନାନ ସମ୍ପନ୍ନ ପରେ ଶ୍ରୀଜିଉଙ୍କୁ ଜ୍ୱର ହୋଇଛି। ସେ ହେଉଛନ୍ତି ମାନବୀୟ ଲୀଳାର ଠାକୁର। ତାଙ୍କୁ କିଏ ବା କଳନା କରିପାରିବ। ତେବେ ଆବହମାନ ସମୟରୁ ବିଶ୍ୱାସ ରହିଛି ଶ୍ରୀ ଅଲାରନାଥଙ୍କୁ ଦର୍ଶନ କଲେ କୋଟି ପୁଣ୍ୟର ଫଳ ମିଳିଥାଏ। ବ୍ରହ୍ମଗିରି ପାଲଟିଥାଏ ଦ୍ୱିତୀୟ କ୍ଷେତ୍ର। ଲକ୍ଷ ଲକ୍ଷ ଭକ୍ତଜନଙ୍କର ଏହି କ୍ଷେତ୍ରକୁ ଗହଳି ଲାଗି ରହିଥାଏ। ମହାପ୍ରଭୁଙ୍କୁ ଟିକିଏ ଅଲାରନାଥଙ୍କ ରୂପରେ ଦେଖି ନିଜକୁ କୋଟି ଭାଗ୍ୟବାନ ମନେକରିଥାନ୍ତି। ଶ୍ରୀଜଗନ୍ନାଥଙ୍କୁ ଅନ୍ୟ ଦେବଦେବୀ ସହ ତୁଳନା କରାଯାଇ ନପାରେ। ଆଧାତ୍ମିକ ଜଗତର ଧ୍ରୁବତାରା ସଦୃଶ ଚିର ଦେପୀପ୍ୟମାନ । ଜଗନ୍ନାଥଙ୍କର ବ୍ରହ୍ମବସ୍ତୁ ଜ୍ୟୋତିର୍ମୟ ପ୍ରକାଶଶୀଳ ଓ ଅପୌରୁଷେୟ ଅପ୍ରାକୃତ ବସ୍ତୁ। ଶ୍ରୀଜୀଉଙ୍କ ଅନବସର କାଳରେ ସାଧାରଣ ଦର୍ଶନ ସମ୍ଭବ ହୋଇନଥାଏ । ମନ୍ଦିରରେ ପୂଜା ପାଆନ୍ତି ପଟିଦିଅଁ । ତେବେ ଶ୍ରୀଜଗନ୍ନାଥ ଦର୍ଶନର ପୁଣ୍ୟ ଲାଭ ହୁଏ ପ୍ରଭୁ ଅଲାରନାଥଙ୍କ ଦର୍ଶନରେ। ଶ୍ରୀ ଜଗନ୍ନାଥଙ୍କର ମୂଳ ବିଗ୍ରହ ନୀଳମାଧବଙ୍କର ଯେଉଁ ରୂପ ବର୍ଣ୍ଣନା ଇନ୍ଦ୍ର ନୀଳମଣି ପୁରାଣ, ସ୍କନ୍ଦ ପୁରାଣ, କପିଳ ସଂହିତା, ବାମଦେବ ସଂହିତା ଓ ନୀଳାଦ୍ରି ମହୋଦୟରେ ହୋଇଛି, ସେ ସବୁ ପ୍ରତିମା ଲକ୍ଷଣ ଅଲାରନାଥ ବିଗ୍ରହରେ ପ୍ରତିଭାତ । ଅଣସର ସମୟରେ ପୁରୀରେ ଶ୍ରୀଜିଉଙ୍କୁ ଦର୍ଶନ ନ କରି ପାରି ଏହିଠାରେ ହିଁ ଅପରୂପ ମୂର୍ତ୍ତି ଅଲାରନାଥଙ୍କୁ ଦର୍ଶନ କରି ଥିଲେ ଅଲାବିନ୍ଦାଚାର୍ଯ୍ୟ। ହିନ୍ଦୁଧର୍ମର ପ୍ରଚାରକ ରୂପେ ଶ୍ରୀ ସମ୍ପ୍ରଦାୟର ଦ୍ୱାଦଶ ପୂର୍ବସୂରୀ ପରମ ବିଷ୍ଣୁଭକ୍ତ ପାର୍ଷଦଗଣ ଏହି ପୀଠରେ ଅବସ୍ଥାନ ପୂର୍ବକ ବ୍ରହ୍ମାକର୍ତ୍ତୃକ ପ୍ରତିଷ୍ଠିତ ଚତୁର୍ଭୁଜ ଜନାର୍ଦ୍ଦନ ବିଷ୍ଣୁଙ୍କୁ ପଞ୍ଚରାତ୍ର ବିଧିରେ ପୂଜାର୍ଚ୍ଚନା କରୁଥିଲେ, ତତ୍କାଳରେ ଏହାଙ୍କୁ ଆଲୋୟାର ବା ଆଲବର ସମ୍ପ୍ରଦାୟ କୁହାଯାଉଥିଲା। ଉକ୍ତ ଆଲବରମାନଙ୍କର ପ୍ରଭୁ ଶ୍ରୀମନ୍ନାରାୟଣ କ୍ରମଶଃ ଆଲବର ନାଥ, ଆଲାରନାଥ - ଅଲାରନାଥ ନାମରେ ବହୁ ପ୍ରସିଦ୍ଧି ଲାଭ କଲେ। ମହାଅଣସର ସମୟରେ ଅଲାରନାଥ ଦର୍ଶନ ଏକ ବିଧି । ସର୍ବଧର୍ମ, ସର୍ବମତ ସମସ୍ତ ଚିନ୍ତା ଚେତନାର ସେ ପ୍ରତୀକ। ଅନନ୍ତ ଚେତନାର ଅମିତ ଭାବର ମହାପ୍ରଭୁ ଯୁଗେ ଯୁଗେ ଆମ ସମସ୍ତଙ୍କୁ କୃପା କରି ଚାଲିଥାନ୍ତୁ ଏହା ହିଁ ପ୍ରାର୍ଥନା।

**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**
**ଧବଳେଶ୍ୱର, କଟକ, ଦୂରଭାଷ : ୯୭୭୮୪୪୯୧୧୯**







## ବିଷ୍ଣୁଙ୍କୁ ନାରାୟଣ ଓ ହରି କାହିଁକି କୁହାଯାଏ ?



ହିନ୍ଦୁ ଧର୍ମରେ ଭଗବାନ ବିଷ୍ଣୁଙ୍କୁ ସବୁଠାରୁ ଅଧିକ ପୂଜା କରାଯାଏ। କେହି ତାଙ୍କୁ ବିଷ୍ଣୁ ଭାବରେ ପୂଜା କରନ୍ତି, କେହି ତାଙ୍କୁ କୃଷ୍ଣ କିମ୍ବା ରାମ ଭାବରେ ପୂଜା କରନ୍ତି। ଧର୍ମର ସୁରକ୍ଷା ପାଇଁ, ଭଗବାନ ବିଷ୍ଣୁ ସମୟ ସମୟରେ ଅନେକ ଅବତାର ନେଇଥିଲେ ଏବଂ ଏହି ପୃଥିବୀକୁ ପାପରୁ ମୁକ୍ତ କରିଥିଲେ। ବେଦ ବ୍ୟାସଙ୍କ ଦ୍ୱାରା ଲିଖିତ ଭବିଷ୍ୟ ପୁରାଣରେ କୁହାଯାଇଛି ଯେ କଳିଯୁଗରେ ମଧ୍ୟ ବିଷ୍ଣୁ ପୁନର୍ବାର କଳ୍କୀ ଅବତାର ଗ୍ରହଣ କରିବେ। ତ୍ରାଣକର୍ତ୍ତା ଭଗବାନ ବିଷ୍ଣୁଙ୍କ ସବୁଠାରୁ ବଡ଼ ଭକ୍ତ, ଋଷି ନାରଦ ତାଙ୍କୁ କେବଳ ନାରାୟଣ ବୋଲି ଡାକୁଛନ୍ତି। ଏହା ବ୍ୟତୀତ ତାଙ୍କୁ ଅନନ୍ତ ନାରାୟଣ, ସତ୍ୟ ନାରାୟଣ, ଲକ୍ଷ୍ମୀ ନାରାୟଣ, ଶେଷ ନାରାୟଣ ନାମରେ ମଧ୍ୟ କୁହାଯାଏ। କିନ୍ତୁ ମୂଳ କଥା ହେଉଛି ଯେ ନାରାୟଣଙ୍କୁ ଏହି ସମସ୍ତ ନାମ ସହିତ ଯୋଡ଼ା ଯାଇଛି। ସେଥିପାଇଁ ନାରାୟଣଙ୍କୁ ବିଷ୍ଣୁ କୁହାଯାଏ। ପୌରାଣିକ କଥା ଅନୁସାରେ, ଜଳ ଦେବତା ବରୁଣ ଭଗବାନ ବିଷ୍ଣୁଙ୍କ ପାଦରୁ ଜନ୍ମ ହୋଇଥିଲେ ଏବଂ ଦିବ୍ୟ ଗଙ୍ଗା ନଦୀ ମଧ୍ୟ ତାଙ୍କ ପାଦରୁ ବାହାରିଥିଲା, ଯାହାକୁ ଆମେ ବିଷ୍ଣୁପାଦୋଦକୀ ନାମରେ ମଧ୍ୟ ଜାଣୁ। 'ଭଗବାନ ବିଷ୍ଣୁ ଜଳରେ ବାସ କରନ୍ତି' ଜଳର ଅନ୍ୟ ନାମ ନୀର। ଭଗବାନ ବିଷ୍ଣୁଙ୍କ ଆବାସ (ଆୟନ) ମଧ୍ୟ ସମୁଦ୍ର (ନର)ରେ ବୋଲି କୁହାଯାଏ। ଏହି କାରଣରୁ ଜଳ ଆଧାରରେ ତାଙ୍କର ନାମ ନାରାୟଣ ହୋଇଥିଲା। ତେଣୁ ନାରାୟଣଙ୍କ ଅର୍ଥ ଜଳରେ ବାସ କରୁଥିବା ଦେବତା। ହରି ଶବ୍ଦର ଅର୍ଥ ହେଉଛି ଯିଏ ମନକୁ ଜୟ କରନ୍ତି। ଶାସ୍ତ୍ରରେ କୁହାଯାଇଛି ଯେ 'ହରି ହରତି ପାପାନି' ଅର୍ଥାତ୍ ବିଷ୍ଣୁ ପାପ ବିନାଶ କରନ୍ତି। ତାଙ୍କର ସବୁଠାରୁ ପ୍ରିୟ ତିଥି ହେଉଛି ଏକାଦଶୀ। ଯାହାର ହିନ୍ଦୁ ଧର୍ମରେ ଅପାର ଗୁରୁତ୍ୱ ଅଛି। ଏହି ଦିନ ଉପବାସ କରିବା ଦ୍ୱାରା ବ୍ୟକ୍ତିର ସମସ୍ତ ଜନ୍ମର ପାପ ନଷ୍ଟ ହୋଇଯାଏ ବୋଲି ବିଶ୍ୱାସ ରହିଛି।

### ଭଗବାନ ମହାବୀରଙ୍କର ଚମତ୍କାର ବିଧି

## ଆଧୁନିକ ଚିକିତ୍ସାକୁ ଦେଇଛିମାତ୍ !

ଭଗବାନ ମହାବୀରଙ୍କର ଏକ ଭୋଜନର ଚମତ୍କାରିତା ରହିଛି । ଯାହା ମହୌଷଧୀ ସମାନ ସାବ୍ୟସ୍ତ ହୋଇଛି । ଅତ୍ୟାଧୁନିକ ଚିକିତ୍ସା ପ୍ରଣାଳୀକୁ ମାତ୍ ଦେଇଛି ଏହି ପ୍ରାଚୀନ ବିଧି । ତେବେ କଣ ସେହି ଆହାର ବିଧି ଜାଣନ୍ତୁ ଏହି ନିବନ୍ଧରେ । ଭଗବାନ ମହାବୀର ଦିନକୁ ଥରେ ଭୋଜନ ଗ୍ରହଣ କରିଥାନ୍ତି । ହଜମ ଶକ୍ତି ବଢାଇବା ଓ ଖାଦ୍ୟ ନଷ୍ଟକୁ କମ୍ କରିବା ଦିଗରେ ଏହା ସାହାଯ୍ୟ କରିଥାଏ । ଏହି ଆୟୁର୍ବେଦିକ ସିଦ୍ଧାନ୍ତ ଉପରେ ଆଧାରିତ ଥିଲା । ଯାହାର ପ୍ରୟାସ ଆଜି ବି ଆଧୁନିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଉପଯୋଗ କରାଯାଉଛି । ଦିନକୁ ଥରେ ଭୋଜନ କରିବା ଭୋକରେ ମରିବା ନୁହେଁ ବରଂ ଆଧାତ୍ମିକ ଅନୁଶାସନ ଥିଲା । ଭଗବାନ ମହାବୀରଙ୍କ ଅନୁସାରେ ନୀରୋଗ ରହିବାର ବାର୍ତ୍ତା ଦେଉଥାଏ । ଜଣେ କାନାଡିୟାନ ନେଫ୍ରୋଲେଜିଷ୍ଟ ତଥା ଏକ୍ସପର୍ଟ ଜାସନ୍ ଫଙ୍ଗଙ୍କ ଦ୍ୱାରା କରାଯାଇଥିବା ଗବେଷଣାରୁ ଏହା ଜଣାପଡ଼ିଛି । ସକାଳ ଜଳଖିଆ ମନା- ଭଗବାନ ମହାବୀର ପ୍ରାଚୀନ ସମୟରେ ବହୁତ ବଡ଼ ଥିଲେ । ଖାଇବା ବିରୋଧରେ ଆନ୍ଦୋଳନ ତାଙ୍କର ଶିକ୍ଷାର ବାର୍ତ୍ତା ଦେଇଛି । ବିଳମ୍ବରେ ଖାଇବା ପାଚନ ଶକ୍ତିରେ ସୁଧାର ଆଣିଥାଏ ବୋଲି ବର୍ତ୍ତା ଦିଏ । ଭଗବାନ ମହାବୀରଙ୍କ ଉଦ୍ଭିଜାତ ଖାଦ୍ୟରେ ଶୁଦ୍ଧତା ରହିଛି । ଯାହା ନୀରୋଗ ରଖିଥାଏ । ଶରୀରକୁ ଶକ୍ତି ଦେଇଥାଏ । ଭଗବାନ ମହାବୀର ବିଶ୍ୱାସ କରନ୍ତି ଯେ, ଆହାର ଦ୍ୱାରା ପ୍ରାଣ ସଂରକ୍ଷଣ ହୋଇଥାଏ । ଯୋଗ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟରେ ଏକାଗ୍ରତା ଆସିଥାଏ । କମ୍ ଖାଇବାର ସିଦ୍ଧାନ୍ତ ଏବେ ବ୍ଲୁ ଜୋନ୍ ଅନୁସନ୍ଧାନ ଦ୍ୱାରା ସମର୍ଥିତ । ଶତାୟୁ ରହିବାକୁ ହେବେ କମ୍ ଖାଇବା ଦରକାର ବୋଲି ବିଶ୍ୱାସ କରାଯାଏ । କେବେ ବି ଅଧିକ୍ ଖାଇବା କଥା ନୁହେଁ । ଅଧିକ ଖାଇବା ଦ୍ୱାରା କୋଷ୍ଠକାଠିନ୍ୟ ସମସ୍ୟା ହୋଇପାରେ । କମ୍ ଖାଇବା ସହିତ ଇଣ୍ଟରମିଡେଏଟ ଫାଷ୍ଟିଙ୍ଗ କରିବା ମାନସିକ ଶକ୍ତି ବୃଦ୍ଧି ହୋଇଥାଏ । ମସ୍ତିଷ୍କରେ ଅଭିବୃଦ୍ଧି ହୋଇଥାଏ । ଭଗବାନ ମହାବୀରଙ୍କ ଅନୁସାରେ ଧ୍ୟାନପୂର୍ବକ ଭୋଜନ କରିବା ଦ୍ୱାରା ଆନନ୍ଦ ମିଳିଥାଏ ।



**ଭଗବାନ ମହାବୀର ପ୍ରାଚୀନ ସମୟରେ ବହୁତ ବଡ଼ ଥିଲେ । ଖାଇବା ବିରୋଧରେ ଆନ୍ଦୋଳନ ତାଙ୍କର ଶିକ୍ଷାର ବାର୍ତ୍ତା ଦେଇଛି । ବିଳମ୍ବରେ ଖାଇବା ପାଚନ ଶକ୍ତିରେ ସୁଧାର ଆଣିଥାଏ ବୋଲି ବର୍ତ୍ତା ଦିଏ । ଭଗବାନ ମହାବୀରଙ୍କ ଉଦ୍ଭିଜାତ ଖାଦ୍ୟରେ ଶୁଦ୍ଧତା ରହିଛି । ଯାହା ନୀରୋଗ ରଖିଥାଏ ।**

### ମୃତ୍ୟୁ ସମୟରେ ଥିଲେ ୪ ଜିନିଷ

# ମିଳିବନି ଯମରାଜଙ୍କ ଦଣ୍ଡ



ଆମେ ପ୍ରାୟତଃ ଶୁଣୁଥାଉ ଯେ, ଜଣେ ବ୍ୟକ୍ତି ନିଜ କାର୍ଯ୍ୟ ଅନୁଯାୟୀ ଫଳାଫଳ ପାଇଥାଏ। ଖରାପ କାର୍ଯ୍ୟ କଲେ ଜଣେ ବ୍ୟକ୍ତି ନିଶ୍ଚିତ ଭାବରେ ନିଜ କାର୍ଯ୍ୟର ପରିଣାମ ଭୋଗିବାକୁ ପଡେ। କେବଳ ଜୀବନକାଳରେ ନୁହେଁ ମୃତ୍ୟୁ ପରେ ମଧ୍ୟ ଜଣେ ବ୍ୟକ୍ତି ନିଜ କାର୍ଯ୍ୟ ଅନୁଯାୟୀ ଫଳାଫଳ ପାଇଥାଏ। ଗରୁଡ ପୁରାଣରେ ଏହା ମଧ୍ୟ ଉଲ୍ଲେଖ କରାଯାଇଛି। ଗରୁଡ ପୁରାଣ ହେଉଛି ସନାତନ ହିନ୍ଦୁ ଧର୍ମର ଏପରି ଏକ ପୁସ୍ତକ ଯେଉଁଥିରେ ଜୀବନ-ମୃତ୍ୟୁ ଏବଂ ସ୍ୱର୍ଗ-ନର୍କ ବିଷୟରେ କୁହାଯାଇଛି। କୁହାଯାଇଛି ଯେ, ଜଣେ ମୃତ ବ୍ୟକ୍ତି ମଧ୍ୟ ନିଜ କାର୍ଯ୍ୟ ଅନୁଯାୟୀ ସ୍ୱର୍ଗ କିମ୍ବା ନରକ ପାଇଥାଏ। ସେଥିପାଇଁ ମୃତ ପରିବାର ସଦସ୍ୟଙ୍କ ପାଇଁ ଘରେ ୧୩ ଦିନ ଗରୁଡ ପୁରାଣ ପାଠ କରିବାର ଏକ ନିୟମ ଅଛି, ଯାହାଫଳରେ ମୃତ ବ୍ୟକ୍ତିଙ୍କ ଆତ୍ମା ପରିତ୍ରାଣ ପାଇପାରିବ। ଗରୁଡ ପୁରାଣରେ କୁହାଯାଇଛି ଯେ, ମୃତ୍ୟୁ ପରେ ଆତ୍ମା ସହିତ କ'ଣ ହେବ। ଏହା ବ୍ୟକ୍ତିର କର୍ମ ଉପରେ ନିର୍ଭର କରେ। କିନ୍ତୁ ଯଦି କିଛି ଜିନିଷ ମୃତ ବ୍ୟକ୍ତିଙ୍କ ନିକଟରେ ରଖାଯାଏ, ତେବେ ଯମରାଜ ତାଙ୍କ ପାପ କ୍ଷମା କରନ୍ତି ଏବଂ ତାଙ୍କୁ ଦଣ୍ଡ ଦିଅନ୍ତି ନାହିଁ। ସେହି ଜିନିଷଗୁଡ଼ିକ କ'ଣ



**ଗଙ୍ଗା ଜଳ:** ଶାସ୍ତ୍ରରେ, ଗଙ୍ଗା ଜଳ ମୋକ୍ଷ ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଇଛି। ଯଦି ଜଣେ ବ୍ୟକ୍ତିଙ୍କ ମରିବା ପୂର୍ବରୁ ଗଙ୍ଗା ଜଳକୁ ପାଟିରେ ରଖାଯାଏ, ତେବେ ଏହା ଶରୀରକୁ ଶୁଦ୍ଧ କରିଥାଏ। ଏହି କାରଣରୁ, ଜଣେ ବ୍ୟକ୍ତିଙ୍କୁ ମୃତ୍ୟୁ ପରେ ଯମଲୋକରେ ଦଣ୍ଡର ସମ୍ମୁଖୀନ ହେବାକୁ ପଡିବ ନାହିଁ।

**ତୁଳସୀ:** ତୁଳସୀ ପତ୍ର ମୃତ୍ୟୁ ପୂର୍ବରୁ ବ୍ୟକ୍ତିଙ୍କ ପାଟିରେ ରଖାଯାଏ। ହିନ୍ଦୁ ଧର୍ମରେ ତୁଳସୀଙ୍କୁ ପବିତ୍ର ଏବଂ ପୂଜା ମଧ୍ୟ କରାଯାଏ। ମୃତ୍ୟୁ ପୂର୍ବରୁ ତୁଳସୀ ଗଙ୍ଗା ଜଳ ସହିତ ମିଶ୍ରିତ ବ୍ୟକ୍ତିଙ୍କ ପାଟିରେ ଦିଆଯାଏ। ଗରୁଡ ପୁରାଣ ଅନୁଯାୟୀ, ମୃତ ବ୍ୟକ୍ତିଙ୍କ ମୁଣ୍ଡ ନିକଟରେ ତୁଳସୀ ଗଛ କିମ୍ବା ପତ୍ର ରଖିବା ଦ୍ୱାରା ଜଣେ ବ୍ୟକ୍ତି ନିଜ ଜୀବନକୁ ତ୍ୟାଗ କରିବା ସହଜ କରିଥାଏ।



**ଶ୍ରୀମଦ୍‌ଭଗବତ ଗ୍ରନ୍ଥ:** ଯଦି କୌଣସି ବ୍ୟକ୍ତିଙ୍କର ମୃତ୍ୟୁ ହୋଇଛି କିମ୍ବା ଯଦି ଏହା ଅନୁଭବ କରାଯାଏ ଯେ ବ୍ୟକ୍ତି ଜଣକ ନିଜ ଜୀବନ ତ୍ୟାଗ କରିବାକୁ ଯାଉଛନ୍ତି, ତେବେ ଶ୍ରୀମଦ୍‌ଭଗବତ କିମ୍ବା ଅନ୍ୟ କୌଣସି ଧାର୍ମିକ ଗ୍ରନ୍ଥ ତାଙ୍କ ସାମ୍ନାରେ ରଖାଯିବା ଉଚିତ କିମ୍ବା ଏହାକୁ ପଢିବା ଉଚିତ୍। ଏହା କରିବା ଦ୍ୱାରା ସେ ମୃତ୍ୟୁ ପରେ ଯମରାଜଙ୍କ ଦଣ୍ଡରୁ ମୁକ୍ତି ପାଇବେ ଏବଂ ତାଙ୍କୁ ମୋକ୍ଷପ୍ରାପ୍ତ ହେବ।

### ହିନ୍ଦୁ ଧର୍ମରେ ପୁରୁଷମାନେ କାହିଁକି

## ପିନ୍ଧନ୍ତି ପଇତା





ହିନ୍ଦୁ ଧାର୍ମିକ ଶାସ୍ତ୍ରରେ ଶୌଚାଚାରକୁ ନେଇ କିଛି ନିୟମ ଉଲ୍ଲେଖ କରାଯାଇଛି, ଯାହାର ବୈଜ୍ଞାନିକ ମହତ୍ତ୍ୱ ମଧ୍ୟ ରହିଛି। ତେବେ ହିନ୍ଦୁ ଧର୍ମରେ କାହିଁକି ପୁରୁଷମାନେ ପିନ୍ଧନ୍ତି ପଇତା, ଆସନ୍ତୁ ଜାଣିବା ଏହା ପଛର ବିଶ୍ୱାସ ଓ ବିଜ୍ଞାନ... ହିନ୍ଦୁ ଧର୍ମରେ ପ୍ରତ୍ୟେକ ହିନ୍ଦୁଙ୍କର କର୍ତ୍ତବ୍ୟ ହେଉଛି ପଇତା ପିନ୍ଧିବା ଏବଂ ଏହାର ନିୟମ ପାଳନ କରିବା। ପଇତା ଧାରଣ କରିବା ପରେ ଦ୍ୱିଜ ବାଳକଙ୍କୁ ଯଜ୍ଞ କାର୍ଯ୍ୟ କରିବାର ଅଧିକାର ପ୍ରାପ୍ତ ହୋଇଥାଏ। ପଇତାର ସଂସ୍କାର ହିନ୍ଦୁ ଧର୍ମର ପ୍ରମୁଖ ୨୪ଟି ସଂସ୍କାର ମଧ୍ୟରୁ ସ୍ୱତନ୍ତ୍ର। ଏହାକୁ 'ଉପନୟନ' ବା 'ଯଜ୍ଞୋପବୀତ ସଂସ୍କାର' ମଧ୍ୟ କୁହାଯାଇଥାଏ। ପବିତ୍ର ଧଳା ସୂତାରେ ନିର୍ମିତ ହୋଇଥାଏ ପଇତା। କିଛି ବର୍ଷ ପୂର୍ବରୁ ଲଣ୍ଡନରେ ହୋଇଥିବା ଏକ ରିସର୍ଚ୍ଚ ଅନୁଯାୟୀ ହିନ୍ଦୁମାନେ ମଳ-ମୂତ୍ର ତ୍ୟାଗ କରିବା ସମୟରେ କାନରେ ପଇତା ଦେବାର ବୈଜ୍ଞାନିକ କାରଣ ମଧ୍ୟ ରହିଛି। ଗବେଷଣା ଅନୁଯାୟୀ ଶୌଚ ସମୟରେ କାନରେ ପଇତା ଦେବା ଦ୍ୱାରା କାନ ପାଖରେ ଯାଉଥିବା ସ୍ନାୟୁ ଉପରେ ପ୍ରଭାବ ପଡ଼ିଥାଏ। ପଇତା ପିନ୍ଧିଥିବା ଲୋକମାନଙ୍କ ନିକଟରେ ହୃଦୟ ସମ୍ବନ୍ଧିତ ରୋଗ ଏବଂ ବ୍ଲଡପ୍ରେସର ସମସ୍ୟା ଦେଖାଯାଇନଥାଏ। ପଇତା ଦ୍ୱାରା ଶରୀରରେ ରକ୍ତ ସଂଚାଳନ ସଠିକ୍ ରୂପେ ହୋଇଥାଏ।

## ଜଙ୍ଗଲ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା

କୁଚିଣ୍ଡା,(ନିପ୍ର): ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ବନ୍ୟପ୍ରାଣୀ ବନ୍ୟାଞ୍ଚଳ ଅଧୀନସ୍ଥ ମହୁଲପାଲି ସେକ୍ସନର ଲାଙ୍ଗପୋଷ ଠାରେ ବୁଧବାର ୭୭ ତମ ବନମହୋତ୍ସବ ପାଳିତ ହୋଇଯାଇଛି। ବାମରା ବନ୍ୟପ୍ରାଣୀ ବନଖଣ୍ଡ ଓ କୁଚିଣ୍ଡା ତାଲୁକ ଆଇନସେବା କମିଟିର ମିଳିତ ଆନୁକୁଲ୍ୟରେ ହୋଇଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ତାଲୁକ ଆଇନସେବା କମିଟି ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଡ.ପ୍ରଭାକର ଗାଣ୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ବୃକ୍ଷ ହିଁ ଜୀବନ। ଜଙ୍ଗଲ ବଞ୍ଚିଲେ ଯାଇ ମଣିଷ ବଞ୍ଚିବ।ତେଣୁ ଜଙ୍ଗଲ ସୁରକ୍ଷା ପାଇଁ ବ୍ୟାପକ ଜନସଚେତନତା ଆବଶ୍ୟକ।ଜଙ୍ଗଲ ବୃଦ୍ଧି ହେଲେ ମଣିଷକୁ ଭରପୁର ଅମ୍ଳଜାନ ମିଳିଥାଏ ଓ ପରିବେଶ ସୁସ୍ଥ ରହିଥାଏ। କାର୍ଯ୍ୟକ୍ରମରେ ବାମରା ଏମସିଏଫ ରେଶ୍ମା ଲାକ୍ରା, କୁଚିଣ୍ଡା ଏସଡିପିଓ ପ୍ରଦୀପ କୁମାର ଦାଶ,ତାଲୁକ ଆଇନସେବା କମିଟିର ସଦସ୍ୟ ଡ଼ା.ଶରତ ଚନ୍ଦ୍ର ଗୌନ୍ତିଆ ଓ କରୁଣାକର କିଷାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ବନମହୋତ୍ସବର ଉଦ୍ଦେଶ୍ୟ ଓ ବୃକ୍ଷର ଉପକାରିତା ଉପରେ ବକ୍ତବ୍ୟ ରଖିଥିଲେ। ପରେ ବିଭିନ୍ନ ପ୍ରଜାତିର ଚାରାରୋପଣ କରାଯାଇଥିଲା।

**ଭାପୁର:** ଭାପୁର ବ୍ଲକ ବିଜିପୁର ଗ୍ରାମରେ ଅବସ୍ଥିତ ରାମଚନ୍ଦ୍ର ସାହୁ ସରକାରୀ ଉଚ୍ଚବିଦ୍ୟାଳୟରେ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଏ



ଅବସରରେ ବିଭିନ୍ନ ଉପକାରୀ ଗଛ ଯଥା ଅଁଳା, ଅଶୋକ,ଆମ୍ବ ଆଦି ପ୍ରତିରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ କୁମାର ମାର୍ଥାଙ୍କ ତତ୍ତ୍ୱାବଧାନରେ ବିଜିପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବାସନ୍ତୀ ପରିଡ଼ା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ସୁଶାନ୍ତ କୁମାର ନନ୍ଦ ଏବଂ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷକ ହାଡ଼ିବନ୍ଧୁ ଦାଶ, ଅଙ୍ଗନୱାଡି କର୍ମୀ ତଥା ବିଦ୍ୟାଳୟ ପରିଚାଳନା ଓ ବିକାଶ କମିଟିର ପୂର୍ବତନ ସଦସ୍ୟା ରୀନା ସାହୁ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମିଳିତ ସହଯୋଗରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ନୂତନ ରୂପେ ଯୋଗଦେଇଥିବା ପ୍ରଧାନଶିକ୍ଷକ ଶ୍ରୀ ମାର୍ଥା ଏବଂ କିରାଣୀ ସରୋଜ କୁମାର ସାହୁଙ୍କୁ ଆନୁଷ୍ଠାନିକ ଭାବରେ ଉପୋରକ୍ତ କର୍ମକର୍ତ୍ତା ମାନଙ୍କ ଦ୍ୱାରା ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା ।

## ଏକ ପେଡ଼ ମା' କେ ନାମ

କୃଷ୍ଣପ୍ରସାଦ,(ନିପ୍ର):ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତର ଗୋପାଳପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ୭୭ ତମ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ଏକ ପେଡ଼ ମା କେ ନାମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ତରଫରୁ ନୂଆପଡ଼ା ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରୀ ସୂର୍ଯ୍ୟକାନ୍ତ ମହାରଣାଙ୍କ ନେତୃତ୍ୱରେ ଏହି ଚାରା ରୋପଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଝୁନୁଲତା ତରେଇଙ୍କ ସଭାପତିତ୍ୱରେ ଏକ ସଚେତନତା ସଭାର ଆୟୋଜନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସିଆଣ୍ଡି ପଞ୍ଚାୟତ ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ,ସମିତିସଭ୍ୟ ଲଳିତ କୁମାର ତରେଇ, ପୁରୀ ସାଂସଦଙ୍କ ପ୍ରତିନିଧି ହରିହର ଦାଶ, ଗ୍ରୀନ ପାରିକୁଦ ସଂଗଠନର ଗଛ ମଣିଷ ଭାବେ ପରିଚିତ ଅମିତା ତରେଇ, ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନିରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇ ଜଳବାୟୁ ପରିବର୍ତ୍ତନକୁ ରୋକିବାକୁ ହେଲେ ବ୍ୟାପକ ଚାରା ରୋପଣ କରି ତାହାର ଯତ୍ନ ନେବା ଆବଶ୍ୟକ ବୋଲି ଅତିଥି ମାନେ କହିଥିଲେ । ବିଦ୍ୟାଳୟ ପରିସରରେ ଅଁଳା,ସୀତାଫଳ, ଲେମ୍ବୁ, ଅମୃତଭଣ୍ଡା, ସଜନା, ଡାଳିମ୍ବ ଆଦି ୨ଶହରୁ ଉର୍ଦ୍ଧ୍ୱ ବୃକ୍ଷ ରୋପଣ କରାଯାଇଥିଲା ।

## କୁଚିଣ୍ଡା ମହାବିଦ୍ୟାଳୟର ୬୩ ତମ ପ୍ରତିଷ୍ଠା ଦିବସ

କୁଚିଣ୍ଡା(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡର ସର୍ବପୁରାତନ କୁଚିଣ୍ଡା ମହାବିଦ୍ୟାଳୟର ୬୩ତମ ପ୍ରତିଷ୍ଠା ଦିବସ ଗୁରୁବାର କଲେଜ ପ୍ରେକ୍ଷାଳୟରେ ପାଳିତ ହୋଇଯାଇଛି। ପ୍ରଥମେ ମହାବିଦ୍ୟାଳୟ ପ୍ରତିଷ୍ଠା କରିଥିବା ଦିବଙ୍ଗତ ଆତ୍ମା ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ତାଙ୍କର ଅମର ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡ.ପ୍ରମୋଦ କୁମାର ସ୍ୱାଇଁ ସଭାପତିତ୍ୱ କରି ୧୯୬୪ ଜୁଲାଇ ୨ରେ ପ୍ରତିଷ୍ଠା ହୋଇଥିବା ମବିଦ୍ୟାଳୟର ଗାରିମାମୟ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଆଲୁମୁନି ଆସୋସିଏସନ ସଭାପତି ପ୍ରଫୁଲ୍ଲ କୁମାର ସାହୁ,ରସାୟନ ବିଜ୍ଞାନ ବିଭାଗ ମୁଖ୍ୟ ଡ.ସୁମନ୍ତ କୁମାର ପଟେଲ, ଇଂରାଜୀ ବିଭାଗ ମୁଖ୍ୟ ଡ.ପ୍ରକାଶ ପଟେଲ ସମ୍ମାନିତ ଅତିଥିଭାବେ ଯୋଗଦେଇ କଲେଜ ପ୍ରତିଷ୍ଠା ପାଇଁ ଉଦ୍ୟୋକ୍ତା ମାନଙ୍କ ତ୍ୟାଗ ଯୋଗୁଁ ଆଜି କୁଚିଣ୍ଡା ମହାବିଦ୍ୟାଳୟ ସୁନାମ ଅର୍ଜନ କରିଥିବା କହିଥିଲେ ।

# ହାତଗୁଞ୍ଜା ନ ଦେଲେ ମିଳୁନି ଆବାସ ଯୋଜନା ଗୃହ !

## ଅଭିଯୋଗ ଶୁଣାଣିରେ ଶତାଧିକ ମହିଳା ଘେରିଲେ

ରେଢ଼ାଖୋଲ,(ନିପ୍ର): ସରକାର ଗରିବ ଲୋକଙ୍କ ପାଇଁ ଯୋଜନା କରିଛନ୍ତି, ହେଲେ ଯୋଜନା ବାଟବଣା ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗରେ କୁହାଯାଇଛି ଏଠାରେ ଆବାସ ଯୋଜନାରେ ମହା ଦୁର୍ନୀତି ହୋଇଛି। ସର୍ଭେରେ ସ୍ୱଚ୍ଛତା ଅବଲମ୍ବନ କରାଯାଇନାହିଁ। ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଜାମୁଜୋରୀ ଗ୍ରାମ ପଞ୍ଚାୟତରେ ସମ୍ପୂର୍ଣ୍ଣ ଭାବରେ ବାଟବଣା ହୋଇଥିବା ନେଇ ଅଭିଯୋଗ ହେଉଛି । ଅଭିଯୋଗ ଶୁଣାଣି ହେଉଥିବା ନାକଟିଦେଉଳ ବ୍ଲକ କର୍ଯ୍ୟାଳୟକୁ ଶତାଧିକ ମହିଳା ଘେରି ଯାଇଥିଲେ। ପ୍ରଥମେ ମେରିଟ ଲିଷ୍ଟ ବାହାରି ଥିବା ପରବର୍ତ୍ତି ସମୟରେ ୫୦% କମି ଯାଇଥିବା ଅଭିଯୋଗ ହୋଇଛି । ଯେଉଁ ଯୋଗ୍ୟ ହିତାଧିକାରୀଙ୍କ ବାସଗୃହ ଆସୁଛି ମୋଟା ଅଙ୍କର ହାତଗୁଞ୍ଜା ମଗାଯାଉଛି । ଗରିବ ଶ୍ରେଣୀର ହେଇ ଥିବାରୁ ହାତଗୁଞ୍ଜା ଦେଇ ନ ପାରିବାରୁ ଦୁର୍ଦ୍ଦଶା ଭୋଗୁଛନ୍ତି ବାସ୍ତବିକ୍ ଯୋଗ୍ୟ ହିତାଧିକାରୀ । ଅସରାଏ ବର୍ଷା ହେଲେ କଣା ଛପରରୁ ପାଣି ଗଳୁଛି ଜରିପାଲ ଖଣ୍ଡେ ଘଡ଼ାଇ ହେଉନି ଅର୍ଥ ଅଭାବରୁ । ବାସଗୃହ ପାଇବା ପାଇଁ ହାତଗୁଞ୍ଜା ତା ସହିତ ଦେଶୀ କୁକୁଡ଼ା କେଉଁଠୁ ଦେବେ । ଥିଲା ବାଲା ଘର ହାତଗୁଞ୍ଜା ଦେଉଛନ୍ତି ନେଉଛନ୍ତି



ବାସଗୃହ । ଏମିତିକି ଯାହାର ଦୁଇଟି ସ୍ତ୍ରୀ ଅଛନ୍ତି ସେଇ ଦୁଇଟି ଆବାସ ଗୃହ ପାଇଥିବା ନଜରକୁ ଆସିଛି । ପୂର୍ବରୁ ରହିଛି ପକ୍କା ଘର ୩୦ ଏକର ଜମି ରହିଛି । ସେମାନଙ୍କ ନାମରେ ଆବାସ ଘର ଆସିଛି । ଏମିତିକି ଯାହା ପାଖରେ ଜେସିବି, ଟ୍ରାକ୍ଟର ମାଲିକ ମାନଙ୍କ ଘର ଲିଷ୍ଟରେ ରହିଥିବା ବେଳେ ଦୟନୀୟ ଭାବରେ ରହୁଥିବା ଲୋକେ ଘର ପାଇବା ଦୂରର କଥା ଲିଷ୍ଟରେ ନାହିଁ ତାଙ୍କର ନାମ । ଜଣେ କି ଦୁଇ ଜଣଙ୍କ ଘର କଟିନାହିଁ ଶତାଧିକ ଲୋକଙ୍କ ଠାରେ ଦେଖିବାକୁ ମିଳିଛି । ମା ଛେଉଣ୍ଡ ପିଲା ଦଦରା ଘରେ ପାଣି ଗଳୁଛି ପାଠ ପଢୁଛି ବାପା ବାହାରକୁ ଦାଦନ ଖଟିବାକୁ ଯାଇଛି ବର୍ଷା ହେଲେ କିମ୍ବା ରାତି ହେଲେ ପର ଘରେ ମୁଣ୍ଡ ଗୁଞ୍ଜିବାକୁ ପଡୁଛି । ଯୋଜନା କାହା ପାଇଁ ପାଉଛି କିଏ । ସରକାର ନିୟମ କରିଛନ୍ତି ଆବାସ ବାସ ଗୃହରେ ସ୍ୱଚ୍ଛତା ରହିବ ନ ରହିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଧବଳେଶ୍ୱର ମାଟିଆରୀ, ଗୀତାଞ୍ଜଳି ମାଟିଆରୀ,ବାଳ ବତି ପୃଷ୍ଟି,ତାରା ମାଟିଆରୀ ଆଦି ଯୋଗ୍ୟ ହିତାଧିକାରୀ ଆବାସ ବାସ ଗୃହ ପାଇ ନ ଥିବା ଅଭିଯୋଗ କରିଛନ୍ତି।

## ସମସ୍ୟା ଘେରରେ ଶ୍ରୀଲିଙ୍ଗରାଜ ପୀଠ: ସେବା ପ୍ରତିନିଧି

ଭୁବନେଶ୍ୱର(ନିପ୍ର): ଏକାମ୍ର କ୍ଷେତ୍ର ଅଧିପତି ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିର ପରିଚାଳନା ନାନା ସମସ୍ୟା ଘେରରେ ରହିଥିବା ସେବା ପ୍ରତିନିଧି ସଂଗଠନ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ମୁଖ୍ୟ ନୀଳମଣି ମିଶ୍ର ଅଭିଯୋଗ କରିଛନ୍ତି ଯେ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପାଇଁ ଉଦ୍ଦିଷ୍ଟ କାର୍ଯ୍ୟାଳୟରେ ଦୀର୍ଘ ଦିନ ଧରି କାର୍ଯ୍ୟାଧିକାରୀ ନାହାନ୍ତି। ତେଣୁ ମନ୍ଦିରର କୌଣସି ସମସ୍ୟା ସୃଷ୍ଟି ହେଲେ ଅସୁବିଧା ଉପୁଜୁଛି।

ଲିଙ୍ଗରାଜ ମନ୍ଦିର ସୁରକ୍ଷାରେ ଥିବା ପୋଲିସଙ୍କର ସ୍ୱତନ୍ତ୍ର ଅଫିସ୍ ଗୃହ ନଥିବାରୁ ବର୍ଷା, ଖରା, କାକର ଭଳି ପ୍ରତିକୂଳ ପରିବେଶ ଓ ମଶା ଉପଦ୍ରବର ସମ୍ମୁଖୀନ ହେଉଛନ୍ତି। ମହାପ୍ରଭୁଙ୍କର ସୂଚନା କେନ୍ଦ୍ର ନଥିବାରୁ ଭକ୍ତମାନେ କୌଣସି ନୀତି ନିୟମ ଜାଣିବାର ସୁଯୋଗ ପାଉନାହାନ୍ତି। ଲୋକଙ୍କ ମନରେ ଭକ୍ତିଭାବ ଜାଗ୍ରତ କରାଉଥିବା ଜଣାଣ ଭଜନ ଦୀର୍ଘ ଦିନ ଧରି ମନ୍ଦିରରେ ଆଉ ବାଜୁ ନାହିଁ । ରୋଷଘର ପାଖରେ ଥିବା ନୃସିଂହଙ୍କ ମନ୍ଦିରରେ ଯେଉଁ ଟିଣ ଛପର ଥିଲା ସେଥିରୁ ପାଣି ଗଳୁଛି ।ଆସନ୍ତା ଅଗଷ୍ଟ ୩ ତାରିଖରୁ ବୋଲବମ୍ ଆରମ୍ଭ ହେଉଛି ।ଭଜନ ମଣ୍ଡପ ଥିବାରୁ ଦୂରଦୂରାନ୍ତରୁ




ଆସୁଥିବା କାଉଡ଼ିଆ ସେଥିରେ ବିଶ୍ରାମ ନେଉଥିଲେ। ବର୍ତ୍ତମାନ ମନ୍ଦିର ପାଖରେ ସେପରି ସ୍ଥାୟୀ ବିଶ୍ରାମ ଗୃହ ନାହିଁ। ଲିଙ୍ଗରାଜ ମନ୍ଦିରରେ ଥିବା ସିସି କ୍ୟାମେରାରୁ ବହୁ ଅଚଳ। କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି। ଗୁରୁବାର ଅନୁଷ୍ଠିତ ଦାବି ସଭାରେ ଅଶୋକ କୁମାର ମହାରଣା, ଗିରିଜା ଶଙ୍କର ମହାପାତ୍ର, ପ୍ରଦୀପ କୁମାର ରାୟ, ହୃଷୀକେଶ ବେହେରା, ସୌଦାମିନୀ ସାମଲ, ବିପିନି ବିହାରୀ ରାଉତରାୟ, ସତ୍ୟନାରାୟଣ ମିଶ୍ର ତଥା ଉଲ୍ଲାସ ଚନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାଢେ ୪ କୋଟି ଚଳୁ ପାଇଁ ଷଡ଼ଯନ୍ତ୍ର, ତଦନ୍ତ ଦାବି

ପିପିଲି (ନିପ୍ର): ପିପିଲି ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ସରସ୍ୱତୀପୁର ଠାରୁ ଭାୟା ସୁବଳୟାପାଟଣା ଦେଇ କୋଠସାହି କୁ ସଂଯୋଗ ଥିବା ରାସ୍ତା ନିର୍ମାଣ ପାଇଁ ପ୍ରାୟ ସାଢେ ୪ କୋଟି ଟଙ୍କା ବ୍ୟୟ ବରାଦ ହୋଇ ଥିବା ବେଳେ କାର୍ଯ୍ୟ ଠିକ ଭାବରେ ହୋଇ ନଥିବା ସାଧାରଣରେ ଅଭିଯୋଗ ହୋଇଛି। ନ୍ୟସ୍ତସ୍ୱାର୍ଥ ଗ୍ରାମ ଉନ୍ନୟନ ବିଭାଗର କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ. ସହକାରୀ ଯନ୍ତ୍ରୀ ଏବଂ ନିଯୁକ୍ତ ହୋଇ ଥିବା ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସ୍ଥାନେ ସ୍ଥାନେ ବେଆଇନ ମାଟି ପକାଯାଇ ଥିବା ବେଳେ ଅନ୍ୟ କେଉଁଠି ଠାଏ ଠାଏ ଠିକାଦାର ମର୍ଜୀରେ ବଙ୍କା ଢଙ୍କା ଗାର୍ଡ ୱାଲ ହୋଇଛି ।ପରେ ନିଯୁକ୍ତ ଥିବା ଠିକାଦାର କାର୍ଯ୍ୟ ଅଗ୍ରଗତି କରିବା ବଦଳରେ କାର୍ଯ୍ୟ ଛାଡି ଚମ୍ପଟ ମାରି ପଳାଇ ଯାଇ ଥିବା ଅଭିଯୋଗ ହେଉଛି। ଏନେଇ ଉଚ୍ଚ ତଦନ୍ତକାରୀ ସଂସ୍ଥା ଦ୍ୱାରା ବିଧିବଦ୍ଧ ଭାବରେ ତଦନ୍ତ ପୂର୍ବକ ସତ୍ୟ ପଦାକୁ ଆସିବା ପାଇଁ ସାଧାରଣରେ ଦାବି କରାଯାଇଛି।

## ସମାଜସେବୀଙ୍କ ବିୟୋଗ

ପିପିଲି (ନିପ୍ର): ଜଣାଶୁଣା ସମାଜସେବୀ ତଥା ବିଶିଷ୍ଟ ବ୍ୟବସାୟୀ ଅଶୋକ କୁମାର ଅଗ୍ରୱାଲଙ୍କ ଅକାଳ ବିୟୋଗରେ ସମଗ୍ର ପିପିଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପିପିଲି ବଜାର ବ୍ୟବସାୟୀ ସଂଘର ପ୍ରାକ୍ତନ ସଭାପତି ଭାବେ ସେ ଦୀର୍ଘଦିନ ଧରି ଦାୟିତ୍ୱ ନିର୍ବାହ କରିଥିଲେ। ଏହା ସହ ମହାରାଜା କ୍ରିକେଟ୍ କ୍ଲବର ସଭାପତି ଓ ପିପିଲି ଗଜଲକ୍ଷ୍ମୀ କ୍ଲବର ମୁଖ୍ୟ ଉପଦେଷ୍ଟା ଭାବରେ ମଧ୍ୟ ସେ ଜନସେବା ଓ ସଂଗଠନ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥିଲେ ।ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବିଭିନ୍ନ ସାମାଜିକ, ସାଂସ୍କୃତିକ ଓ ବ୍ୟବସାୟୀ ସଂଗଠନ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

## ପ୍ରଶାସନ ପକ୍ଷରୁ ଅଚଳ ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ପାଇଁ ପଦକ୍ଷେପ

ରମ୍ଭା,(ନିପ୍ର): ଗଞ୍ଜାମ ବ୍ଲକର ଏନ ହେଚ -୧୬ ନଂ ରାସ୍ତା ପାର୍ଶ୍ୱରେ ବୁରୁଡି ଠାରେ ୨୦୧୦ ମସିହାରେ ନିର୍ମିତ ଓ ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦଘାଟିତ ହୋଇଥିବା ଶୀତଳ ଭଣ୍ଡାରଟି ଯାହା



ସଂପ୍ରତି ଆର୍ ଏମ୍ ସି ଅଧୀନରେ ରହି ଆସିଛି,ଏଥିରେ କିଛି ବୈଷୟିକ ତ୍ରୁଟି ଓ ପରିଚାଳନାଗତ ଅବହେଳା ଯୋଗୁଁ ଅବ୍ୟବହୃତ ହୋଇ ପଡ଼ି ରହିଛି। ଏହାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ୍ଙ୍କ ନିର୍ଦ୍ଦେଶ କ୍ରମେ ଏ ଡି ଏମ୍ ସଚ୍ଚିଦାନନ୍ଦ ନାୟକ ,ଛତ୍ରପୁର ଉପ ଜିଲ୍ଲାପାଳ ଦେବାଶିଷ ବରାଳ,ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଆର୍ ଏମ୍ ସି ହିଞ୍ଜିଳିକାଟୁ ସମ୍ପାଦକ ପ୍ରମୁଖ ଏଠାକୁ ଆସି ଚାଷୀମାନଙ୍କ ନେତୃତ୍ୱ ନେଉଥିବା ଋଷିକୁଲ୍ୟା ରୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକ, ଝାରେଡି ରାଧା ଗୋବିନ୍ଦପୁର ସରପଞ୍ଚ ସିଦ୍ଧେଶ୍ୱର ନାହାକ,ଚାଷୀ ନିରଞ୍ଜନ ନାହାକ,ପ୍ରଭାକର ନାହାକ,ବଂଶୀଧର ନାହାକ,ଯୋଗୀ ନାହାକ,ରଞ୍ଜନ ନାହାକ,ମନୋଜ ନାହାକ,ରାଜ୍ୟପାଳ ପୁରସ୍କୃତ ଶିକ୍ଷାବିତ୍ ବିଜୟ କୁମାର ବିଶ୍ୱାଳଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଏହି ସମସ୍ୟାର ଆଶୁ ସମାଧାନ ଓ ଅଚଳ ପ୍ରକଳ୍ପର ସଫଳ ରୂପାୟନ ପାଇଁ ଅଗ୍ରଣୀ ଚାଷୀ ମାନଙ୍କୁ ନେଇ ଏକ ୨୧ ଜଣିଆ କମିଟି ଗଠନ କରାଯାଇଛି। ଆଗାମୀ ଭବିଷ୍ୟତରେ ଏହି କ୍ଷୁଦ୍ର ଶୀତଳ ଭଣ୍ଡାରର ପ୍ରଶସ୍ତି କରଣ ସହ ଉନ୍ନତ ମାନର ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ କରି ଅଞ୍ଚଳରୁ ଉତ୍ପାଦିତ ବିଭିନ୍ନ ସବୁଜ ପନିପରିବା ଯଥା ଟମାଟ, ବାଇଗଣ,ଲଙ୍କା ମରିଚ, ପତ୍ର କୋବି, ଫୁଲ କୋବି, ଇତ୍ୟାଦି ସଂରକ୍ଷଣ ସମେତ ଓରମାସ୍ ସଂସ୍ଥା ସହିତ ଯୋଗାଯୋଗ କରି ଏସବୁର ବିକ୍ରିବଟା ଉପରେ ଧ୍ୟାନ ଦିଆଯିବ ବୋଲି ସ୍ଥିର କରାଗଲା ।

## ଭଦ୍ରକରେ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଯୁକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ



ଭଦ୍ରକ, (ନିପ୍ର): କେନ୍ଦ୍ର ସରକାରଙ୍କ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଶ୍ଚିତ ଶ୍ରମଭିତ୍ତିକ ନିଯୁକ୍ତି କାର୍ଯ୍ୟକ୍ରମ ଭଦ୍ରକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଗ୍ରାମୀଣ ରୋଜଗାର ସୃଷ୍ଟି, ଭିତ୍ତିଭୂମିର ସୁଦୃଢ଼ୀକରଣ ଏବଂ ପ୍ରଯୁକ୍ତିଭିତ୍ତିକ ବିକାଶ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ପଂଚାୟତ ସମିତି ଅଧକ୍ଷା ଉର୍ମିଳା ନାୟକ ଏବଂ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨୫ ଦିନିଆ କାର୍ଯ୍ୟଯୋଜନାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ବେରୋଜଗାରଙ୍କ ପାଇଁ ଶ୍ରମଭିତ୍ତିକ ନିଯୁକ୍ତି ସୁଯୋଗ, ବିକଶିତ ଗ୍ରାମ ପଞ୍ଚାୟତ ଯୋଜନା, ପ୍ରଯୁକ୍ତି ବିଦ୍ୟା ସଶକ୍ତିକରଣ, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ସୁଦୃଢ଼ୀକରଣ, ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ, ପିଏମ୍ ଗତିଶକ୍ତି ଏବଂ ଡିଜିଟାଲ ପ୍ଲାଟଫର୍ମ ଭଳି ବିଭିନ୍ନ କର୍ମଭିତ୍ତିକ ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗ ଆହ୍ୱାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲା ପ୍ରଶାସନର ଅଧିକାରୀ, ଲୋକପ୍ରତିନିଧି, ସରପଞ୍ଚ ଓ ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗଦେଇଥିଲେ। ଅବସରରେ 'ବିକଶିତ ଭାରତ ଜି-ରାମ୍ ଜି' ୧୨୫ ଦିନିଆ ନିଯୁକ୍ତି ଯୋଜନା ସମ୍ପର୍କିତ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା।

# ଧସିଲା ବିଡ଼ାନାସୀ-ଧବଳେଶ୍ୱର ୬ ଲେନ୍ ରାସ୍ତା, ଯାତାୟାତ ପ୍ରଭାବିତ



କଟକ,(ନିପ୍ର): ଧସିଲା କଟକ ବିଡ଼ାନାସୀରୁ ଧବଳେଶ୍ୱର ରାସ୍ତା । ୬ ଲେନ୍ ବିଶିଷ୍ଟ ଏହି ଧସିବା ଦ୍ୱାରା ଯାତାୟାତ ପ୍ରଭାବିତ ହୋଇଛି । ଧବଳେଶ୍ୱର ବ୍ରିଜ ନିକଟରୁ ବିଡ଼ାନାସୀ ଚହଟା ଛକ ପର୍ଯ୍ୟନ୍ତ ନିର୍ମାଣ ହେଉଥିବା ନୂତନ ରାସ୍ତାର ଗୋଟିଏ ପାର୍ଶ୍ୱ ଧସି ଯାଇଛି । କାମ ଚାଲିଥିବାରୁ ରାସ୍ତା ନ ଧସିବା ପାଇଁ ପ୍ରୋଟେକ୍ସନ ୱାଲ୍ ଦିଆଯାଇଥିଲା । ହେଲେ ରାସ୍ତା ଧସିବା ସହ ପ୍ରୋଟେକ୍ସନ ୱାଲ ବି ଧସିଯାଇଛି। ନିମ୍ନମାନର କାମ ଯୋଗୁ ରାସ୍ତା ଧସିଥିବା ଅଭିଯୋଗ ହୋଇଛି। କେଉଁ ପରିସ୍ଥିତିରେ ରାସ୍ତା ଧସିଲା ଏବଂ କାହିଁକି ଏପରି ଘଟିଲା ତାକୁ ନେଇ ତନାଘନା ଆରମ୍ଭ ହୋଇଛି । ଘଟଣା ସ୍ଥଳରେ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଅନୁଧ୍ୟାନ କରିଛନ୍ତି । ପୂର୍ତ୍ତ ବିଭାଗର ଏସଡିଓ ଏବଂ ଅନ୍ୟ ଅଧିକାରୀମାନେ ପହଞ୍ଚି ମରାମତି କାମ ଆରମ୍ଭ କରିଛନ୍ତି । ଅଢ଼େଇ କିଲୋ ମିଟର ରାସ୍ତା ପାଇଁ କୋଟି କୋଟି ଟଙ୍କାର କାମ ଚାଲିଛି । ହେଲେ ରାସ୍ତା ନିର୍ମାଣ କାମ ଚାଲିଥିବାବେଳେ ନିମ୍ନମାନର କାମ ଯୋଗୁ ଏପରି ଧସିଥିବା ଅଭିଯୋଗ ହୋଇଛି।

## ଛୁଆଁ ଅଛୁଆଁ ଭେଦଭାବ ଦୂର ହେଉ

କୁଚିଣ୍ଡା,(ନିପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ଗୁଡିଘାଟ ପଞ୍ଚାୟତ ଘୁଷୁରାମୁଣ୍ଡାର ନବନିଯୁକ୍ତ ପୁଣ୍ୟ ହରିପାଲ ନାମ୍ନୀ ଅନୁସୂଚିତ ଜାତିର ମହିଳାଙ୍କ ପ୍ରତି ହୋଇଥିବା ଅପମାନ ଏବଂ ନ୍ୟାୟ ଦାବିରେ ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଲକ୍ଷେଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବୁଧବାର କୁଚିଣ୍ଡା ଉପଜିଲ୍ଲାପାଳଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ବ୍ଲକ ସଭାପତି ସମ୍ପାରୁ ବୁଡା ଓ ସମ୍ପାଦକ ଲିଙ୍ଗରାଜ ବାଘଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ଉପଜିଲ୍ଲାପାଳ ସରଓ୍ୱନନ୍ ସଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଲକ୍ଷେଘର ପାଣ ସମାଜ ଏଥିରେ ଉଲ୍ଲେଖ କରିଛି ଯେ



ସ୍ୱାଧୀନତାର ୭୯ ବର୍ଷ ପରେ ବି ଦଳିତଙ୍କ ପ୍ରତି ଜାତିଭେଦ ଓ ଛୁଆଁଅଛୁଆଁ ମନୋଭାବ ରହିଛି। ଯାହିକି ଭାରତୀୟ ସମ୍ବିଧାନ ପ୍ରତି କୁଠାରାଘାତ ସଦୃଶ ପ୍ରତୀୟମାନ ହୋଇଛି। ଘଷୁରାମୁଣ୍ଡା ଅଙ୍ଗନୱାଡ଼ି ସହାୟିକା ପୂଣ୍ୟ ହରିପାଲ ରୋଷେଇ କଲେ ଅନ୍ୟ ବର୍ଗର ଶିଶୁଙ୍କ କୁଆଡେ ଜାତି ଚାଲିଯିବ ବୋଲି ଦାବି କରି ଅଙ୍ଗନୱାଡ଼ି କେନ୍ଦ୍ରରେ ଗ୍ରାମବାସୀ ତାଲା ପକାଇ ଦେଇଛନ୍ତି। ଦୀର୍ଘଦିନ ଧରି ଅଙ୍ଗନୱାଡ଼ିରେ ତାଲା ପକାଇ ଦିଆଯାଇଥିଲେ ବି ପ୍ରଶାସନ ଜଣେ ଦଳିତ ମହିଳାଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ହୋଇଛି। ତେଣୁ ଅବିଳମ୍ବେ ଜାତିଭେଦ ମନୋଭାବକୁ ଦୂରକରି ମହିଳାଙ୍କୁ ନ୍ୟାୟ ପ୍ରଦାନ ପାଇଁ ଦାବି କରାଯାଇଛି। ସ୍ମାରକ ପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରମୋଦ ଛୁରିଆ, ତ୍ରିନାଥ ଲୁହା,ତରଣୀକାନ୍ତ ବାଘ, ଟଙ୍କଧର ବାଘ,ଗୋକୁଳ ଚନ୍ଦ୍ର ଦେହୁରୀ,ଗୟାନନ୍ଦ ଭଞ୍ଜ,ଜନତା ମନୋହରୀ,ଦୁଃଖବନ୍ଧୁ ବାଦୀ,ବିପିନ କରାଲି, ସନାତନ କୁସୁମ, ଝସକେତନ ଜୟପୁରିଆ ପ୍ରମୁଖ ସାମିଲ ହୋଇଥିଲେ।

## ଛାତ୍ରଛାତ୍ରୀଙ୍କୁ ବିଦ୍ୟୁତ୍ ସୁରକ୍ଷା ଓ ସଂରକ୍ଷଣ ସମ୍ପର୍କରେ ସଚେତନତା

ଆସିକା,(ନିପ୍ର): ରାଜ୍ୟ ବିଦ୍ୟୁତ ବିଭାଗ ଦ୍ୱାରା ସାରା ରାଜ୍ୟରେ ଜୁନ ୨୬ଠାରୁ ଜୁଲାଇ ୨ ପର୍ଯ୍ୟନ୍ତ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହେଉଛି । ଏହାକୁ ଭିତ୍ତି କରି ଆସିକା ଗାୟତ୍ରୀନଗରସ୍ଥିତ ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ପକ୍ଷରୁ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଛାତ୍ରଛାତ୍ରୀ, ରାମକୃଷ୍ଣ ସ୍କାଉଟ ଟ୍ରୁପ ସାରଦା ଗାଇଡ଼ କମ୍ପାନୀ, ଅଭିଭାବକ, ଶିକ୍ଷକ-ଶିକ୍ଷୟିତ୍ରୀ ଓ ବିଦ୍ୟୁତ ବିଭାଗର ଅଧିକାରୀମାନେ ଯୋଗଦେଇ ବିଦ୍ୟୁତର ସୁରକ୍ଷିତ ବ୍ୟବହାର ଏବଂ ବିଦ୍ୟୁତ ସଂରକ୍ଷଣର ଆବଶ୍ୟକତା ଉପରେ



ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ନିକେଶ କୁମାର ପାତ୍ର ଓ ଟେକନିସିଆନ ଦୀପ୍ତି ରଞ୍ଜନ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ। ସେମାନେ ବିଦ୍ୟୁତ ବ୍ୟବହାର ବେଳେ ପାଳନ କରିବାକୁ ଥିବା ସୁରକ୍ଷା ନିୟମ, ବିଦ୍ୟୁତ ଦୁର୍ଘଟଣାରୁ କିପରି ଦୂରେଇ ରହିବା, ଏବଂ ବିଦ୍ୟୁତ ସଂରକ୍ଷଣ ମାଧ୍ୟମରେ ଶକ୍ତି ସଞ୍ଚୟ କରିବାର ବିଭିନ୍ନ ଉପାୟ ସମ୍ପର୍କରେ ସରଳ ଓ ପ୍ରାଞ୍ଜଳ ଭାଷାରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଆଇନଜୀବୀ ଅନିଲ କୁମାର ପାଣିଗ୍ରାହୀ, ବିଦ୍ୟାଳୟର ସମ୍ପାଦକ କମଳେନ୍ଦୁ ହୋତା, ସାମ୍ବାଦିକ ପ୍ରଶାନ୍ତ କୁମାର ମୁନି ଓ ସହ-ସମ୍ପାଦକ ଦିଲ୍ଲୀପ କୁମାର ଶତପଥୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟା ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୁରୁମା କାଦମ୍ବିନୀ ହୋତା, ଲିନା କୁମାରୀ ସ୍ୱାଇଁ, ସୁନିତା ମହାପାତ୍ର,ଅଜୟ କୁମାର ପଟ୍ଟନାୟକ, ଅନ୍ତର୍ଯ୍ୟାମି ସାହୁ, ସଙ୍ଗୀତା ପାତ୍ର,କେ.ମାଧବି ଆଚାରୀ,ସନ୍ତୋଷି କୁମାରୀ ସାହୁ,ଶିବାନୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପି.ଏମ୍.ଶ୍ରୀ ବାଲିପଦର ଉଚ୍ଚ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ

ବୁଗୁଡ଼ା,(ନିପ୍ର): ବୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ବାଲିପଦର ପି.ଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟରେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ପୋଷାକ ଓ ଜୋତା ଛାତ୍ରଛାତ୍ରୀମାନଙ୍କୁ ବଣ୍ଟନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ପୌରହିତ କରିଥିବା ବେଳେ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଟୁନାଗୌଡ ଓ ଅନ୍ୟାନ୍ୟ ସଦସ୍ୟ ଯୋଗଦେଇ ପୋଷାକ ବିତରଣ କରିଥିଲେ। ସମସ୍ତ ଶିକ୍ଷକ-ଶିକ୍ଷୟତ୍ରୀ ଯୋଗଦେଇ କାର୍ଯକ୍ରମରେ ସହଯୋଗ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ଜିତେନ୍ଦ୍ରିୟ ଗୌଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

## ନୟାଗଡ଼ରେ ଜିଲ୍ଲାସ୍ତରୀୟ ଭିବି-ଜୀ ରାମ ଜୀ ଯୋଜନାର ଶୁଭାରମ୍ଭ




ନୟାଗଡ(ନିପ୍ର): ଜିଲ୍ଲା ପରିଷଦର ସୃଜନ ସଭା ଗୃହରେ ବିକଶିତ ଭାରତ ରୋଜଗାର ଏବଂ ଆଜୀବିକା ମିଶନ (ଗ୍ରାମୀଣ) ନିମନ୍ତେ ଗ୍ୟାରେଣ୍ଟି -୨୦୨୫ (ଭିବି -ଜୀ ରାମ ଜୀ )ଯୋଜନାର ଶୁଭାରମ୍ଭ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧକ୍ଷ,ଇଂ. ଦେବାଶିଷ ପଟ୍ଟନାୟକ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର, ମଣ୍ଡଳ ଉନ୍ନୟନ ଅଧିକାରୀ ଖଣ୍ଡପଡ଼ା, ଭାପୁର, ରଣପୁର, ଗଣିଆ, ଦଶପଲ୍ଲା, ଜିଲ୍ଲା ସାମାଜିକ ସମୀକ୍ଷକ ବିଜୟ ନାରାୟଣ ବଳିୟାରସିଂହ ,ଏମ ଜି ନରେଗା ସଂଯୋଜକ ମିତଲି ଜେନା ପ୍ରମୁଖ ଯୋଗ ଦେଇଥିଲେ । ଏହି ଯୋଜନାଟି ଗତକାଲି ଠାରୁ ସାରା ଭାରତ ବର୍ଷରେ କାର୍ଯ୍ୟକାରୀ ହୋଇଯାଇଅଛି । ଏହି ଯୋଜନାର ସଫଳତା ଉପରେ ଉପସ୍ଥିତ ମଞ୍ଚାସୀନ ଅତିଥିମାନେ ସେମାନଙ୍କର ମତବ୍ୟକ୍ତ ରଖିଥିଲେ । ଏହି ଯୋଜନା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଅଧିନିୟମର ଏକ ବ୍ୟାପକ ବୈଧାନିକ ସଂସ୍କାର। ଏହି ଯୋଜନାଟି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଏକ ବଳିଷ୍ଠ ପଦକ୍ଷେପ, ଯାହା ଗ୍ରାମୀଣ ଭାରତରେ ସମୃଦ୍ଧି ଏବଂ ସାମାଜିକ କଲ୍ୟାଣର ନୂତନ ଦ୍ୱାର ଖୋଲିବ। ଏହା ସଶକ୍ତିକରଣ, ବିକାଶ, ଅଭିମୁଖୀକରଣ ଏବଂ ପରିପୂର୍ଣ୍ଣତାର ଦୃଢ଼ ସ୍ତମ୍ଭ ଉପରେ ପର୍ଯ୍ୟବେସିତ। ଶ୍ରମିକମାନଙ୍କ ପାଇଁ ପ୍ରତିବର୍ଷ ୧୨୫ଦିନର ନିଶ୍ଚିତ କର୍ମନିଯୁକ୍ତି ରହିବ। ଏହି ଯୋଜନା ଅନ୍ତର୍ଗତ ଚାରୋଟି କ୍ଷେତ୍ର ଉପରେ ବିଶେଷ ଧ୍ୟାନ ଦିଆଯାଇଛି, ଯେପରିକି ଜଳ ସୁରକ୍ଷା, ଗ୍ରାମୀଣ ମୌଳିକ ଭିତ୍ତିଭୂମିର ବିକାଶ, ଜୀବିକାରେ ଉନ୍ନତି ଏବଂ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ। ପଞ୍ଚାୟତ ସ୍ତରରେ ଗ୍ରାମୀଣ ମୌଳିକ ଭିତ୍ତିଭୂମି ନିର୍ମାଣ ଦ୍ୱାରା ଆୟ ବୃଦ୍ଧି ପାଇବ ଏବଂ ସ୍ଥାୟୀ ବିକାଶ ସୁନିଶ୍ଚିତ ହେବ।

ତିଥି :(ତୃତୀୟା): (ଶ୍ରବଣା ମକର)
ଅମୃତ ବେଳା: ଦିବା ଘ ୧୧।୩୯ ଗତେ ଘ ୨।୦୩ ମଧ୍ୟେ

## ଆଜିର ଅନୁଚିନ୍ତନ

ଜୀର୍ଣ୍ଣ ବସ୍ତ୍ରଗୁଡ଼ିକୁ ପରିତ୍ୟାଗ କରି ମନୁଷ୍ୟ ଯେପରି ନୂତନ ବସ୍ତ୍ର ପରିଧାନ କରେ, ଠିକ୍ ସେହିପରି ଦେହୀ ପୁରାତନ ଶରୀର ତ୍ୟାଗ କରି ଅନ୍ୟ ନୂତନ ଶରୀରକୁ ଚାଲିଯାଏ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସଜଡ଼ା ଯାଉ ଶିକ୍ଷା ଭିତ୍ତିଭୂମି

ଗତ ମେ ମାସରେ ରାଜଧାନୀ ଭୁବନେଶ୍ୱରରେ ଆୟୋଜିତ ହୋଇଥିଲା ଏକ ଜାତୀୟ ସ୍ତରୀୟ କର୍ମଶାଳା। ଏଥିରେ ପ୍ରେରଣାପ୍ରଦ ବହୁ ଆହ୍ୱାନ ବେଶ୍ ସ୍ମରଣୀୟ। କାରଣ ଏଥିରେ ଆଗାମୀ ଓଡ଼ିଶା ପାଇଁ ସକାରାତ୍ମକ ବାର୍ତ୍ତାର ରହିଥିଲା ସଂକେତ। ତାହା ହେଉଛି:ଓଡ଼ିଶା ହେବ ଭାରତର 'ଜ୍ଞାନର ପେଣ୍ଠସ୍ଥଳୀ'। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ପ୍ରଣୀତ ଶିକ୍ଷାନୀତି ଭାରତକୁ ବିଶ୍ୱର 'ନଲେଜ କ୍ୟାପିଟାଲ' ଭାବରେ ପ୍ରତିଷ୍ଠିତ କରିବାରେ ଏକ ମହତ ମିଶନ। ଗ୍ରାମାଞ୍ଚଳ ଓ ସହର ମଧ୍ୟରେ ଥିବା ଶୈକ୍ଷିକ ପାର୍ଥକ୍ୟ ଦୃଢ କରିବାକୁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟଗୁଡ଼ିକରେ ସହରାଞ୍ଚଳ ଭଳି ଉନ୍ନତ ଶ୍ରେଣୀଗୃହ, ବିଜ୍ଞାନାଗାର ଓ ଉନ୍ନତ କ୍ରୀଡାସୁବିଧା ଉପଲବ୍ଧ ହେବ। ଯାହାଦ୍ୱାରା ଗାଁର ମେଧାବୀ ଛାତ୍ରଛାତ୍ରୀଙ୍କୁ ନିଜ ଅଞ୍ଚଳରେ ହିଁ ଗୁଣାତ୍ମକ ଶିକ୍ଷା ପାଇବାରେ ସହାୟକ ହେବ। ଅନୁସୂଚିତ ଜନଜାତି (ଏସ୍‌ଟି) ବର୍ଗର ଛାତ୍ରଛାତ୍ରୀଙ୍କ 'ଡ୍ରପ ଆଉଟ୍' ରୋକିବା ପାଇଁ 'ସହିଦ ମାଧୋସିଂ' ହାତଖର୍ଚ୍ଚ ଯୋଜନା 'ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି।

ଏଭଳି ନାନା ପ୍ରେରଣାପ୍ରଦ ଆହ୍ୱାନ ତଥା ସୂଚନା ମଧ୍ୟରେ କୋରାପୁଟ ଜିଲ୍ଲା ସଂପର୍କରେ ଯେଉଁ ବିମର୍ଷକର ଖବରଟି ନିକଟରେ ଆସିଥିଲା ତାହା ଉପରେ ସାମାନ୍ୟ ଆଲୋଚନା କରାଯାଇପାରେ। ତାହା ହେଲା,ବ୍ୟାପକ ସଚେତନତା ଓ ଚଢଉ ସତ୍ତ୍ୱେ କୋରାପୁଟ ଜିଲ୍ଲାରେ ବାଲ୍ୟବିବାହ ପ୍ରଥା ରୋକାଯାଇପାରୁନାହିଁ। ଏହି ଜିଲ୍ଲାରେ ଅଷ୍ଟମରୁ ଦଶମ ଶ୍ରେଣୀ ପରେ ବାଳକଙ୍କ ତୁଳନାରେ ବାଳିକା ଅଧିକ ସଂଖ୍ୟାରେ ପାଠପଢା ଛାଡୁଛନ୍ତି। ଘରେ ରହି ସେମାନେ ପରିବାର ଲୋକଙ୍କୁ ବିଭିନ୍ନ କାମରେ ସହଯୋଗ କରୁଛନ୍ତି। ଜିଲ୍ଲାରେ ୩ ବର୍ଷ ମଧ୍ୟରେ ୩୦୯ବାଲ୍ୟବିବାହ ରୋକିବାରେ ପ୍ରଶାସନ ସଫଳ ହୋଇଛି। ୨୦୨୩ରେ ୫୫, ୨୦୨୪ରେ ୧୫୩ ଓ ୨୦୨୫ରେ ୧୦୧ ବାଲ୍ୟବିବାହ ରୋକାଯାଇ ପାରିଥିବାବେଳେ ଚଳିତବର୍ଷ ପ୍ରଥମ ୫ ମାସରେ ଜିଲ୍ଲା ପ୍ରଶାସନ ରୋକିଛି କିଛି ବାଲ୍ୟବିବାହ। ଆଦିବାସୀଙ୍କ ଏକ ବିବାହ ପ୍ରଥା 'ଉଦୁଲିଆ'ରେ ନାବାଳିକାଙ୍କୁ ସୁଦ୍ଧା ବିବାହ ଦିଆଯାଉଛି, ଇତ୍ୟାଦି । ସୁତରାଂ ବାଲ୍ୟ ବିବାହ ଏଡାଇବା ପାଇଁ ଶକ୍ତିଶାଳୀ ପଦକ୍ଷେପ ଆବଶ୍ୟକ ହେଉଛି କି ନାହିଁ, ତାହା ବିଚାର୍ଯ୍ୟ।

ନିତି ଆୟୋଗ ପକ୍ଷରୁ 'ସ୍କୁଲ ଏଜୁକେସନ ସିଷ୍ଟମ ଇନ୍ ଇଣ୍ଡିଆ' ଆଧାରିତ ରିପୋର୍ଟ ଲେଖିଥିଲା ଆମ ଦେଶରେ ୧.୧୯ଲକ୍ଷ ସରକାରୀ ସ୍କୁଲରେ ବିଜୁଳି ନାହିଁ। ୯୮,୫୯୨ ସ୍କୁଲରେ ଛାତ୍ରୀଙ୍କ ପାଇଁ ଶୌଚାଳୟ ନାହିଁ। ପୁଣି ୬୧ହଜାର ୫୪୦ ସ୍କୁଲରେ ଶୌଚାଳୟ ଅଛି ସତ, କିନ୍ତୁ ସେଗୁଡ଼ିକ ବ୍ୟବହାର ଉପଯୋଗୀ ନୁହେଁ। ୧,୦୪,୧୨୫ ସ୍କୁଲରେ କେବଳ ଜଣେ ଶିକ୍ଷକ କାର୍ଯ୍ୟରତ। ରିପୋର୍ଟରେ ଠାଏ ଉଲ୍ଲେଖ ଅଛି ଜଣେ ଶିକ୍ଷକ ଯେଉଁ ବିଷୟରେ ପାଠ ପଢାଉଛନ୍ତି, ସେହି ବିଷୟରେ ତାଙ୍କ ଜ୍ଞାନ ଯଥେଷ୍ଟ କମ୍। ନିତି ଆୟୋଗର ଏହି ରିପୋର୍ଟ ମୁତାବକ ଓଡ଼ିଶାର ସ୍ଥିତି ସଂପର୍କରେ କ'ଣ ରହିଛି ତାହା ଅନୁଧ୍ୟାନ ପୂର୍ବକ ପଦକ୍ଷେପ ନିଆଯିବା ଆବଶ୍ୟକ।

ବିଶେଷଜ୍ଞଙ୍କ କହିବା କଥା ଜଣେ ଶିକ୍ଷକଙ୍କ କାମ ପାଠ ପଢେଇବା। ଶିକ୍ଷକଙ୍କ ପେସାକୁ ଏକକେନ୍ଦ୍ରିକ ବୃତ୍ତ ଭାବରେ ଦେଖିଲେ ତହିଁର ମଝି ବିନ୍ଦୁଟି ହେଉଛି ପାଠ ପଢାଇବା। ଏପରି ଏକାଧିକ ବୃତ୍ତରେ ଛାତ୍ରଛାତ୍ରୀଙ୍କ ମନ, ଜ୍ଞାନର ଶକ୍ତି ବୃଦ୍ଧି ପାଇଁ ଯାହା କରିହେବ ସେ ଦିଗରେ ଶିକ୍ଷକ ସହାୟତା କରିପାରିବେ। ତେବେ ମୂଳତଃ ପାଠ ପଢାଇବା ପାଇଁ ଶିକ୍ଷକ ନିଜେ ସବୁଦିନ ପାଠ ପଢିବା ଦରକାର। ଶିକ୍ଷା ଏକ ଆନୁଷଙ୍ଗିକ ନିର୍ଭରଶୀଳ ସମନ୍ୱିତ ବ୍ୟବସ୍ଥା। ନବମ, ଦଶମ ପିଲାଙ୍କୁ ମଧ୍ୟାହ୍ନଭୋଜନ କେଜିରୁ ପିଜି ନିଶୁଳ୍କ ଶିକ୍ଷା ଭଳି ରାଜ୍ୟ ସରକାରଙ୍କ ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ। ତେବେ ଅସଲରେ ଶିକ୍ଷାର ଭିତ୍ତିଭୂମି ଆଗ ସଜାଡ଼ିବା ସବୁଠୁ ଗୁରୁତ୍ୱପୂର୍ଣ୍ଣ କି ନୁହେଁ ?

# ବାଣପୁର ଭିଡ଼ହିଂସା: ଉଗ୍ର ସମାଜ ଓ ନିରୀହର ବଳି

## ଅଖିଳ ତରାଇ

ଓଡ଼ିଶାର ଖୋର୍ଦ୍ଧା ଜିଲ୍ଲାରୁ ପୁଣି ଏକ ସନ୍ଦେହଜନକ ଭିଡ଼ହିଂସାର ଅମାନୁଷିକ ଘଟଣା ସାମ୍ନାକୁ ଆସିଛି, ଯେଉଁଥିରେ ଚୋରି ସନ୍ଦେହରେ ଜଣେ ଯୁବକଙ୍କୁ ପିଟିପିଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ବାଣପୁର ଥାନା ଅନ୍ତର୍ଗତ ଖଣତ ଗ୍ରାମରେ ଏକ ଅଭାବନୀୟ କାଣ୍ଡ ଘଟିଛି। ମୃତ ଯୁବକଜଣକ ହେଉଛନ୍ତି ବାଣପୁର ଭୀମପୁର ଗ୍ରାମର ବାଘୁଆପଦର ସାହିର ତୋଫାନ ନାୟକ। ଅଭିଯୋଗ ଅନୁଯାୟୀ, ଗ୍ରାମବାସୀମାନେ ତୋଫାନଙ୍କୁ ଚୋରି ସନ୍ଦେହରେ କାବୁ କରି ଦିନ ଦ୍ୱିପ୍ରହରରେ ଏକ ବିଦ୍ୟୁତ ଖୁଣ୍ଟରେ ବାନ୍ଧି ଦେଇଥିଲେ। ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି ଯେ, ଗ୍ରାମବାସୀମାନେ ତାଙ୍କୁ ଅତି ନିର୍ଦ୍ଦୟ ଭାବେ ମାଡ଼ ମାରୁଥିଲେ ଏବଂ ରଶି ଢିଲା ହେଲେ ତାକୁ ବାରମ୍ବାର ଟାଣି ପୁଣି ଆକ୍ରମଣ କରୁଥିଲେ। ଖବର ପାଇ ବାଣପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତୋଫାନଙ୍କୁ ଉଦ୍ଧାର କରିଥିଲା। କିନ୍ତୁ ପରିବାର ଲୋକଙ୍କ ଅଭିଯୋଗ ଅନୁସାରେ, ପୋଲିସ ତାଙ୍କୁ ଡାକ୍ତରଖାନା ନେବା ବଦଳରେ ଥାନାକୁ ଆଣି ପ୍ରବଳ ମାଡ଼ ମାରିଥିଲା। ପୋଲିସର କହିବାନୁସାରେ ଥାନା ପକ୍ଷରୁ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା । ରାତିରେ ପରିବାର ଲୋକ ଆସିଥିଲେ । ଘରେ ଯୁବକ ଜଣଙ୍କ ଅସୁସ୍ଥତା ଅନୁଭବ କରି ରକ୍ତବାନ୍ତି କରି ଗୁରୁତର ହୋଇଥିଲେ। ସୋମବାର ପରିବାର ଲୋକେ ତୋଫାନଙ୍କୁ ବାଣପୁର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଡାକ୍ତର ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା । ପରିବାର ଲୋକେ ଏହାକୁ ପୋଲିସ ହେପାଜତରେ ମୃତ୍ୟୁ ବୋଲି ଅଭିଯୋଗ କରିଥିବା ବେଳେ ଖୋର୍ଦ୍ଧା ଏସପି ଏହାକୁ ଅସ୍ୱୀକାର କରିଛନ୍ତି। ପୋଲିସ ସିସିଟିଭି ଆଧାରରେ ତଦନ୍ତ ଚଳାଇ ଏକାଧିକଙ୍କୁ ଗିରଫ କରିଛି।

ଏହି ଘଟଣା କୌଣସି ଏକ ବିଚ୍ଛିନ୍ନ ବା ଏକକ ଘଟଣା ନୁହେଁ, ବରଂ ଏହା ରାଜ୍ୟରେ ଦ୍ରୁତ ଗତିରେ ବଢ଼ି ଚାଲିଥିବା ଏକ ବିପଜ୍ଜନକ ମାନସିକତାକୁ ଦର୍ଶାଉଛି। ଯଦି ଆମେ ଓଡ଼ିଶାର ଗତ କିଛି ମାସର ଆଇନ ଶୃଙ୍ଖଳା ସ୍ଥିତି ଉପରେ ନଜର ପକାଇବା, ତେବେ ଭିଡ଼ ହିଂସାର ଏକ ଭୟାବହ ଧାରା ସାମ୍ନାକୁ ଆସିବ। ନିକଟରେ ରାୟଗଡ଼ାରେ ପିଲାଚୋର ଗୁଜବକୁ କେନ୍ଦ୍ର କରି ଦୁଇଜଣ ଏନଜିଓ କର୍ମୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ କରାଯିବା ଏବଂ ସେହି ଘଟଣାରେ ୨୧ ଜଣଙ୍କୁ ଗିରଫ କରାଯିବା ଆମକୁ ସଚେତନ କରିବା ପାଇଁ ଯଥେଷ୍ଟ ଥିଲା। ସେହିପରି ସମ୍ବଲପୁରରେ କେରଳର ଜଣେ ଦିନମଜୁରିଆଙ୍କୁ ମାଡ଼, ବାଲେଶ୍ୱର ଗୋ-ତସ୍କରୀ ସନ୍ଦେହରେ ଶେଖ୍ ମକନ୍ଦର ମହମ୍ମଦଙ୍କୁ ପିଟି ପିଟି ହତ୍ୟା କରିବା ଏବଂ ମହିଳାଙ୍କ ସହ ଦୁର୍ବ୍ୟବହାର ଅଭିଯୋଗରେ ଜଣେ ଜିଆରପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ବାଉଁଶ ଖୁଣ୍ଟରେ ବାନ୍ଧି ନୃଶଂସ ଭାବେ ହତ୍ୟା କରିବା ଭଳି ଘଟଣା ପ୍ରମାଣ କରୁଛି ଯେ ସାଧାରଣ ଲୋକଙ୍କ ମନରୁ ଆଇନ ପ୍ରତି ଥିବା ଭୟ ଏକପ୍ରକାର ଲିଭିଯାଇଛି। ରାଜ୍ୟ ବିଧାନସଭାରେ ଖୋଦ୍ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, ଗତ କିଛି ମାସ ମଧ୍ୟରେ ରାଜ୍ୟରେ ଅତିକମରେ ସାତଟି ବଡ଼ ଧରଣର ମବ୍ ଲିଞ୍ଚିଂ ମାମଲା ରୁଜୁ ହୋଇଛି। ଏହି ସରକାରୀ ସଂଖ୍ୟା ହିଁ ସ୍ଥିତିର ଗମ୍ଭୀରତାକୁ ବୟାନ କରିବା ପାଇଁ ଯଥେଷ୍ଟ।

ଏଭଳି ସାମୂହିକ ଉନ୍ମାଦନା ଏବଂ ଭିଡ଼ହିଂସାର ମୂଳ କାରଣ ହେଉଛି ବିଭିନ୍ନ ସୋସିଆଲ ମିଡିଆ ମାଧ୍ୟମରେ ଗୁଜବର ଦ୍ରୁତ ପ୍ରସାର ଏବଂ ପ୍ରଚଳିତ ନ୍ୟାୟ ବ୍ୟବସ୍ଥା ଉପରୁ ସାଧାରଣ ଜନତାଙ୍କ ଧୈର୍ଯ୍ୟଚ୍ୟୁତି। ଆଜିର ସମୟରେ ଯେକୌଣସି ମିଥ୍ୟା ଖବର, ଚୋର କିମ୍ବା ପିଲାଚୋର ସନ୍ଦେହଜନକ ବାର୍ତ୍ତା ଡିଜିଟାଲ ମାଧ୍ୟମରେ ନିଆଁ ଭଳି ବ୍ୟାପିଯାଉଛି। ସମାଜର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନିଜକୁ ଆଇନର ରକ୍ଷକ ସଜେଇ, ବିନା କୌଣସି ସତ୍ୟାସତ୍ୟ ଜାଣି, ନିଜ ହାତକୁ ଆଇନ ନେବାକୁ ପଛାଉନାହାନ୍ତି। ଚୋର, ଡକାୟତ କିମ୍ବା ଅପରାଧୀ ସନ୍ଦେହରେ କାହାକୁ ବିନା ବିଚାରରେ ଅତି ନିର୍ଦ୍ଦୟ ଭାବେ ମୃତ୍ୟୁଦଣ୍ଡ ଦେବାର ଅଧିକାର ଆମ ସମ୍ବିଧାନ କୌଣସି ବି ନାଗରିକଙ୍କୁ ଦେଇନାହିଁ। ଯଦି କେହି ଅପରାଧ କରିଛି, ତେବେ ତାକୁ ପୋଲିସ ଜିମା ଦେବା ଏବଂ ଆଇନଗତ ପ୍ରକ୍ରିୟାରେ ଦଣ୍ଡିତ କରାଇବା ହେଉଛି ଏକ ସୁସ୍ଥ ଗଣତାନ୍ତ୍ରିକ ସମାଜର ଲକ୍ଷଣ ।ସମୟ ଆସିଛି, ଆମେ ଆମ ଭିତରେ ଥିବା ମାନବିକତାକୁ ଜାଗ୍ରତ ରଖିବା ଏବଂ ଆଇନର ଶାସନକୁ ସମ୍ମାନ ଦେବା ଶିଖିବା।

# ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ଅନଶନ !

## ଅସିତ ମହାନ୍ତି

> ଶିକ୍ଷା ସଂସ୍କାର ଏବଂ ପରିବେଶ ସୁରକ୍ଷା ଓକିଲାତି ପାଇଁ ଜଣାଶୁଣା ସୋନମ ଓ୍ୱାଙ୍ଗଚୁକ୍ ତାଙ୍କ ଅନଶନରେ ଦୁଇଟି ପ୍ରମୁଖ ଦାବି ରଖିଛନ୍ତି: ଶିକ୍ଷାରେ ଦାୟିତ୍ୱ ଏବଂ ନିଟ୍ - ୟୁଜି ପେପର୍ ଲିକ୍ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନିୟମିତତା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଓ ଜାତୀୟ ପରୀକ୍ଷା ସଂସ୍ଥାକୁ ଉଚ୍ଛେଦ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଲଦାଖର ଦାବି - ଗଣତାନ୍ତ୍ରିକ ଅଧିକାର ଏବଂ ଲଦାଖ ପାଇଁ ସ୍ୱାୟତ୍ତତା। ପରିବେଶ ଏବଂ ସାଂସ୍କୃତିକ ସୁରକ୍ଷା ପାଇଁ ସାମ୍ବିଧାନିକ ଗ୍ୟାରେଣ୍ଟି। ସରକାରଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ଦାବି। ସରକାରଙ୍କ ପ୍ରତିକ୍ରିୟା - ସରକାର ଏପର୍ଯ୍ୟନ୍ତ ଏହି ଦାବିଗୁଡ଼ିକୁ ଗ୍ରହଣ କରିନାହାନ୍ତି।

ଯେଉଁ ଦେଶକୁ ଶିକ୍ଷାର ଉନ୍ନତି ପାଇଁ ଅନଶନ ଆବଶ୍ୟକ, ସେ ନିଜ ଭବିଷ୍ୟତକୁ ବିପଦରେ ପକାଇ ଦେଉଛି। ଏହି ବକ୍ତବ୍ୟ ଜଣେ ସାଧାରଣ ବ୍ୟକ୍ତିଙ୍କର ନୁହେଁ, ବରଂ ସୋନମ ଓ୍ୱାଙ୍ଗଚୁକ୍‌ଙ୍କ ଭଳି ଜଣେ ବୈଜ୍ଞାନିକ ଏବଂ ପରିବେଶବିତ୍, ଯିଏ ବର୍ଷ ବର୍ଷ ଧରି ଶିକ୍ଷା ଏବଂ ସାମାଜିକ ସଂସ୍କାର ପାଇଁ ଲଢ଼େଇ କରି ଆସୁଛନ୍ତି। ଆଜି ସେ ଜନ୍ତରମନ୍ତରର ରାସ୍ତାରେ ଅନଶନ କରୁଛନ୍ତି, ଏହା ଭାରତ ପାଇଁ ଲଜ୍ଜାଜନକ ହେବା ସହିତ ଅଶୋଭନୀୟ ମଧ୍ୟ। ଭାରତ ଭଳି ଏକ ଗଣତାନ୍ତ୍ରିକ ଦେଶରେ, ଶିକ୍ଷା ପାଇଁ ଆନ୍ଦୋଳନ କିଛି ନୂଆ ନୁହେଁ। କିନ୍ତୁ ଯେତେବେଳେ ଜଣେ ସମ୍ମାନିତ ବୈଜ୍ଞାନିକ, ଯିଏ ତାଙ୍କ ଉଦ୍ଭାବନ ଏବଂ ଶିକ୍ଷା ମଡେଲ ପାଇଁ ବିଶ୍ୱବ୍ୟାପୀ ଜଣାଶୁଣା, ତାଙ୍କୁ ଅନଶନରେ ବସିବାକୁ ବାଧ କରାଯାଏ, ତାହା କେବଳ ଜଣେ ବ୍ୟକ୍ତିଙ୍କ ସଂଘର୍ଷ ନୁହେଁ ବରଂ ସମଗ୍ର ଜାତିର ବିଫଳତାର ପ୍ରତୀକ ହୋଇଯାଏ।

ସୋନମ ଓ୍ୱାଙ୍ଗଚୁକ୍‌ଙ୍କ ଦାବି ବ୍ୟକ୍ତିଗତ ଲାଭ ପାଇଁ ନୁହେଁ। ସେ ଶିକ୍ଷାକୁ ସୁଗମ, ସମାନ ଏବଂ ପରିବେଶଗତ ଭାବରେ ସମ୍ବେଦନଶୀଳ କରିବାକୁ ଆହ୍ୱାନ କରୁଛନ୍ତି। କିନ୍ତୁ ଦୁଃଖର କଥା, ଭାରତୀୟ ଗଣମାଧ୍ୟମ ଏହି ଆନ୍ଦୋଳନକୁ ଉପଯୁକ୍ତ ଧ୍ୟାନ ଦେଉନାହିଁ। ବିଦେଶୀ ଗଣମାଧ୍ୟମ ଏହି ଖବରକୁ ଗୁରୁତ୍ୱ ଦେଉଛି, ଯେତେବେଳେ ଭାରତୀୟ ଗଣମାଧ୍ୟମ ନୀରବ କିମ୍ବା ଏହାକୁ ପାର୍ଶ୍ୱରେ ପକାଇ ଦେଉଛି। ଏହି ନୀରବତା ଶାସକ ଦଳ ପାଇଁ ସୁବିଧାଜନକ, କାରଣ ଶିକ୍ଷା ବିଷୟରେ ସତ୍ୟ ପ୍ରକାଶ କରିବା ସେମାନଙ୍କ ପାଇଁ ଅସୁବିଧାଜନକ। କକରୋଚ ଜନତା ଦଳ ଏବଂ ସୋନମ ଓ୍ୱାଙ୍ଗଚୁକଙ୍କ ମୁଖ୍ୟ ଦାବି ଶିକ୍ଷା ବ୍ୟବସ୍ଥାରେ ଦାୟିତ୍ୱ, ନିଯୁକ୍ତି ଏବଂ ସ୍ୱଚ୍ଛତା ସହିତ ଜଡିତ। ଉଭୟ ଆନ୍ଦୋଳନ ବିଶେଷ ଭାବରେ ନିଟ୍- ୟୁଜି ପେପର ଲିକ୍ ଏବଂ ପରୀକ୍ଷା ବ୍ୟବସ୍ଥାର ବିଫଳତା ଉପରେ କେନ୍ଦ୍ରିତ, ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରି। ଓ୍ୱାଙ୍ଗଚୁକ ଲଦାଖର ପରିବେଶଗତ ଏବଂ ସାଂସ୍କୃତିକ ସୁରକ୍ଷାକୁ ମଧ୍ୟ ତାଙ୍କର ପ୍ରମୁଖ ଦାବି ମଧ୍ୟରୁ ଗୋଟିଏ ଭାବରେ ଅନ୍ତର୍ଭୁକ୍ତ କରିଛନ୍ତି। କକରୋଚ ଜନତା ଦଳ(ସିଜେପି)ର ମୁଖ୍ୟ ଦାବି – ଯୁବ ଅସନ୍ତୋଷରୁ ଜନ୍ମିତ ଏକ ବ୍ୟଙ୍ଗାତ୍ମକ କିନ୍ତୁ ଗମ୍ଭୀର ରାଜନୈତିକ ପଦକ୍ଷେପ, କକାରୋଚ ଜନତା ଦଳ ପାଞ୍ଚଟି ଦାବି ଉପସ୍ଥାପନ କରିଛି: ନିଯୁକ୍ତି ଏବଂ ଦାୟିତ୍ୱ: ପ୍ରକୃତ ବେକାରୀ ସଂଖ୍ୟା ପ୍ରକାଶ କରାଯିବା ଉଚିତ ଏବଂ ଏକ କଂକ୍ରିଟ୍ ନିଯୁକ୍ତି ନୀତି ପ୍ରସ୍ତୁତ କରାଯିବା ଉଚିତ ।ଶିକ୍ଷା ସଂସ୍କାର: ନିଟ୍ ଏବଂ ସିବିଏସ୍‌ଇ ପରି ପରୀକ୍ଷାରେ ପେପର ଲିକ୍ ଏବଂ ଅନିୟମିତତା ପାଇଁ ଦାୟିତ୍ୱ ସ୍ଥିର କରାଯିବା ଉଚିତ। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଓ ସିବିଏସ୍‌ଇ ପୁନଃଯାଞ୍ଚ ଫି ତୁରନ୍ତ ଉଚ୍ଛେଦ। ଗଣମାଧ୍ୟମ ଏବଂ ପ୍ରେସ ସ୍ୱାଧୀନତା: କର୍ପୋରେଟ୍-ନିୟନ୍ତ୍ରିତ ଗଣମାଧ୍ୟମକୁ ରୋକିବା ଏବଂ ସ୍ୱାଧୀନ ସାମ୍ବାଦିକତାକୁ ପ୍ରୋତ୍ସାହିତ କରିବା। ନ୍ୟାୟପାଳିକାର ମର୍ଯ୍ୟାଦା: ବିବାଦୀୟ ବୟାନ ବିରୋଧରେ ବିଚାରପତିଙ୍କ ପାଇଁ ଆଚରଣ ସଂହିତା ଏବଂ ଅବସର ପରବର୍ତ୍ତୀ ରାଜନୈତିକ ନିଯୁକ୍ତି ଉପରେ ରୋକ। ସ୍ୱଚ୍ଛତା: ପିଏମ୍ କେୟାରସ୍ ପରି ପାଣ୍ଠିର ସାର୍ବଜନୀନ ଅଡିଟ୍ ଏବଂ ଉତ୍ତରଦାୟିତ୍ୱ।



ସୋନମ ଓ୍ୱାଙ୍ଗଚୁକ୍‌ଙ୍କ ମୁଖ୍ୟ ଦାବି – ଶିକ୍ଷା ସଂସ୍କାର ବଂ ପରିବେଶ ସୁରକ୍ଷା ପାଇଁ ତାଙ୍କ ଓକିଲାତି ପାଇଁ ଜଣାଶୁଣା ସୋନମ ଓ୍ୱାଙ୍ଗଚୁକ୍ ତାଙ୍କ ଅନଶନରେ ଦୁଇଟି ପ୍ରମୁଖ ଦାବି ରଖିଛନ୍ତି: ଶିକ୍ଷାରେ ଦାୟିତ୍ୱ ଏବଂ ନିଟ୍ – ୟୁଜି ପେପର୍ ଲିକ୍ ଏବଂ ଅନ୍ୟାନ୍ୟ ପରୀକ୍ଷା ଅନିୟମିତତା ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ। ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା। ଜାତୀୟ ପରୀକ୍ଷା ସଂସ୍ଥାକୁ ଉଚ୍ଛେଦ କରିବା ପାଇଁ ମଧ୍ୟ ଦାବି କରାଯାଇଛି। ଲଦାଖର ଦାବି – ଗଣତାନ୍ତ୍ରିକ ଅଧିକାର ଏବଂ ଲଦାଖ ପାଇଁ ସ୍ୱାୟତ୍ତତା। ପରିବେଶ ଏବଂ ସାଂସ୍କୃତିକ ସୁରକ୍ଷା ପାଇଁ ସାମ୍ବିଧାନିକ ଗ୍ୟାରେଣ୍ଟି। ସରକାରଙ୍କ ଦ୍ୱାରା ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତି ପୂରଣ ପାଇଁ ଦାବି। ସରକାରଙ୍କ ପ୍ରତିକ୍ରିୟା – ସରକାର ଏପର୍ଯ୍ୟନ୍ତ ଏହି ଦାବିଗୁଡ଼ିକୁ ଗ୍ରହଣ କରିନାହାଁନ୍ତି। ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା କିମ୍ବା ଲଦାଖକୁ ସ୍ୱାୟତ୍ତତା ପ୍ରଦାନ କରିବା ପାଇଁ କୌଣସି ଠୋସ୍ ପଦକ୍ଷେପ ନିଆଯାଇନାହିଁ। ଗଣମାଧ୍ୟମ କଭରେଜ୍ ମଧ୍ୟ ସୀମିତ ହୋଇଛି, ଆନ୍ଦୋଳନ ମୁଖ୍ୟତଃ ସାମାଜିକ ଗଣମାଧ୍ୟମ ଏବଂ ବିଦେଶୀ ପ୍ରେସ୍ ଉପରେ କେନ୍ଦ୍ରିତ। ଅନଶନ କେବଳ ଖାଦ୍ୟ ତ୍ୟାଗ ନୁହେଁ; ଏହା ଆତ୍ମାର ଆହ୍ୱାନ। ଯେତେବେଳେ ଜଣେ ବ୍ୟକ୍ତି ସମାଜକୁ ଜାଗ୍ରତ କରିବା ପାଇଁ ନିଜ ଶରୀରକୁ ବିପଦରେ ପକାଇଥାଏ, ସେତେବେଳେ ସେମାନେ ଏହି ବାର୍ତ୍ତା ଦିଅନ୍ତି ଯେ ଶିକ୍ଷା କେବଳ ପୁସ୍ତକର ବିଷୟ ନୁହେଁ, ବରଂ ଜୀବନର ଅଧିକାର। ସୋନମ ଓ୍ୱାଙ୍ଗଚୁକଙ୍କ ଅନଶନ ଏହାର ପ୍ରତୀକ ଯେ ଭାରତରେ ଶିକ୍ଷାର ଅବସ୍ଥା ଏତେ ଶୋଚନୀୟ ହୋଇଯାଇଛି ଯେ ବୈଜ୍ଞାନିକମାନେ ମଧ୍ୟ ରାସ୍ତାକୁ ଓହ୍ଲାଇବାକୁ ବାଧ ହେଉଛନ୍ତି।

ଗଣତନ୍ତ୍ରର ବିଫଳତା – ଗଣତନ୍ତ୍ରର ଅର୍ଥ ହେଉଛି ଲୋକଙ୍କ ସ୍ୱର ଶୁଣିବା ଏବଂ ସେମାନଙ୍କ ଅଧିକାରକୁ ସୁରକ୍ଷା ଦେବା। କିନ୍ତୁ ଯେତେବେଳେ ଲୋକମାନେ ଶିକ୍ଷା ଭଳି ମୌଳିକ ଆବଶ୍ୟକତା ପାଇଁ ପ୍ରତିବାଦ କରନ୍ତି ଏବଂ ସରକାର ନୀରବ ରହନ୍ତି, ଏହା ଗଣତନ୍ତ୍ରର ବିଫଳତା। ଏହି ବିଫଳତା କେବଳ ସରକାରଙ୍କର ନୁହେଁ ବରଂ ସମାଜର ମଧ୍ୟ, ଯାହା ତାଙ୍କ ପିଲାମାନଙ୍କ ଭବିଷ୍ୟତ ପ୍ରତି ଉଦାସୀନ ହୋଇ ପଡ଼ିଛି। ଗଣତନ୍ତ୍ରର ଭୂମିକା – ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବରେ ବିବେଚନା କରାଯାଏ। କିନ୍ତୁ ଯେତେବେଳେ ଗଣମାଧ୍ୟମ ଶିକ୍ଷା ଭଳି ପ୍ରସଙ୍ଗକୁ ଅଣଦେଖା କରେ ଏବଂ କେବଳ ମନୋରଞ୍ଜନ କିମ୍ବା କ୍ଷମତା-ଚାଳିତ ଖବର ପ୍ରସାରଣ କରେ, ସେତେବେଳେ ଏହା ତାର କର୍ତ୍ତବ୍ୟରୁ ବିଚ୍ୟୁତ ହୁଏ। ବିଦେଶୀ ଗଣମାଧ୍ୟମ ଏହି ଆନ୍ଦୋଳନକୁ ଆଲୋକପାତ କରିବା, ଯେତେବେଳେ ଭାରତୀୟ ଗଣମାଧ୍ୟମ ଏହାକୁ ଦମନ କରୁଛି, ତାହା ଦର୍ଶାଉଛି ଯେ ଆମେ ଆମ ନିଜ ଦେଶର ସତ୍ୟଠାରୁ ଦୂରେଇ ଯାଉଛୁ। ଶିକ୍ଷା ଏବଂ ଜାତିର ଭବିଷ୍ୟତ – ଶିକ୍ଷା ଯେକୌଣସି ଜାତିର ମେରୁଦଣ୍ଡ। ଯଦି ଶିକ୍ଷା ବ୍ୟବସ୍ଥା ଦୁର୍ବଳ ହୁଏ, ତେବେ ଜାତିର ଭବିଷ୍ୟତ ମଧ୍ୟ ଦୁର୍ବଳ ହେବ। ସୋନମ ଓ୍ୱାଙ୍ଗଚୁକଙ୍କ ସଂଘର୍ଷ ଆମକୁ ମନେ ପକାଇ ଦିଏ ଯେ ଶିକ୍ଷା କେବଳ ଡିଗ୍ରୀ ହାସଲ କରିବାର ଏକ ମାଧ୍ୟମ ନୁହେଁ, ବରଂ ସମାଜରେ ସଚେତନତା ଏବଂ ସଶକ୍ତିକରଣ ସୃଷ୍ଟି କରିବାର ଏକ ମାଧ୍ୟମ। ଯଦି ଆମେ ଆଜି ଶିକ୍ଷାର ଦାବିକୁ ଅଣଦେଖା କରୁ, ତେବେ କାଲି ଆମକୁ ଏହାର ପରିଣାମ ଭୋଗିବାକୁ ପଡିବ।

ଲଜ୍ଜା – ଏହା ପ୍ରକୃତରେ ଏକ ଲଜ୍ଜା ଯେ ଭାରତ ଭଳି ଦେଶରେ, ଯେଉଁଠାରେ ବୈଜ୍ଞାନିକ ଏବଂ ଶିକ୍ଷାବିତମାନଙ୍କୁ ସମ୍ମାନ କରାଯିବା ଉଚିତ, ସେମାନେ ସେମାନଙ୍କର ଦାବିକୁ ଚାପ ପକାଇବା ପାଇଁ ଅନଶନ କରିବାକୁ ବାଧ ହୁଅନ୍ତି। ଏହି ଲଜ୍ଜା କେବଳ ସରକାରଙ୍କ ପାଇଁ ନୁହେଁ, ସମଗ୍ର ସମାଜ ପାଇଁ। କାରଣ ଯେପର୍ଯ୍ୟନ୍ତ ସମାଜ ଶିକ୍ଷାକୁ ନିଜର ଅଧିକାର ଭାବରେ ସ୍ୱୀକାର ନ କରେ, ସେପର୍ଯ୍ୟନ୍ତ ସରକାର ଏହାକୁ ନିଜ ସୁବିଧା ଅନୁସାରେ ଶୋଷଣ କରି ଚାଲିବେ। ସୋନମ ଓ୍ୱାଙ୍ଗଚୁକଙ୍କ ଅନଶନ ଏକ ଚେତାବନୀ। ଏହା ଏକ ଚେତାବନୀ ଯେ ଯଦି ଆମେ ଶିକ୍ଷାକୁ ଗମ୍ଭୀରତାର ସହିତ ନ ନେବା, ତେବେ ଆମର ଗଣତନ୍ତ୍ର କେବଳ ନାମକୁ ମାତ୍ର ରହିବ। ଶିକ୍ଷାକୁ ପରୀକ୍ଷା ଏବଂ ମାର୍କ ପର୍ଯ୍ୟନ୍ତ ସୀମିତ ରଖିବା ବନ୍ଦ କରିବାର ସମୟ ଆସିଛି, ବରଂ ଏହାକୁ ପ୍ରତ୍ୟେକ ପିଲାର ଅଧିକାର ଭାବରେ ସ୍ୱୀକାର କରିବା।

ଭାରତକୁ ବୁଝିବାକୁ ପଡିବ ଯେ ଶିକ୍ଷା ଦାବି ପାଇଁ ଅନଶନ ଏହାର ସବୁଠାରୁ ବଡ଼ ବିଫଳତା। ଏହି ବିଫଳତା ଆମକୁ ଆତ୍ମସମୀକ୍ଷା କରିବାକୁ ବାଧ କରେ। ଆମକୁ ସ୍ୱୀକାର କରିବାକୁ ପଡିବ ଯେ ଶିକ୍ଷା କେବଳ ସରକାରଙ୍କ ଦାୟିତ୍ୱ ନୁହେଁ, ବରଂ ସମଗ୍ର ସମାଜର ସାମୂହିକ ଦାୟିତ୍ୱ। ସୋନମ ଓ୍ୱାଙ୍ଗଚୁକଙ୍କ ସଂଘର୍ଷ ଆମକୁ ଶିକ୍ଷା ଦିଏ ଯେ ଶିକ୍ଷା ବିନା କୌଣସି ରାଷ୍ଟ୍ର ପ୍ରଗତି କରିପାରିବ ନାହିଁ। ଏବଂ ଯଦି ଶିକ୍ଷା ପାଇଁ ଅନଶନ ଆବଶ୍ୟକ, ତେବେ ଏହା ଆମ ଗଣତନ୍ତ୍ର ପାଇଁ ସବୁଠାରୁ ବଡ଼ ଲଜ୍ଜା।

ସୁଜନପୁର, ଯାଜପୁର
ମୋ-୯୪୩୭୨୮୮୦୨୮

# 'ଜ୍ଞାନୋଦୟ - ଶିକ୍ଷାରୁ ସମୃଦ୍ଧି' ଯୋଜନା

## ସୌଭାଗ୍ୟ ରଂଜନ ମହାନ୍ତି

> ଓଡ଼ିଶାର ଶିକ୍ଷା ଇତିହାସରେ ଏହା ଏକ ଅଭୁତପୂର୍ବ ପରିବର୍ତ୍ତନ ଆଣିବ, ଯାହା ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରି ସାମାଜିକ ସ୍ତରରେ ସଂସ୍କାର ଆଣିବ। ଏହି ଯୋଜନାର ଯଦି ବୈଷୟିକ ରୂପରେଖ ଓ ପରିସରକୁ ଦେଖାଯାଏ, ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡ଼ିକରେ ନିୟମିତ ବା ରେଗୁଲାର ପାଠ୍ୟକ୍ରମରେ ନାମ ଲେଖାଇଥିବା ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି ବା ଆଡମିଶନ ଫି ଛାଡ କରାଯିବ।

ରାଜ୍ୟର ବିକାଶ ଧାରାକୁ ଏକ ନୂତନ ଦିଗ ଦେବା ସହିତ ଶିକ୍ଷା କ୍ଷେତ୍ରରେ ସାର୍ବଜନୀନ ସମାନତା ଆଣିବା ପାଇଁ ଓଡିଶା ସରକାର ଏକ ବୈପ୍ଳବିକ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ୪୩ତମ ଗୁରୁତ୍ୱପୂର୍ଣ୍ଣ ବୈଠକରେ ରାଜ୍ୟର ସାମଗ୍ରିକ ବିକାଶ ଓ ପ୍ରଗତି ପାଇଁ ୧୨ଟି ପ୍ରମୁଖ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହି ସମସ୍ତ ନିଷ୍ପତ୍ତି ମଧ୍ୟରୁ ଶିକ୍ଷା କ୍ଷେତ୍ର ସହିତ ଜଡିତ ସବୁଠାରୁ ବଡ ଏବଂ ଯୁଗାନ୍ତକାରୀ ନିଷ୍ପତି ହେଉଛି 'ଜ୍ଞାନୋଦୟ-ଶିକ୍ଷାରୁ ସମୃଦ୍ଧି' ଯୋଜନାର ଆନୁଷ୍ଠାନିକ କାର୍ଯ୍ୟକାରିତା। ଏହି ଯୋଜନା ମାଧ୍ୟମରେ ଓଡିଶାରେ କିଣ୍ଡରଗାର୍ଟେନ୍ ବା କେ.ଜି. ଠାରୁ ଆରମ୍ଭ କରି ସ୍ନାତକୋତର ବା ପି.ଜି. ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ମାଗଣା ଶିକ୍ଷା ପ୍ରଦାନ କରିବାକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି। ମୁଖ୍ୟମନ୍ତ୍ରୀ ପୂର୍ବରୁ ଏହି ଯୋଜନା ବିଷୟରେ ସାଧାରଣରେ ଘୋଷଣା କରିଥିବାବେଳେ ବର୍ତ୍ତମାନ କ୍ୟାବିନେଟର ମୋହର ବାଜିବା ପରେ ଏହା ଚଳିତ ଶିକ୍ଷାବର୍ଷ ୨୦୨୬-୨୭ରୁ ହିଁ ସମଗ୍ର ରାଜ୍ୟରେ ହେବାକୁ ଯାଉଛି। ଏହି ଐତିହାସିକ ଏବଂ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ଦ୍ୱାରା ରାଜ୍ୟର କୌଣସି ବି ମେଧାବୀ କିମ୍ବା ଯୋଗ୍ୟ ଛାତ୍ରଛାତ୍ରୀ ଆର୍ଥିକ ଅଭାବ ଅନଟନ କାରଣରୁ ନିଜର ଶିକ୍ଷା ଅଧିକାରରୁ ବଂଚିତ ହେବେ ନାହିଁ କିମ୍ବା ଆର୍ଥିକ ପ୍ରତିବନ୍ଧକ ଯୋଗୁଁ ନିଜର ପାଠପଢାକୁ ଅଧାରୁ ଛାଡିବାକୁ ବାଧ ହେବେ ନାହିଁ।

ଓଡିଶାର ଶିକ୍ଷା ଇତିହାସରେ ଏହା ଏକ ଅଭୂତପୂର୍ବ ପରିବର୍ତ୍ତନ ଆଣିବ, ଯାହା ଗୁଣାତ୍ମକ ଶିକ୍ଷାକୁ ଅଧିକ ସହଜଲଭ୍ୟ, ସମାନତା ଭିତ୍ତିକ ଏବଂ ସୁଲଭ କରି ସାମାଜିକ ସ୍ତରରେ ସଂସ୍କାର ଆଣିବ। ଏହି ଯୋଜନାର ଯଦି ବୈଷୟିକ ରୂପରେଖ ଓ ପରିସରକୁ ଦେଖାଯାଏ, ତେବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡିକରେ ନିୟମିତ ବା ରେଗୁଲାର ପାଠ୍ୟକ୍ରମରେ ନାମ ଲେଖାଇଥିବା ସମସ୍ତ ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କୁ ସମ୍ପୂର୍ଣ୍ଣ ନାମଲେଖା ଫି ବା ଆଡମିଶନ ଫି ଛାଡ କରାଯିବ। ପୂର୍ବରୁ ଓଡିଶାର କିଣ୍ଡରଗାର୍ଟେନରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷା ସମ୍ପୂର୍ଣ୍ଣ ରୂପେ ଦେୟମୁକ୍ତ ଥିଲା, ମାତ୍ର ବର୍ତ୍ତମାନର ଏହି ନୂତନ ପଦକ୍ଷେପ ଦ୍ୱାରା ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ନବମ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ (ଯୁକ୍ତ ଦୁଇ) ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀ ଏବଂ ରାଜ୍ୟ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ କଲେଜ ତଥା ସରକାରୀ ଅନୁଦାନପ୍ରାପ୍ତ କଲେଜଗୁଡିକରେ ନିୟମିତ ଭାବେ ସ୍ନାତକ ଏବଂ ସ୍ନାତକୋତ୍ତର ପାଠ୍ୟକ୍ରମ କରୁଥିବା ଛାତ୍ରଛାତ୍ରୀମାନେ ଏହି ବୃହତ୍ ମାଗଣା ଶିକ୍ଷା ବ୍ୟବସ୍ଥାରେ ସିଧାସଳଖ ସାମିଲ ହେବେ। ସରକାରଙ୍କ ଏହି ମାଷ୍ଟରଷ୍ଟ୍ରୋକ୍ ଦ୍ୱାରା ପ୍ରକୃତ ପକ୍ଷେ କେଜିରୁ ପିଜି ପର୍ଯ୍ୟନ୍ତ ସମସ୍ତ ପାଠପଢା ସମ୍ପୂର୍ଣ୍ଣ ରୂପେ ମାଗଣା ହୋଇପାରିବ। ସମାଜର ବିଶେଷ କରି ଆର୍ଥିକ ବୋଝ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇବ। ପରିବାରର ଆର୍ଥିକ ସ୍ଥିତ ଯାହା ବି ଥାଉ ନା କାହିଁକି ପିଲାମାନଙ୍କର ଉଚ୍ଚଶିକ୍ଷା ଗ୍ରହଣ କରିବାର ସ୍ୱପ୍ନ ଆଉ ଆର୍ଥିକ ପ୍ରତିବନ୍ଧକରେ ପେସି ହୋଇ ନଷ୍ଟ ହେବ ନାହିଁ। ଏହି ନିଷ୍ପତ୍ତି ଶିକ୍ଷାନୁଷ୍ଠାନଗୁଡିକରେ ସାମଗ୍ରିକ ନାମଲେଖା ହାରକୁ ଯଥେଷ୍ଟ ବୃଦ୍ଧି କରିବ, ବିଦ୍ୟାଳୟ ଏବଂ କଲେଜଗୁଡିକରେ ଛାତ୍ରଛାତ୍ରୀମାନଙ୍କ ଦୈନିକ ଉପସ୍ଥାପନରେ ବ୍ୟାପକ ସୁଧାର ଆଣିବ ଏବଂ ଦାରିଦ୍ର୍ୟ କାରଣରୁ ପାଠପଢା ମଝିରୁ ପାଠ ଛାଡିବା ବା ଡ୍ରପ୍-ଆଉଟ୍ ହେବା ହାରକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରଣ କରିବାରେ ସଫଳ ହେବ। ଏହାଦ୍ୱାରା ଅଧିକରୁ ଅଧିକ ଛାତ୍ରଛାତ୍ରୀ ବିନା କୌଣସି ଆଥିକ ଚିନ୍ତାରେ ନିଜର ଉଚ୍ଚଶିକ୍ଷା ଜାରି ରଖିବାରେ ସମର୍ଥ ହେବେ। ସରକାର ଏହି ଯୋଜନାକୁ ଅତି ସ୍ୱଚ୍ଛ ଏବଂ ଲକ୍ଷ୍ୟଭିତ୍ତିକ କରିବାପାଇଁ କେତେକ ନିର୍ଦ୍ଦିଷ୍ଟ ସର୍ତ୍ତାବଳୀ ଏବଂ ସୀମା ମଧ୍ୟ ନିର୍ଦ୍ଧାରଣ କରିଛନ୍ତି, ଯାହା ଅନୁଯାୟୀ ଏହି ଯୋଜନାର ଲାଭ କେବଳ ଯୋଗ୍ୟ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ଅନୁଷ୍ଠାନଗୁଡିକ ଦ୍ୱାରା ପରିଚାଳିତ ନିୟମିତ ପାଠ୍ୟକ୍ରମର ଛାତ୍ରଛାତ୍ରୀମାନଙ୍କୁ ହିଁ ପ୍ରଦାନ କରାଯିବ। ସେଲ୍ଫ-ଫାଇନାନସିଙ୍ଗ(ଆତ୍ମ-ନିର୍ଭରଶୀଳ) ପାଠ୍ୟକ୍ରମ କିମ୍ବା ଅନୁଷ୍ଠାନ, ବେସରକାରୀ ଅଣ-ଅନୁଦାନପ୍ରାପ୍ତ ଅନୁଷ୍ଠାନ, ପିପିପି ମୋଡ ବା ସରକାରୀ-ବେସରକାରୀ ସହଭାଗିତାରେ ଚାଲୁଥିବା ଅନୁଷ୍ଠାନ ଓ ପାଠ୍ୟକ୍ରମ ଏବଂ ଅନ୍ୟାନ୍ୟ ବୃତ୍ତିଗତ ଓ ବୈଷୟିକ କାର୍ଯ୍ୟକ୍ରମ ବା ପ୍ରଫେସନାଲ୍ କୋର୍ସଗୁଡିକୁ ଏହି ଯୋଜନାର ପରିସରଭୁକ୍ତ କରାଯାଇନାହିଁ।

ଶିକ୍ଷାକୁ ସାର୍ବଜନୀନ କରିବା ପାଇଁ ବହୁ ବର୍ଷ ଧରି ରାଜ୍ୟରେ ଯେଉଁ ଉଦ୍ୟମ ଜାରି ରହିଛି, ତାକୁ ସମ୍ପୂର୍ଣ୍ଣ ଭାବେ ବାସ୍ତବ ରୂପ ଦେବାରେ ଏହି ଯୋଜନା ଏକ ଅତ୍ୟନ୍ତ ଫଳପ୍ରଦ ଭୂମିକା ଗ୍ରହଣ କରିବ। ଏହି ବୃହତ ଯୋଜନାର ସଫଳ ରୂପାୟନ ପାଇଁ ଓଡିଶା କ୍ୟାବିନେଟ୍ ଆର୍ଥିକ ଅନୁଦାନକୁ ମଧ୍ୟ ଅତ୍ୟନ୍ତ ଉଦାର ଭାବେ ମଞ୍ଜୁରି ଦେଇଛନ୍ତି, ଯାହା ଶିକ୍ଷା କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ବୃହତମ ପୁଞ୍ଜିନିବେଶ ମଧ୍ୟରୁ ଅନ୍ୟତମ। ସରକାର ଏହି ଯୋଜନାର କାର୍ଯ୍ୟକାରିତା ପାଇଁ ପ୍ରଥମ ଆର୍ଥିକ ବର୍ଷରେ ୮୯୫.୫୭ କୋଟି ଟଙ୍କା ଏବଂ ଆଗାମୀ ପାଂଚ ବର୍ଷର ସାମଗ୍ରିକ ଅବଧି ମଧ୍ୟରେ ସମୁଦାୟ ୫,୪୬୭.୫୫ କୋଟି ଟଙ୍କାର ଆନୁମାନିକ ବ୍ୟୟ ଅଟକଳକୁ ସମ୍ପୂର୍ଣ୍ଣ ଭାବେ ମଞ୍ଜୁରି ପ୍ରଦାନ କରିଛନ୍ତି। ଏହି ବିପୁଳ ପରିମାଣର ଆର୍ଥିକ ବିନିଯୋଗ ଦ୍ୱାରା ରାଜ୍ୟର ପ୍ରତିବର୍ଷ ୩୨ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ସିଧାସଳଖ ଭାବେ ଉପକୃତ ହେବେ, ଯାହା ସେମାନଙ୍କ ପରିବାରର ଆର୍ଥିକ ଚାପକୁ ବହୁ ମାତ୍ରାରେ ଲାଘବ କରିବ। ଓଡିଶା ସରକାରଙ୍କର ଏହି ନିଷ୍ପତ୍ତି କେବଳ ଏକ ସାଧାରଣ ଶିକ୍ଷା ସଂସ୍କାର ନୁହେଁ, ବରଂ ଏହା ମାନବ ସମ୍ବଳର ବିକାଶ ପାଇଁ କରାଯାଇଥିବା ଏକ ଦୂରଦୃଷ୍ଟିସମ୍ପନ୍ନ ଦୀର୍ଘକାଳୀନ ପୁଞ୍ଜିନିବେଶ, ଯାହା ଆଗାମୀ ପିଢିକୁ ସଶକ୍ତ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ପ୍ରୟାସ କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ନୀତି - ୨୦୨୦ ମୂଳ ଲକ୍ଷ୍ୟକୁ ସଫଳ କରିବାରେ ବେଶ୍ ସହାୟକ ହେବ। ଜାତୀୟ ଶିକ୍ଷା ନୀତିରେ ଶିକ୍ଷାର ସାର୍ବଜନୀନକରଣ ଏବଂ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ଉପରେ ଯେଉଁ ଗୁରୁତ୍ୱ ଦିଆଯାଇଛି, ଓଡିଶା ସରକାରଙ୍କ ଏହି 'ଜ୍ଞାନୋଦୟ ଯୋଜନା' ତାର ଏକ ଜ୍ୱଳନ୍ତ ଉଦାହରଣ ଭାବେ ଉଭା ହୋଇଛି। ଏଥିସହିତ ରାଜ୍ୟର ଦୀର୍ଘକାଳୀନ ବିକାଶର ରୋଡମ୍ୟାପ୍ ଯଥା 'ଓଡ଼ିଶା ଭିଜନ ୨୦୩୨' ଏବଂ 'ଓଡିଶା ଭିଜନ ୨୦୪୭'ର ମହତ ଉଦ୍ଦେଶ୍ୟଗୁଡିକୁ ପୂରଣ କରିବାରେ ଏହା ପ୍ରମୁଖ ସହାୟକ ହେବ। ଶିକ୍ଷିତ ଏବଂ ଦକ୍ଷ ଯୁବପିଢି ହିଁ ଭବିଷ୍ୟତର ଓଡିଶା ଗଠନର ମୂଳଦୁଆ ହେବେ, ତେଣୁ ସେମାନଙ୍କୁ ପ୍ରାରମ୍ଭିକ ସ୍ତରରୁ ହିଁ ଶିକ୍ଷାର ସମ୍ପୂର୍ଣ୍ଣ ଅଧିକାର ଦେବା ଭଳି ଏହି ଭିଜନର ଅଂଶବିଶେଷ ଅଟେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ପଷ୍ଟ ଭାବେ ପ୍ରକାଶ କରିଛନ୍ତି ଯେ, 'ଜ୍ଞାନୋଦୟ – ଶିକ୍ଷାରୁ ସମୃଦ୍ଧି' କେବଳ ଏକ ସାଧାରଣ ସରକାରୀ ଫି ଛାଡ କାର୍ଯ୍ୟକ୍ରମ କିମ୍ବା ରାଜନୈତିକ ପ୍ରତିଶ୍ରୁତି ନୁହେଁ। ଏହା ହେଉଛି ଆର୍ଥିକ କିମ୍ବା ସାମାଜିକ ପୃଷ୍ଠଭୂମି ନିର୍ବିଶେଷରେ ଓଡିଶାର ପ୍ରତ୍ୟେକ ଶିଶୁ, କିଶୋର ଏବଂ ଯୁବକଯୁବତୀଙ୍କୁ ଶିକ୍ଷା ଗ୍ରହଣର ସମ୍ପୂର୍ଣ୍ଣ ସମାନ ସୁଯୋଗ ପ୍ରଦାନ କରିବାର ଏକ ଦୃଢ ଗ୍ୟାରେଂଟି। ବିକଶିତ ଓଡିଶାର ସଂକଳ୍ପକୁ ସାକାର କରିବା ଦିଗରେ ରାଜ୍ୟ ସରକାରଙ୍କର ଜନକଲ୍ୟାଣକାରୀ ମନୋଭାବ ଏବଂ ଦୃଢ ପ୍ରତିବଦ୍ଧତାର ଏହା ଶ୍ରେଷ୍ଠ ପ୍ରମାଣ ଦେଉଛି। ଯେତେବେଳେ ରାଜ୍ୟର ଗରିବରୁ ଗରିବ ପରିବାରର ପିଲାମାନେ ମଧ୍ୟ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ବିନା କୌଣସି ଦେୟରେ ପାଠ ପଢିବାର ସୁଯୋଗ ପାଇବେ, ସେତେବେଳେ ରାଜ୍ୟରୁ ବୌଦ୍ଧିକ ଅସମାନତା ଦୂର ହେବ ଏବଂ ଏକ ଜ୍ଞାନିଭିତ୍ତିକ ସମାଜ ଗଠନ ହୋଇପାରିବ।

ମୋ-୯୪୩୭୯୯୪୩୭୯

## ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା

ଭାପୁର, ୨ ।୭ (ନିପ୍ର); ୧୮ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇଥିବା ଓମସାରେ ସାମିଲ ହୋଇଛନ୍ତି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୮ ଜଣ ଡାକ୍ତର । ଆଉ ୪ ଜଣ ଆୟୁଷ ଡାକ୍ତରରେ ଚାଲୁଛି ସ୍ୱାସ୍ଥ୍ୟକେନ୍ଦ୍ର । ଫଳରେ ଅଚଳାବସ୍ଥା ଦେଖାଦେଇଛି। ଚିକିତ୍ସା ପାଇଁ ଆସିଥିବା ଶତାଧିକ ରୋଗୀ ଲମ୍ବା ଲାଇନରେ ଛିଡା ହୋଇଥିବା ଦେଖିବାକୁ ମିଳିଛି। ଏହି ଆନ୍ଦୋଳନ ଆଗକୁ ଜାରି ରହିଲେ ପରିସ୍ଥିତି ଅଣାୟତ୍ତ ହେବ ବୋଲି ସ୍ପଷ୍ଟ ଜଣାପଡୁଛି। ଡାକ୍ତରଙ୍କ ଧାରଣା ଦ୍ୱିତୀୟ ଦିନରେ ଘଣ୍ଟା ଘଣ୍ଟା ଧରି ଲାଇନରେ ଛିଡା ହେବା ପରେ ରୋଗୀ ଏବଂ ତାଙ୍କ ସମ୍ପର୍କୀୟମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳୁଛି। ଆୟୁଷ ଡାକ୍ତରଙ୍କୁ ଏଲୋପ୍ୟାଥିକ ଔଷଧ ଲେଖିବାକୁ ବାରଣ ରହିଥିବାବେଳେ ଡାକ୍ତରଙ୍କ ଆନ୍ଦୋଳନ ନେଇ ଆୟୁଷ ଡାକ୍ତରଙ୍କୁ ଏଲୋପ୍ୟାଥିକ ଔଷଧ ଲେଖିବା ପାଇଁ ସରକାର ଲିଖିତ ଭାବରେ ଜଣେଇଛନ୍ତି କିନ୍ତୁ, ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଅଚଳାବସ୍ଥା ଦେଖାଦେଇଛି।

## ଚିପ୍ସ ବୋଝେଇ ହାଇୱା ଭିତରୁ ହେଲ୍ପର ମୃତ ଦେହ ଉଦ୍ଧାର ଘଟଣା ଡ୍ରାଇଭର ଗଲା ଜେଲ, ମେଡିକାଲ ରିପୋର୍ଟରେ ଶ୍ୱାସରୁଦ୍ଧରୁ ମୃତ୍ୟୁ

ଭାପୁର, ୨ ।୭ (ନିପ୍ର): ଫତେଗଡ଼ ଥାନା ଅଞ୍ଚଳର ହାଇୱା (ଓଡି ୧୫ ଜେ ୭୫୮୨)ଗତ ୨୮ ତାରିଖ ଦିନ ଡ୍ରାଇଭର ବାଦିଲୋ ଗ୍ରାମର ରବୀନ୍ଦ୍ର ଜେନା ଚିପ୍ସ ଆଣିବା ପାଇଁ କଟକ ଜିଲ୍ଲା ତିଗିରିଆ ଗ୍ରାମକୁ ଯାଇଥିଲା ଏବଂ ସାଙ୍ଗରେ ହେଲ୍ପର ଭାବରେ ବିଜିପୁର ପଂଚାୟତ ସୁନାଖଳା ଗ୍ରାମର ଦିବାକର ରାଉତଙ୍କ ପୁଅ ମୁନା ରାଉତ (୧୯) ଯାଇଥିଲା।ଚିପ୍ସ ଆସି ଭାପୁର ସଦର ମହକୁମାରେ ଅନଲୋଡ ସମୟରେ ଚିପ୍ସ ଭିତରୁ ହେଲ୍ପର ମୁନାର ମୃତ ଦେହ ଉଦ୍ଧାର ହେବା ଦେଖି ଡ୍ରାଇଭର ଘଟଣାସ୍ଥଳ ରୁ ଫେରାର ହୋଇଯାଇଥିଲା। ମୁନାର ମାଆ ଜୟନ୍ତୀ ରାଉତଙ୍କ ଲିଖିତ ଅଭିଯୋଗ ପରେ ୨୧୭/୨୬ ରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ବେଳେ ପୋଲିସ ଡ୍ରାଇଭରକୁ ଗିରଫ କରି ଜେଲ ହାଜତକୁ ପଠେଇଥିବା ଥାନା ସୂତ୍ରରୁ ପ୍ରକାଶ। ଇତି ମଧ୍ୟରେ ମେଡିକାଲ ରିପୋର୍ଟ ଆସିଥିବାରୁ ଶ୍ୱାସରୁଦ୍ଧ ହୋଇ ମୁନା ମୃତ୍ୟୁ ହୋଇଥିବା ନେଇ ପ୍ରକାଶ ପାଇଛି ଫଳରେ, ଜନସାଧାରଣଙ୍କ ଅନେକ କଳ୍ପନାଜଳ୍ପନାରେ ପୂର୍ଣ୍ଣଛେଦ ପଡିଛି।

## ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର

ଯାଜପୁର, ୨ ।୭ (ନିପ୍ର); ଓଡ଼ିଶା ସରକାର ଓ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶିକା ଅନୁଯାୟୀ ଯାଜପୁର ବ୍ଲକ ସାନସୁଆର ପଞ୍ଚାୟତ କପାସି ଠାରେ ଥିବା ମହାବୀର ସଂସ୍କୃତ ମହାବିଦ୍ୟାଳୟରେ ସଂସ୍କୃତ ସମ୍ଭାଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି । ଲୋକଭାଷା ପ୍ରଚାର ସମିତି ଆନୁକୂଲ୍ୟରେ ଏହି ୩୫ଦିନିଆ ସଂସ୍କୃତ ସମ୍ଭାଷଣ ଶିବିର ଉତ୍ସବ ଅଧ୍ୟକ୍ଷ ବିଷ୍ଣୁ ଚରଣ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାର ପ୍ରାରମ୍ଭରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ କରାଯିବା ସହିତ ଅଧ୍ୟାପକ ଧୀରେନ୍ଦ୍ର କୁମାର ତ୍ରିପାଠୀଙ୍କ ଦ୍ୱାରା ବେଦପାଠ କରାଯାଇଥିଲା । ଏହାପରେ କାର୍ଯ୍ୟକ୍ରମର ସଂଯୋଜକ ତଥା ମହାବିଦ୍ୟାଳୟର ଅଧ୍ୟାପକ ରମାକାନ୍ତ ବରାଳ ବରେଣ୍ୟ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହିତ ୩୫ଦିନିଆ ସଂସ୍କୃତ ସମ୍ଭାଷଣ ଶିବିରର ଅନୁଷ୍ଠିତ ଓ ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ । ମୁଖ୍ୟ ଅତିଥିଭାବେ ଲୋକଭାଷା ପ୍ରଚାର ସମିତିର ରାଜ୍ୟ ସଂଯୋଜକ ବିଭୂତି ନାରାୟଣ କର ସମସ୍ତ ଭାରତବର୍ଷରେ ଲୋକଭାଷା ମାଧ୍ୟମରେ ସରଳ ସଂସ୍କୃତରେ କଥୋପକଥନ ପାଇଁ ପ୍ରଚାର ପ୍ରସାର ସଂପର୍କରେ ଆଲୋଚନା ସହିତ ଉକ୍ତ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ । ମୁଖ୍ୟବକ୍ତା ଭାବରେ ପ୍ରାକ୍ତନ ପ୍ରଧାନ ପଣ୍ଡିତ ତଥା ରାଜ୍ୟ ସଂସ୍କୃତ ମହାମଣ୍ଡଳର ଉପସଭାପତି ପଣ୍ଡିତ କୃଷ୍ଣଚନ୍ଦ୍ର ମିଶ୍ର ସଂସ୍କୃତ ଭାଷାର ମହତ୍ତ୍ୱ ଉପରେ ଆଲୋଚନା କରିଥିଲେ ।

## ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଦାମନଯୋଡ଼ି, ୨/୭(ନିପ୍ର): ନାଲକୋ ଟାଉନସିପ ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବହୁବିଧ ସଭାଗୃହରେ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ସଭାରେ ବିଦ୍ୟାମନ୍ଦିରରେ ଦୀର୍ଘ ବର୍ଷ ଧରି ଶିକ୍ଷକତା କରିଥିବା ଓ ଜୁନ ମାସରେ ଅବସର ଗ୍ରହଣ କରୁଥିବା ରସାୟନ ବିଭାଗ ଶିକ୍ଷକ ଚନ୍ଦ୍ର ଶେଖର ଦ୍ୱିବେଦୀ,ପ୍ରାଣୀ ବିଜ୍ଞାନ ଶିକ୍ଷକ ଡ଼ଃ ନରେଶ ଚନ୍ଦ୍ର ସାହୁ ଓ ଇଂରାଜୀ ବିଭାଗ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା । ଅଧ୍ୟକ୍ଷ ଡ଼ଃ ଶୁଭ୍ରାଂଶୁ ଶେଖର ବାହିନୀପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ସମ୍ପାଦକ ଡ଼ଃ ଚିତ୍ତରଞ୍ଜନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସ୍ନିଗ୍ଧାରାଣୀ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅବସର ନେଉଥିବା ଶିକ୍ଷକ ଚନ୍ଦ୍ର ଶେଖର ଦ୍ୱିବେଦୀଙ୍କ ଧର୍ମପତ୍ନୀ ଡ଼ଃ ବନ୍ଦିତା ନନ୍ଦ,ଶିକ୍ଷକ ଡ଼ଃ ନରେଶ ଚନ୍ଦ୍ର ସାହୁଙ୍କ ଧର୍ମପତ୍ନୀ ମମତା ସାହୁ ଓ ଶିକ୍ଷୟିତ୍ରୀ ରାଜଲକ୍ଷ୍ମୀ ସାହୁଙ୍କ ସ୍ୱାମୀ ପ୍ରଶାନ୍ତ କୁମାର ସାହୁ ଉପସ୍ଥିତ ଥିଲେ ।ପ୍ରାରମ୍ଭରେ ବିଦ୍ୟାଳୟ ଅଧିଷ୍ଠାତ୍ରୀ ଦେବୀ ମା'ସରସ୍ୱତୀ ପାଖରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ଦିବଂଗତ କର୍ମଚାରୀ ଝରେନ୍ଦ୍ର ରାଉତଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା ।ସଂଗୀତ ଶିକ୍ଷକ ବୃନ୍ଦାବନ ଖଣ୍ଡୁଆଳଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀ ପ୍ରିୟ ବିଦାୟୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉଦ୍ଦେଶ୍ୟରେ ସଂଗୀତ ଗାନ କରିଥିଲେ । ବରିଷ୍ଠ ଶିକ୍ଷକ ମଧୁସୂଦନ ପଣ୍ଡା,ଶିକ୍ଷୟିତ୍ରୀ ପଲ୍ଲବୀ ପଣ୍ଡା, ଶିକ୍ଷୟିତ୍ରୀ ଡ଼ଃ ବନ୍ଦିତା ନନ୍ଦ ବିଦାୟୀ ଶିକ୍ଷକଶିକ୍ଷୟିତ୍ରୀଙ୍କ ବିଦ୍ୟାଳୟ ପ୍ରତି ଅବଦାନର ସ୍ମୃତି ଚାରଣ କରିଥିଲେ । ସେହିପରି ବିଦାୟୀ ଶିକ୍ଷକଶିକ୍ଷୟିତ୍ରୀ ନିଜ ନିଜର ଅଭିଜ୍ଞତା ବର୍ଣ୍ଣନା କରିଥିଲେ । ସରସ୍ୱତୀ ବିଦ୍ୟାମନ୍ଦିର ସମ୍ପାଦକ,ଅଧ୍ୟକ୍ଷଙ୍କ ସହିତ ଶିକ୍ଷକ ପ୍ରତିନିଧି ଡ଼ଃ ନିରୋଦ କୁମାର ପ୍ରଧାନ ଓ କିରଣ କୁମାରୀ ସାହୁ ବିଦାୟୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ମାନପତ୍ର,ଉପଢୌକନ ଓ ଉପହାର ପ୍ରଦାନ କରି ସମ୍ମାନିତ କରିଥିଲେ । ଶିକ୍ଷୟିତ୍ରୀ ମମତା ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ରଚନା ମିଶ୍ର ଓ ପ୍ରଜ୍ଞା ପ୍ରିୟଦର୍ଶିନୀ ପଣ୍ଡା ଏକକ ସଂଗୀତ ଗାନ କରିଥିଲେ ।

## ଚାରିଛକ ଥାନା ପକ୍ଷରୁ 'ଆମ ପୋଲିସ' କାର୍ଯ୍ୟକ୍ରମ

ଚାରିଛକ, ୨ ।୭ (ନିପ୍ର); ପୁରୀ ଜିଲ୍ଲା ଚାରିଛକ ଥାନା ପରିସରରେ ଥାନା ଅଧିକାରୀ ଶୁଭରାଜ ପ୍ରିୟଦର୍ଶୀ ମହାନ୍ତିଙ୍କ ନେତୃତ୍ୱରେ ଏକ ମହତ୍ତ୍ୱପୂର୍ଣ୍ଣ ସଚେତନତା ଓ 'ଆମ ପୋଲିସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳରେ ବୃଦ୍ଧି ପାଉଥିବା ଅପରାଧ ଓ ନିଶା କାରବାର ଉପରେ ରୋକ୍ ଲଗାଇବା ସହ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ନିଶାମୁକ୍ତ ସମାଜ ଗଠନ ଉପରେ ଗୁରୁତ୍ୱ । ବର୍ତ୍ତମାନ ସମୟରେ ଚାରିଛକ ଅଞ୍ଚଳରେ ବେଆଇନ ନିଶା କାରବାର ବୃଦ୍ଧି ପାଉଥିବାରୁ ଯୁବପିଢ଼ି ବିପଥଗାମୀ ହେଉଛନ୍ତି। ଏହି ନିଶା ସେବନ ଯୋଗୁଁ ଅଞ୍ଚଳରେ ଚୋରି, ଗଣ୍ଡଗୋଳ ଓ ହତ୍ୟା ଭଳି ସଂଗୀନ ସମସ୍ୟା ସୃଷ୍ଟି ହେଉଛି, ଯାହାଦ୍ୱାରା ସାଧାରଣ ଲୋକେ ଅତିଷ୍ଠ ହୋଇପଡୁଛନ୍ତି। ଏହି ପରିପ୍ରେକ୍ଷୀରେ, ସ୍କୁଲ ଓ କଲେଜର ଛାତ୍ରଛାତ୍ରୀଙ୍କ ସମେତ ଯୁବପିଢ଼ି କିଭଳି ନିଶା ସେବନଠାରୁ ଦୂରରେ ରହିବେ, ସେ ସମ୍ପର୍କରେ ଥାନା ଅଧିକାରୀ ଶ୍ରୀ ମହାନ୍ତି ଉପସ୍ଥିତ ଥିବା ସମସ୍ତ ଲୋକ ମାନଙ୍କୁ ବୁଝାଇବା ସହ ପୋଲିସକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ବୁଦ୍ଧିଜୀବୀ ଓ ଜନପ୍ରତିନିଧିଙ୍କ ଉପସ୍ଥିତି ଏହି 'ଆମ ପୋଲିସ' କାର୍ଯ୍ୟକ୍ରମରେ ଚାରିଛକ ଥାନା ଅଧୀନରେ ଥିବା ବିଭିନ୍ନ ପଞ୍ଚାୟତରୁ ପ୍ରତିନିଧି ଓ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

## ଧାମନଗର :'ନିଶାକୁ ନା, ଜୀବନକୁ ହଁ'

ଧାମନଗର, ୨ ।୭ (ନିପ୍ର): ଓଡ଼ିଶାକୁ ନିଶାମୁକ୍ତ କରିବା ଲକ୍ଷ୍ୟ ନେଇ ରାଜ୍ୟବ୍ୟାପୀ 'ନଶା ମୁକ୍ତ ଓଡ଼ିଶା ଅଭିଯାନ' ଅନୁଷ୍ଠିତ ହୋଇଛି । ଏହି କ୍ରମରେ ଧାମନଗର ଥାନା ପରିସରରେ ମଧ୍ୟ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାର ପୂର୍ବରୁ ଜବତ ହୋଇଥିବା ନିଶାଦ୍ରବ୍ୟ ଗୁଡ଼ିକୁ ଆଇନଗତ ଭାବେ ନଷ୍ଟ କରାଯିବା ସହ ସାଧାରଣ ଜନତାଙ୍କୁ ନିଶାଠାରୁ ଦୂରେଇ ରହିବା ପାଇଁ ସଚେତନ କରାଯାଇଛି। ଏହି ଅବସରରେ ଏସ ଡି ପି ଓ ବିଷ୍ଣୁ ମୋହନ ବାରିକ, ଥାନା ଅଧିକାରୀ ଶୁଭ୍ରଜିତ ଦାସଙ୍କ ଉପସ୍ଥିତରେ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ସାମ୍ବାଦିକ ମାନେ ଏକତ୍ର ହୋଇ 'ନିଶାମୁକ୍ତ ଓଡ଼ିଶା' ଗଠନ ପାଇଁ ଶପଥ ଗ୍ରହଣ କରିଛନ୍ତି।କାର୍ଯ୍ୟକ୍ରମରେ ମୁଖ୍ୟତଃ 'ନିଶାକୁ ନା, ଜୀବନକୁ ହଁ' ବାର୍ତ୍ତାକୁ ଗୁରୁତ୍ୱ ଦିଆଯାଇଛି । ସୁଦୃଢ଼ ଓଡ଼ିଶା ଗଠନ ପାଇଁ ଯୁବପିଢ଼ିଙ୍କୁ ନିଶା ସେବନଠାରୁ ଦୂରେଇ ରହି ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବାକୁ ପୋଲିସ ପ୍ରଶାସନ ପକ୍ଷରୁ ଆହ୍ୱାନ ଦିଆଯାଇଛି। ଧାମନଗର ଅଞ୍ଚଳରେ ଏହି କାର୍ଯ୍ୟକ୍ରମକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।

# ଫରେଷ୍ଟରଙ୍କୁ ନୋଟିସ୍ ଜାରିର ୧୪ ଦିନ ପୂରିଲା, କାର୍ଯ୍ୟାନୁଷ୍ଠାନ ଶୂନ !

ପାରଳାଖେମୁଣ୍ଡି, ୨ ।୭ (ନିପ୍ର); ଗଜପତି ଜିଲ୍ଲାର ମହେନ୍ଦ୍ର ବନାଞ୍ଚଳ ଅଧୀନ କିଞ୍ଜିଲିଙ୍ଗ ସଂରକ୍ଷିତ ଜଙ୍ଗଲରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାରେ ବନ ବିଭାଗର ବେପରୁଆ ନୀତି ପଦାରେ ପଡ଼ିଛି। ଏହି ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ପାରଳାଖେମୁଣ୍ଡି ବନଖଣ୍ଡ ପକ୍ଷରୁ ଗାରାବନ୍ଧ ସେକ୍ସନର ଫରେଷ୍ଟର କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଥିଲା।

କିନ୍ତୁ ନୋଟିସ୍ ଜାରିର ୧୪ ଦିନ ପରେ ବି କୌଣସି କାର୍ଯ୍ୟାନୁଷ୍ଠାନ ସାମ୍ନାକୁ ଆସି ନଥିବାରୁ ବିଭାଗର ଭୂମିକା ଏବେ ସନ୍ଦେହ ଘେରକୁ ଆସିଛି। ଅଭିଯୋଗ ଅନୁଯାୟୀ, କିଞ୍ଜିଲିଙ୍ଗ ସଂରକ୍ଷିତ ଜଙ୍ଗଲରେ ନୂତନ ବନୀକରଣ ନାମରେ ପ୍ରାକୃତିକ ଜଙ୍ଗଲର ବହୁ ମୂଲ୍ୟବାନ ବୃକ୍ଷ କାଟିବା ପରେ ନିଆଁ ଲଗାଯାଇଥିଲା। ଏହାଫଳରେ ଔଷଧୀୟ ଉଦ୍ଭିଦ, ବନ୍ୟପ୍ରାଣୀଙ୍କ ବାସସ୍ଥାନ ଏବଂ ସମଗ୍ର ଜୈବ ବିବିଧତା କ୍ଷତିଗ୍ରସ୍ତ ହୋଇଥିଲା। ଘଟଣାର ଭିଡ଼ିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏହାକୁ ନେଇ ବ୍ୟାପକ ଚର୍ଚ୍ଚା ହୋଇଥିଲା। ଡିଏଫଓଙ୍କୁ ପକ୍ଷରୁ ଜାରି ହୋଇଥିବା କାରଣ ଦର୍ଶାଅ ନୋଟିସରେ ସମ୍ପୃକ୍ତ ଫରେଷ୍ଟରଙ୍କୁ ଅଗ୍ନିକାଣ୍ଡର କାରଣ, ଘଟଣା ସମୟର ପରିସ୍ଥିତି, ତତ୍କାଳ ନିଆଯାଇଥିବା ପଦକ୍ଷେପ ଏବଂ ଭବିଷ୍ୟତରେ ଏଭଳି ଘଟଣା ରୋକିବା ପାଇଁ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଏକ ଦିନ ମଧ୍ୟରେ ଲିଖିତ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଥିଲା। ତେବେ ୧୪ ଦିନ ପରେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ନିଆଯାଇଥିବାରୁ ପରିବେଶପ୍ରେମୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଜଙ୍ଗଲ ସଫା କରି ବନୀକରଣ କରିବାକୁ ବିଭାଗୀୟ ଅନୁମୋଦନ ଥିଲା, ତେବେ ବୃକ୍ଷ କାଟିବା ଓ ନିଆଁ ଲଗାଇବାକୁ କାହାର ଅନୁମତି ଥିଲା ଆଉ ଯଦି କୌଣସି ଅନୁମତି ନଥିଲା, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଏପର୍ଯ୍ୟନ୍ତ କାହିଁକି ଆଇନଗତ କିମ୍ବା ବିଭାଗୀୟ ପଦକ୍ଷେପ ଗ୍ରହଣ କରାଯାଇନାହିଁ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ତେବେ ଭାଇରାଲ୍ ଭିଡ଼ିଓରେ ଜଙ୍ଗଲରେ ନିଆଁ ଲଗାଯାଉଥିବା ଦୃଶ୍ୟ ସ୍ପଷ୍ଟ ଦେଖାଯାଉଥିବା ସତ୍ତ୍ୱେ ଦୋଷୀଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଗଣମାଧ୍ୟମରେ ପ୍ରକାଶିତ ଖବରର ସତ୍ୟତା ସମ୍ପର୍କରେ ସ୍ପଷ୍ଟୀକରଣ ମାଗିବା କେବଳ ବିଭାଗୀୟ ଔପଚାରିକତା ପାଇଁ କି ବୋଲି ପରିବେଶବିତ୍ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ, ଅତିରିକ୍ତ ବନ ସଂରକ୍ଷକ ଅରୁଣ କୁମାର ସାହୁ କହିଛନ୍ତି ଯେ, ଭାଇରାଲ ଭିଡ଼ିଓ ଓ ଗଣମାଧ୍ୟମରେ ପ୍ରକାଶିତ ଖବରକୁ ଆଧାର କରି ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି। ନିଆଁ ଲଗାଇଥିବା ଲୋକଙ୍କୁ ଚିହ୍ନଟ ପାଇଁ ଉଦ୍ୟମ ଜାରି ରହିଛି। ଯଥାଶୀଘ୍ର ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଓଡ଼ିଶା ପୁଲିସର ନିଶାମୁକ୍ତ ଅଭିଯାନ

ରାଉରକେଲା, ୨ ।୭ (ନିପ୍ର): ନିଶାମୁକ୍ତ ଭାରତ ଅଭିଯାନ ଅନ୍ତର୍ଗତ ଓଡ଼ିଶା ପୁଲିସର ନିଶାମୁକ୍ତ ଓଡିଶା କାର୍ଯ୍ୟକ୍ରମରେ ଡିଏସପି ମନୋରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ ସେକ୍ଟର ୧୯ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ବୈଦ୍ୟନାଥ ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ଶତାଧିକ ଛାତ୍ର ଯୋଗଦେଇଥିଲାବେଳେ ପ୍ରାକ୍ତନ ପୁଲିସ ଅଧିକାରୀ ଡ ସୁମନ ଦତ୍ତ, ବରିଷ୍ଠ ସାମ୍ବାଦିକ କୁଞ୍ଜବିହାରୀ ରାଉତ, ଯୋଗଗୁରୁ ଗଙ୍ଗାଧର ଦାଶ, ଏସଏସଆରଭିଏମ୍ ପରିଚାଳିତ ଇସ୍ପାତ ବିଦ୍ୟାମନ୍ଦିରର ଅଧ୍ୟାପକ ପାର୍ଥସାରଥୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ନିଶା ବ୍ୟବହାର ର ଅପକାରିତା ଓ ଏହା କିପରି ଜନଜୀବନ, ସାମାଜିକ ସ୍ଥିତି କୁ ନଷ୍ଟ କରେ ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଡିଏସପି ଶ୍ରୀ ପ୍ରଧାନ ଓ ଥାନା ପ୍ରଭାରୀ ଶ୍ରୀ ସାହୁ ନିଶା ବର୍ଜନ ପାଇଁ ଛାତ୍ରମାନଙ୍କୁ ଶପଥ ପାଠ କରାଇଥିଲେ। ଶ୍ରୀ ପ୍ରଧାନ ନିଶା ବର୍ଜନ ପାଇଁ ଗୁରୁତ୍ୱାରୋପ କରିଥିଲା ବେଳେ ଶ୍ରୀ ସାହୁ ପଞ୍ଚେନ୍ଦ୍ରିୟକୁ ନିୟନ୍ତ୍ରଣ ସହ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମ ସମ୍ପର୍କରେ ତଥା ସମସ୍ତ ଅତିଥି ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଏଏସଆଇ ମନୋରଞ୍ଜନ ପରିଡା ନିଶା ଅପକାରିତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସଠିକ ଉତ୍ତର ଦେଇଥିବା ଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଥାନା ପକ୍ଷରୁ ଏସଆଇ ଦୁର୍ଯୋଧନ ପ୍ରଧାନ, ଏଏସଆଇ ସୁରେଶ ଦାସ, ବସନ୍ତ ବେହେରା,ଗୁଲାବ ଖାନ୍, ସ୍ନେହଲତା ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

## ବଳଙ୍ଗା ଥାନାରେ 'ନିଶା ମୁକ୍ତ ଭାରତ' ଅଭିଯାନ

ପିପିଲି, ୨ ।୭ (ନିପ୍ର); ସମାଜକୁ ନିଶାମୁକ୍ତ କରିବା ସହ ସମାଜରେ ସୁସ୍ଥ ବାତାବରଣ ସୃଷ୍ଟି କରିବା ଲକ୍ଷ୍ୟରେ ବଳଙ୍ଗା ଥାନା ପରିସରରେ 'ନିଶା ମୁକ୍ତ ଭାରତ ଅଭିଯାନ' କାର୍ଯ୍ୟକ୍ରମ ଆରମ୍ଭ ଆମ ପୁଲିସ ସମିତି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇ ଆଇ ସି ସସ୍ମିତା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାର ସମସ୍ତ ପୁଲିସ କର୍ମଚାରୀ, ସ୍ଥାନୀୟ ବୁଦ୍ଧିଜୀବୀ, ରାଜନେତା, ସ୍ୱେଚ୍ଛାସେବୀ ମାନେ ଏକତ୍ରିତ ହୋଇ ନିଶା ବିରୋଧରେ ଲଢ଼େଇ କରିବା ପାଇଁ ସାମୂହିକ ଶପଥ ନେଇଥିଲେ। ସମାଜରୁ ନିଶା କାରବାରର ସମ୍ପୂର୍ଣ୍ଣ ଦୂର କରିବା ଓ ଯୁବଗୋଷ୍ଠୀଙ୍କୁ ଏହି ସାମାଜିକ ବ୍ୟାଧିରୁ ରକ୍ଷା କରିବା ପାଇଁ ପୁଲିସ ପ୍ରଶାସନ ସର୍ବଦା ଚେଷ୍ଟିତ ଓ ନିଶାମୁକ୍ତ ସମାଜ ଗଠନ କରିବା ଦିଗରେ ସମସ୍ତେ ଆଗେଇ ଆସିଲେ ସୁସ୍ଥ ସମାଜ ଗଠନ ହୋଇ ପାରିବ ବୋଲି ଆଇଆଇସି ସସ୍ମିତା ସାହୁ କହିଥିଲେ। କାର୍ଯ୍ୟକ୍ରମରେ ଥାନା ଏସଆଇ ଶୁଭଲକ୍ଷ୍ମୀ ପଟ୍ଟନାୟକ, ଅତସି ଜେନା,ଏ ଏସ ଆଇ ପ୍ରଶାନ୍ତ ବେହେରା, ଅକ୍ଷୟ ମହାନ୍ତି, ହାବିଲଦାର ବିଷ୍ଣୁ ଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପାରଳା ପୋଲିସର 'ନିଶାମୁକ୍ତ ଓଡିଶା' ଅଭିଯାନ

ପାରଳାଖେମୁଣ୍ଡି, ୨ ।୭ (ନିପ୍ର):'ନିଶା ମୁକ୍ତ ଓଡ଼ିଶା ଅଭିଯାନ' ଅବସରରେ ମଡେଲ ଥାନା, ପାରଳାଖେମୁଣ୍ଡିରେ ଏକ 'ଆମ ପୋଲିସ' ସଚେତନତା ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମାଜସେବୀ, ଛାତ୍ରଛାତ୍ରୀ, ସାଧାରଣ ଜନସାଧାରଣ ଏବଂ ପୋଲିସ ଅଧିକାରୀମାନେ ଯୋଗଦେଇ ନିଶାଦ୍ରବ୍ୟ ସେବନର କୁପ୍ରଭାବ ଓ ଏହାର ନିରାକରଣରେ ସମାଜର ସକ୍ରିୟ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତେ ନିଶା ବିରୋଧୀ ସଚେତନତା ସୃଷ୍ଟି କରି ଏକ ସୁସ୍ଥ, ସୁରକ୍ଷିତ ଓ ନିଶାମୁକ୍ତ ସମାଜ ଗଠନ ପାଇଁ ଶପଥ ଗ୍ରହଣ କରିଥିଲେ। ପରେ ପାରଳାଖେମୁଣ୍ଡି ସହରର ମୁଖ୍ୟ ରାସ୍ତା ଦେଇ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା। ରାଲିରେ ଅଂଶଗ୍ରହଣକାରୀମାନେ ବ୍ୟାନର ଧରି ନିଶା ବିରୋଧୀ ସ୍ଲୋଗାନ ଦେଇ ବିଶେଷ କରି ଯୁବପିଢ଼ିଙ୍କୁ ନିଶାଦ୍ରବ୍ୟଠାରୁ ଦୂରେ ରହିବା ଏବଂ ନିଶାମୁକ୍ତ ଓଡ଼ିଶା ଗଠନରେ ସହଯୋଗ କରିବା ପାଇଁ ଆହ୍ୱାନ କରିଥିଲେ।

## ଅମାଠ ଛକରେ ଅଚିହ୍ନା ମୃତଦେହ ଉଦ୍ଧାର ଦୁର୍ଘଟଣା ନା ହତ୍ୟା, ରହସ୍ୟ ଉପରୁ ହଟିନି ପରଦା

କେସିଙ୍ଗା, ୨ ।୭ (ନିପ୍ର): କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକ ଅନ୍ତର୍ଗତ ବରଗଡ–ବୋରିଗୁମ୍ମା ୨୬ ନମ୍ବର ଜାତୀୟ ରାଜପଥର ଅମାଠ ଛକରେ ମଙ୍ଗଳବାର ସକାଳେ ରାସ୍ତା ଉପରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର ଘଟଣା ଏବେ ରହସ୍ୟମୟ ମୋଡ଼ ନେଇଛି। ପ୍ରଥମ ଦୃଷ୍ଟିରେ ଏହା ସଡ଼କ ଦୁର୍ଘଟଣା ଭଳି ଲାଗୁଥିଲେ ମଧ୍ୟ, ପରବର୍ତ୍ତୀ ତଦନ୍ତରେ ଅନେକ ସନ୍ଦେହଜନକ ତଥ୍ୟ ସାମ୍ନାକୁ ଆସିଛି। ସୂଚନା ଅନୁସାରେ, ମୃତଦେହଟି ରାସ୍ତା ଉପରେ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। କେସିଙ୍ଗା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା। କେସିଙ୍ଗା ଆଇଆଇସି ଜିତେନ୍ଦ୍ର କୁମାର ବିଶ୍ୱାଳଙ୍କ କହିବା ଅନୁସାରେ, ପ୍ରାଥମିକ ତଦନ୍ତରେ ଘଟଣାଟି ସଡ଼କ ଦୁର୍ଘଟଣା ପରି ଲାଗୁଥିଲା। ତେବେ ବ୍ୟବଚ୍ଛେଦ ପ୍ରକ୍ରିୟା ସମୟରେ ଘଟଣା ନୂଆ ମୋଡ଼ ନେଇଛି। ପ୍ରଥମେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲେ ମଧ୍ୟ ସ୍ପଷ୍ଟ କାରଣ ଜଣାପଡ଼ିନଥିଲା। ପରେ ମୃତଦେହକୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ପ୍ରାଥମିକ ଭାବେ ଶରୀରରେ ଛୁରାମାଡ଼ ଭଳି ଚିହ୍ନ ଥିବା ସନ୍ଦେହ କରାଯାଉଥିବାରୁ ଘଟଣାଟି କେବଳ ଦୁର୍ଘଟଣା ନା କୌଣସି ହତ୍ୟାକାଣ୍ଡ, ତାହାକୁ ନେଇ ଚର୍ଚ୍ଚା ବଢ଼ିଛି। ପୋଲିସ କହିଛି, ବ୍ୟବଚ୍ଛେଦର ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ଏପର୍ଯ୍ୟନ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ଘଟଣାସ୍ଥଳରୁ ମିଳିଥିବା ମୋଟରସାଇକେଲଟି ରାୟଗଡ଼ା ଜିଲ୍ଲାରେ ପଞ୍ଜୀକୃତ ବୋଲି ଜଣାପଡ଼ିଛି। ଏହାକୁ ଆଧାର କରି ପୋଲିସ ମୃତ ବ୍ୟକ୍ତିଙ୍କ ପରିଚୟ ଓ ଘଟଣାର ସତ୍ୟତା ଖୋଜିବାରେ ଲାଗିଛି।

ଘଟଣାଟି ସଡ଼କ ଦୁର୍ଘଟଣା, ନା କୌଣସି ସୁପରିକଳ୍ପିତ ହତ୍ୟା—ଏହାର ଉତ୍ତର ଏବେ ପୋଲିସର ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟ ଉପରେ ନିର୍ଭର କରୁଛି। ସେପର୍ଯ୍ୟନ୍ତ ଅମାଠ ଛକର ଏହି ରହସ୍ୟମୟ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କ ମନରେ ଅନେକ ପ୍ରଶ୍ନ ଛାଡ଼ିଯାଇଛି।

## ସରକାରୀ ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ: ସ୍ୱାସ୍ଥ୍ୟସେବା ପ୍ରଭାବିତ



କେସିଙ୍ଗା, ୨ ।୭ (ନିପ୍ର): ଡାକ୍ତର ଆନ୍ଦୋଳନରେ ସାମିଲ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ୍‌ର ଆହ୍ୱାନ କ୍ରମେ ବୁଧବାରଠାରୁ ସାରା ରାଜ୍ୟର ସରକାରୀ ଡାକ୍ତରମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ୧୦ ଦଫା ଦାବି ପୂରଣ ନ ହେବା ପ୍ରତିବାଦରେ ଏହି ଆନ୍ଦୋଳନ ଆରମ୍ଭ ହୋଇଥିବା ବେଳେ ସରକାରୀ ସ୍ୱାସ୍ଥ୍ୟସେବା ଉପରେ ଏହାର ପ୍ରଭାବ ପଡ଼ିଛି। ଛଅ ମାସ ପୂର୍ବରୁ ଘଣ୍ଟାକିଆ କାର୍ଯ୍ୟବନ୍ଦ ପରେ ସରକାର ତିନି ମାସ ମଧ୍ୟରେ ସମାଧାନର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ଦୀର୍ଘ ସମୟ ବିତିଯାଇଥିଲେ ମଧ୍ୟ ଦାବି ପୂରଣ ନ ହେବାରୁ ଡାକ୍ତରମାନେ ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଆନ୍ଦୋଳନ ଯୋଗୁଁ ସରକାରୀ ମେଡିକାଲରେ ସାଧାରଣ ସେବା ବ୍ୟାହତ ହୋଇଥିବା ବେଳେ ରୋଗୀମାନେ ବେସରକାରୀ ହସ୍ପିଟାଲ ଉପରେ ନିର୍ଭରଶୀଳ ହେଉଛନ୍ତି।

ଏଥିରେ ସାଧାରଣ ଓ ଗରିବ ଲୋକଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଥିବା ଦେଖାଯାଇଛି। ଏହି ପରିପ୍ରେକ୍ଷୀରେ କେସିଙ୍ଗା ମେଡିକାଲର ୭ ଜଣ ଡାକ୍ତର ଭବାନୀପାଟଣାରେ ଚାଲିଥିବା ଜିଲ୍ଲାସ୍ତରୀୟ ଆନ୍ଦୋଳନରେ ସାମିଲ ହୋଇଛନ୍ତି। କେସିଙ୍ଗା ମେଡିକାଲର ଅଧ୍ୟକ୍ଷ ରବୀନ୍ଦ୍ରନାଥ ଖୁଣ୍ଟିଆ କହିଛନ୍ତି, ସରକାର ଦାବି ପୂରଣ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ। ତେବେ ରୋଗୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜରୁରୀକାଳୀନ ସେବା ପାଇଁ ଜଣେ ଡାକ୍ତରଙ୍କୁ କେସିଙ୍ଗା ମେଡିକାଲରେ ନିୟୋଜିତ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଡାକ୍ତର ସଂଗଠନ ସହ ସରକାର ଶୀଘ୍ର ଆଲୋଚନା କରି ସମସ୍ୟାର ସମାଧାନ ନ କଲେ ଆଗାମୀ ଦିନରେ ପରିସ୍ଥିତି ଆହୁରି ଜଟିଳ ହେବା ସହ ସାଧାରଣ ଲୋକ ମଧ୍ୟ ଆନ୍ଦୋଳନକୁ ସମର୍ଥନ କରି ରାଜରାସ୍ତାକୁ ଓହ୍ଲାଇପାରନ୍ତି ବୋଲି ସେ ମତ ପ୍ରକାଶ କରିଛନ୍ତି।

## କେନ୍ଦ୍ର ଓ ରାଜ୍ୟସରକାରଙ୍କ ବିବିଧ ଜନହିତକାରି ଯୋଜନା ଉପରେ ଆଲୋକପାତ

ରାୟଗଡା, ୨ ।୭ (ନିପ୍ର): କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଏବଂ ଓଡିଶା ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ରାୟଗଡା ବୁଦ୍ଧିଜୀବୀଙ୍କୁ ନେଇ ରାୟଗଡା ଜିଲ୍ଲା ଭାରତୀୟ ଜନତା ପାର୍ଟୀ ସ୍ଥାନୀୟ ତେଜସ୍ୱୀ ହୋଟେଲ। ସମ୍ମିଳନୀ କକ୍ଷରେ ରେ ଏକ ସଭାର ଆୟୋଜନ କରାଯାଇଥିଲା।

ଏହି ସମ୍ମିଳନୀରେ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଯୋଗ ଦେବାରଥିଲା, କିନ୍ତୁ କୌଣସି କାରଣରୁ ସେ ଯୋଗ ଦେଇ ପାରିନଥିଲା ବେଳେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ନିଜ ବକ୍ତବ୍ୟରେ ସରକାରଙ୍କ ବିବିଧ ଜନହିତକାରି ଯୋଜନା ଉପରେ ବିବରଣୀ ଦେଇଥିବା ବେଳେ ବିଜେପି ଜିଲ୍ଲା ସଭାପତି ପ୍ରଯୁକ୍ତି ବିଦ୍ୟା, କୃତ୍ରିମ ବୁଦ୍ଧିମତା, ଶିଳ୍ପ,ଭିତିଭୂମିର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟର ଉନ୍ନତି ଓ ବିକାଶ ଲକ୍ଷ୍ୟରେ ଅନେକ ଯୋଜନା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଜେପି ଜିଲ୍ଲା ସଭାପତି, ସମେତ ଦଳୀୟ ନେତା ଓ କର୍ମୀ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ସରକାର କହି ସଫଳତା ଏବଂ ନିରନ୍ତର ବିକାଶ ଧାରା ସହ ସାରା ଦେଶରେ ଚାଲିଥିବା ଦେଶର ପ୍ରଗତି, ଜନହିତରେ କରାଯାଉଥିବା ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଉଭୟ କେନ୍ଦ୍ର ଓ ରାଜ୍ୟରେ କରାଯାଉଥିବା ବିକାଶମୂଳକ କାର୍ଯ୍ୟ ଧାରା ଦେଖି ଆଜି ସାରା ବିଶ୍ୱରେ ପ୍ରଧାନମନ୍ତ୍ରୀ ମୋଦୀ ଉଚ୍ଚ ପ୍ରଶଂସିତ ହୋଇଛନ୍ତି।

କେନ୍ଦ୍ର ସରକାରଙ୍କ ବୈଦେଶିକ ନୀତି, ବିଭିନ୍ନ ଦେଶକୁ ଗସ୍ତ, ପରସ୍ପର ସହଯୋଗ, ପ୍ରତ୍ୟେକ ବିଶ୍ୱ ସମ୍ମିଳନୀରେ ବିଶ୍ୱଶାନ୍ତି,ବିଜ୍ଞାନ ଜ୍ଞାନ କୌଶଳ, କାରିଗରୀ, କୃତ୍ରିମ ବୁଦ୍ଧିମତା, ବ୍ୟବସାୟ ବାଣିଜ୍ୟ, କଳା ସଂସ୍କୃତି ଆଦି କ୍ଷେତ୍ରରେ ସହଯୋଗ ଆଦି ଉଲ୍ଲେଖନୀୟ କାର୍ଯ୍ୟପାଇଁ ଯଶସ୍ୱୀ ପ୍ରଧାନମନ୍ତ୍ରୀଙ୍କୁ ବିଶ୍ୱଗୁରୁ ବୋଲି ବିବେଚନା କରୁଛନ୍ତି। ଯାହାକି ଭରାତବାସୀଙ୍କ ପାଇଁ ଏକ ଗର୍ବର ବିଷୟ।ବିକାଶ, ନିଯୁକ୍ତି,ପ୍ରଗତି, ଖଣିଜ ସମ୍ପଦର ସଦ ବିନିଯୋଗ କରି ଶିଳ୍ପର ବିକାଶ କରାଯାଉଥିବା ବେଳେ ଆଧୁନିକ ଜ୍ଞାନକୌଶଳ, ନୂତନ କୃଷି ସରଞ୍ଜାମର ବହୁଳ ବ୍ୟବହାର, ଜଳସେଚନ, ଦାରିଦ୍ର୍ୟ ନିରାକରଣ ଯୋଜନା ଆଦି ପ୍ରଣୟନ କରି ଆଜି ଦେଶ ସମୃଦ୍ଧି ର ଶୀର୍ଷରେ ବୋଲି ଉପସ୍ଥିତ ବକ୍ତା ମାନେ ନିଜ ନିଜ ମତବ୍ୟକ୍ତ କରିଥିଲେ। ଏହି ସମ୍ମିଳନୀରେ ମନ୍ତ୍ରୀ ନିଜ ଅସୁସ୍ଥତା କାରଣରୁ ଯୋଗଦେଇ ପାରିନଥିବା ବେଳେ ନବରଙ୍ଗପୁର ବିଧାୟକ ଏଥିର ଯୋଗ ଦେଇଥିବା ବେଳେ ଅନେକ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜୀବୀ ଯୋଗଦେଇ ନିଜସ୍ୱ ମତ ପ୍ରଦାନ କରିଥିଲେ।

## ଜଙ୍କିଆ ଥାନାରେ 'ନିଶା ମୁକ୍ତ ଓଡ଼ିଶା ଅଭିଯାନ'

ନିରାକାରପୁର, ୨ ।୭ (ନିପ୍ର); ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ପରିସରରେ ଓଡ଼ିଶା ପୋଲିସ ଏବଂ ଭାରତ ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରଣାଳୟର 'ନଶା ମୁକ୍ତ ଭାରତ ଅଭିଯାନ' ଆନୁକୂଲ୍ୟରେ 'ନଶା ମୁକ୍ତ ଓଡ଼ିଶା ଅଭିଯାନ'ର ଏକ ବିଶେଷ ରାଜ୍ୟ ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ପ୍ରତ୍ୟକ୍ଷ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ସଫଳ ଆୟୋଜନ କରାଯାଇଥିଲା।



ଏହି ଅବସରରେ ଥାନା ପରିସରରେ ଏକ ରାଜ୍ୟସ୍ତରୀୟ 'ପ୍ରାକ୍-ବିଚାର ମାଦକ ଦ୍ରବ୍ୟ ନଷ୍ଟୀକରଣ' ଏବଂ 'ସାମୂହିକ ନିଶା ନିବାରଣ ଶପଥ ଗ୍ରହଣ ଉତ୍ସବ' ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ନିଶା ଦ୍ରବ୍ୟକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରିବା ଏବଂ ଏକ ସୁସ୍ଥ ଜୀବନଶୈଳୀ ଆପଣାଇବା ପାଇଁ ସାମୂହିକ ଶପଥ ପାଠ କରିଥିଲେ।'ନିଶାକୁ ନା କୁହନ୍ତୁ, ଜୀବନକୁ ବାଛନ୍ତୁ', 'ସୁସ୍ଥ ଯୁବ ସମାଜ - ସଶକ୍ତ ଓଡ଼ିଶା' ଏବଂ 'ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ଏକଜୁଟ ହେବା' ଭଳି ସଂକଳ୍ପକୁ ନେଇ ସମସ୍ତଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା।

# ଆସିକାରେ ଡାକ୍ତରଙ୍କ କାର୍ଯ୍ୟବନ୍ଦ; ରୋଗୀ ସେବା ବ୍ୟାହତ

ଆସିକା, ୨ ।୭ (ନିପ୍ର): ରାଷ୍ଟ୍ରୀୟ ଡାକ୍ତର ଦିବସ ଅବସରରେ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ୍ (ଓଏମଏସଏ)ର ଆହ୍ୱାନକ୍ରମେ ରାଜ୍ୟବ୍ୟାପୀ ଅନିର୍ଦ୍ଦିଷ୍ଟକାଳୀନ କାର୍ଯ୍ୟବନ୍ଦ ଆନ୍ଦୋଳନ ଆରମ୍ଭ ହୋଇଛି। ଏହାର ପ୍ରଭାବ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ମଧ୍ୟ ପଡ଼ିଥିବା ବେଳେ ଡାକ୍ତରମାନେ ହସ୍ପିଟାଲ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ଧର୍ମଘଟରେ ବସିଥିଲେ । ମେଡିକାଲ ଅଧିକ୍ଷକ ଡା. ବାଲଗୋପାଳ ବେହେରାଙ୍କ ସମେତ ଡା. ଦୀପକ ସାମନ୍ତରା, ଡା. ସତ୍ୟ ପଟ୍ଟନାୟକ, ଡା. ତପନ ଶତପଥୀ, ଡା. ସୌମ୍ୟା ସାହୁ, ଡା. ପ୍ରିୟଦର୍ଶିନୀ ବେହେରା, ଡା. ଆଶୁତୋଷ ପଟ୍ଟନାୟକ, ଡା. ସୁପ୍ରକାଶ ଓ ଡା. ଆଦିତ୍ୟ ଦାସ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ।

ଡାକ୍ତରମାନଙ୍କ କାର୍ଯ୍ୟବନ୍ଦ ଯୋଗୁଁ ବାହ୍ୟ ରୋଗୀ ବିଭାଗ (ଓପିଡି) ସେବା ସହ ଅନ୍ୟାନ୍ୟ ନିୟମିତ ସ୍ୱାସ୍ଥ୍ୟସେବା




ପ୍ରଭାବିତ ହୋଇଥିଲା। ରୋଗୀମାନଙ୍କୁ ସେବା ଯୋଗାଇବା ପାଇଁ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନଙ୍କୁ ଅସ୍ଥାୟୀ ଭାବେ ନିୟୋଜିତ କରାଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ରହିପାରି ନଥିଲା। ଓଏମଏସଏ ପକ୍ଷରୁ ସରକାରଙ୍କ ନିକଟରେ ୧୮ ଦଫା ଦାବି ଉପସ୍ଥାପନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ କେନ୍ଦ୍ର ସରକାରୀ ଡାକ୍ତରଙ୍କ ସହ ସମାନ ଦରମା, ଗତିଶୀଳ ନିଶ୍ଚିତ କ୍ୟାରିୟର ପ୍ରଗତିର ଶୀଘ୍ର କାର୍ଯ୍ୟକାରୀକରଣ, କର୍ମକ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବା, ସରକାରୀ ହସ୍ପିଟାଲରେ ଖାଲି ପଦବୀ ପୂରଣ, ଡେଣ୍ଟାଲ ଓ ଏଚଓସି ଡାକ୍ତରଙ୍କୁ ଉପଯୁକ୍ତ ମାନ୍ୟତା, ମୌଳିକ ସୁବିଧା ପ୍ରଦାନ, ସ୍ୱଚ୍ଛ ପ୍ରଶାସନିକ ବ୍ୟବସ୍ଥା ଏବଂ ନ୍ୟାୟସଙ୍ଗତ ସେବା ସର୍ତ୍ତ ଲାଗୁ କରିବା ଆଦି ସାମିଲ ରହିଛି। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଓଏମଏସଏ ପକ୍ଷରୁ ସୂଚନା ଦିଆଯାଇଛି।

## ଜାପାନ ପ୍ରଧାନମନ୍ତ୍ରୀଙ୍କୁ ସାନ ଭଉଣୀ କହିଲେ ମୋଦି

# ଦୁଇ ଦେଶ ମଧ୍ୟରେ ଫାର୍ମା-ଡିଫେନ୍ସ ସେକ୍ଟରକୁ ନେଇ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି



ନୂଆଦିଲ୍ଲୀ, ୨।୭: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଜାପାନର ପ୍ରଧାନମନ୍ତ୍ରୀ ସନାଏ ତାକାଇଚି ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗ ଦେଇଥିଲେ। ଏହାପରେ ମିଳିତ ପ୍ରେସ ବାର୍ତ୍ତାରେ ଦୁଇ ଦେଶର ପ୍ରଧାନମନ୍ତ୍ରୀ ପାର୍ଟନରସିପକୁ ଆହୁରି ସୁଦୃଢ଼ କରିବାର ସଂକଳ୍ପ ନେଇଛନ୍ତି। ଏହି ସମୟରେ ପିଏମ୍ ମୋଦି ଜାପାନ ପ୍ରଧାନମନ୍ତ୍ରୀ ତାକାଇଚିଙ୍କୁ ନିଜର ସାନ ଭଉଣୀ ବୋଲି କହି ସମ୍ବୋଧିତ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତାକାଇଚି ଜଣେ ଦୂରଦର୍ଶୀ ଓ ଲୋକପ୍ରିୟ ନେତା। ପ୍ରଧାନମନ୍ତ୍ରୀ ତାକାଇଚି ଓ ମୋର ବିଶ୍ୱାସ ଯେ ଟେକ୍ନୋଲୋଜି ପାର୍ଟନରସିପ୍ ଆମର ସହଯୋଗକୁ ସବୁଠାରୁ ମଜବୁତ ସ୍ତମ୍ଭ ପାଲଟିବ। ଏହି ଭିଜନକୁ ସାକାର କରିବା ପାଇଁ ଆଜି ଏଆଇ କ୍ଷେତ୍ରରେ ଆମେ ଏକ ଜଏଣ୍ଟ ଷ୍ଟେଟମେଣ୍ଟ ଜାରି କରିଛୁ। ପ୍ରଧାନମନ୍ତ୍ରୀ ମୋଦି ଆହୁରି କହିଛନ୍ତି ଯେ, ତାକାଇଚି ନାରା ପ୍ରିଫେକଚରରୁ ଆସନ୍ତି, ଯାହା ମିଳିତ ବୌଦ୍ଧିକ ଐତିହାସର କେନ୍ଦ୍ର। ଜି-୭ ରେ ମୁଁ କହିଥିଲି ଅସ୍ଥିରତା ଭିତରେ ଏହା ଏକ ବିଶ୍ୱ ସ୍ତରୀୟ ରଣନୀତି। ଭାରତ-ଜାପାନକୁ ମିଳିତ ଉଦ୍ୟମ ସଫଳ ହୋଇଛି। ଗତ କିଛି ଦଶକରେ ଅଟୋମେଟିଭରୁ ନେଇ ଇଲୋକ୍ଟ୍ରୋନିକ୍ସ ପର୍ଯ୍ୟନ୍ତ ଜାପାନର ଗ୍ରୋଥ ଷ୍ଟୋରୀ ଗୁରୁତ୍ୱପୂର୍ଣ୍ଣ ପାର୍ଟନର ହୋଇ ରହିଛି। ଦୋସ୍ତି ଓ ବିଶ୍ୱାସର ଏକ ଅମୂଲ୍ୟ ପୁଞ୍ଜି ପାଲଟିଛି। ଆଜି ତାକାଇଚିଙ୍କ ଯାତ୍ରା ଆମକୁ ସ୍ପେଶାଲ ଷ୍ଟ୍ରାଟେଜିକ୍ ଆଣ୍ଡ ଗ୍ଲୋବାଲ ପାର୍ଟନରସିପ୍ ପାଇଁ ନୂଆ ଅଧ୍ୟାୟର ଆରମ୍ଭ କରୁଛି। ଏହା ପୂର୍ବରୁ ଗୁରୁବାର ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସରେ ମୋଦି ଓ ତାକାଇଚିଙ୍କ ଭିତରେ ଦ୍ୱିପାକ୍ଷିକ ବୈଠକ ହୋଇଥିଲା। ଏହି ବୈଠକରେ ଭାରତ ଓ ଜାପାନର ନିବେଶ ନିରନ୍ତର ସୁଦୃଢ଼ ହେଉଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଦୁଇ ନେତା ଫାର୍ମା, ନିବେଶ, ପ୍ରତିରକ୍ଷା, ସେମିକଣ୍ଡକ୍ଟର, କ୍ରିଟିକାଲ ମିନେରାଲନ୍ସ , ସପ୍ଲାଇ ଚେନ୍, ସାମୁଦ୍ରିକ ସୁରକ୍ଷା ଏବଂ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକ ୧୬ତମ ଭାରତ-ଜାପାନ ବାର୍ଷିକ ଶିଖର ସମ୍ମିଳନୀର ଏକ ଅଂଶ ଥିଲା। ଏହା ପୂର୍ବରୁ ରାଷ୍ଟ୍ରପତି ଭବନରେ ତାକାଇଚିଙ୍କୁ ଆନୁଷ୍ଠାନିକ ସ୍ୱାଗତ ଏବଂ ଗାର୍ଡ ଅଫ୍ ଅନର ଦିଆଯାଇଥିଲା।

## ଖଣିରେ ପଥର ଖସିବା ଯୋଗୁଁ ୭ ଶ୍ରମିକ ମୃତ

ବେଙ୍ଗାଲୁରୁ, ୨।୭: ବେଙ୍ଗାଲୁରୁରେ ଏକ ପଥର ଖଣିରେ ପଥର ଖସି ପଡ଼ିବା ଯୋଗୁ ୭ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ୭ ଜଣ ଶ୍ରମିକଙ୍କର ମୃତଦେହ ଉଦ୍ଧାର କରିଛନ୍ତି । ଅନେକ ଶ୍ରମିକ ଖଣି ତଳେ ପୋତି ହୋଇ ରହିଛନ୍ତି । ତେବେ ମୃତ୍ୟୁ ସଂଖ୍ୟା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ । ଏମାନେ କାବେରୀ କମ୍ପାନୀର ଖଣିରେ କାମ କରୁଥିବା ବେଳେ ବଡ଼ ପଥର ଖଣ୍ଡ ଖସିପଡିଥିଲା। ଖବର ମୁତାବକ, ବେଙ୍ଗାଲୁରୁ ଦକ୍ଷିଣ ତାଲୁକର ମାଦାପାଟନା ଗାଁ ନିକଟରେ ସକାଳ ୬ଟା ୩୦ ମିନିଟରେ କାବେରୀ କମ୍ପାନି କ୍ରସର ଖଣିରେ କାମ ଚାଲିଥିଲା । ଏହି ସମୟରେ ଏକ ବଡ଼ ଭାଗ ଖସିପଡିଥିଲା ।

## ଶୋଭାଯାତ୍ରା ଉପରେ ଟ୍ରକ୍ ମଡ଼ାଇଦେଲା ନାବାଳକ
## ଥାଇଲାଣ୍ଡରେ ୮ ବୌଦ୍ଧ ସନ୍ନ୍ୟାସୀଙ୍କ ମୃତ୍ୟୁ

ବ୍ୟାଙ୍କକ୍, ୨।୭: ଥାଇଲାଣ୍ଡରେ ଆଜି ବୌଦ୍ଧ ଧର୍ମାବଲମ୍ବୀମାନଙ୍କର ଏକ ଶୋଭାଯାତ୍ରା ଚାଲିଥିବା ସମୟରେ ଜଣେ ୧୧ ବର୍ଷୀୟ ନାବାଳକ ତାଙ୍କ ବାପାଙ୍କ ଟ୍ରକ୍ ଚଳାଇ ଏହି ଶୋଭାଯାତ୍ରା ଉପରକୁ ମଡ଼ାଇ ଦେଇଥିଲା। ଫଳରେ ୮ ଜଣ ବୌଦ୍ଧ ସନ୍ନ୍ୟାସୀଙ୍କର ଏଥିରେ ମୃତ୍ୟୁ ହୋଇଯାଇଛି ଏବଂ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଉତ୍ତରପୂର୍ବ ମୁକଦହନ ପ୍ରଦେଶରେ ଏକ ଶୋଭାଯାତ୍ରା ସମୟରେ ସାଧୁମାନଙ୍କର ଏକ ଗୋଷ୍ଠୀ ରାସ୍ତା କଡ଼ରେ ଚାଲୁଥିବାବେଳେ ସେମାନଙ୍କ ଉପରକୁ ଗାଡ଼ି ମାଡ଼ି ଯାଇଥିଲା। ଏହି ଘଟଣାରେ ଟିପ୍ପଣୀ ରଖି ମୁକଦହନ ପ୍ରାଦେଶିକ ପୁଲିସ କମାଣ୍ଡର ପୁଲିସ ମେଜର ଜେନେରାଲ୍ ପୌରୋଜ ଥାଇଫୁସା କହିଛନ୍ତି ଯେ ମାମଲାରେ ଅଭିଯୁକ୍ତ ହେଉଛି ଜଣେ ନାବାଳକ ଏବଂ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଫରେନ୍ସିକ୍ ପରୀକ୍ଷା ପାଇଁ ନିଆଯାଇଛି। ପୁଲିସ କହିଛି ଯେ ପିଲାଟି ତା ବାପା ମା'ଙ୍କ ବିନା ଅନୁମତିରେ ପିକଅପ୍ ଟ୍ରକ୍ ନେଇ ବାହାରକୁ ଚାଲି ଆସିଥିଲା ଏବଂ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଶୋଭାଯାତ୍ରା ଉପରେ ମଡ଼ାଇ ଦେଇଥିଲା। ୫ ସନ୍ନ୍ୟାସୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୩ ଜଣଙ୍କର ହସ୍ପିଟାଲରେ ମୃତ୍ୟୁ ହୋଇଯାଇଛି।

## ଦିଲ୍ଲୀରେ ଖୁବଶୀଘ୍ର ଲାଗିବ ୩୨ ହଜାର ଇଭି ଚାର୍ଜିଂ ପଏଣ୍ଟ



ନୂଆଦିଲ୍ଲୀ, ୨।୭: ଦିଲ୍ଲୀରେ ପ୍ରଦୂଷଣ ରୋକିବା ଏବଂ ବୈଦ୍ୟୁତିକ ଯାନ (ଇଭି) କୁ ପ୍ରୋତ୍ସାହନ ଦେବା ପାଇଁ ଦିଲ୍ଲୀ କ୍ୟାବିନେଟ୍ ନୂଆ ''ଇଭି ପଲିସି''କୁ ମଞ୍ଜୁରୀ ଦେଇଛି । ଏହି ପରିପ୍ରେକ୍ଷୀରେ ଗୁରୁବାର ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଦିଲ୍ଲୀବାସୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ନୂଆ ନୀତି ଲାଗୁ ହେବା ପରେ ଗାଡ଼ି ଚାର୍ଜ କରିବା ପାଇଁ କାହାକୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଏଥିପାଇଁ ସରକାର ସହରରେ ଥିବା ଚାର୍ଜିଂ ପଏଣ୍ଟ ସଂଖ୍ୟାକୁ ୯, ୦୦୦ ରୁ ବଢ଼ାଇ ୩୨, ୦୦୦ କୁ ସମ୍ପ୍ରସାରଣ କରିବାକୁ ଯୋଜନା କରିଛନ୍ତି। ଗାଡ଼ି ତିଆରି କରୁଥିବା କମ୍ପାନୀଗୁଡ଼ିକ ସହ ମିଶି ସରକାର ଏହି ଚାର୍ଜିଂ ବ୍ୟବସ୍ଥାକୁ ମଜବୁତ କରୁଛନ୍ତି ଏବଂ ଏହି ନୀତିରେ ବ୍ୟାଟେରୀ ରିସାଇକ୍ଲିଂ (ପୁନର୍ବାର ବ୍ୟବହାର ଉପଯୋଗୀ କରିବା) ଉପରେ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ନୀତି ବିଶେଷ କରି ସାଧାରଣ ଲୋକଙ୍କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି, ଯେଉଁଥିରେ ଦୁଇଚକିଆ ଓ ତିନିଚକିଆ ଯାନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି।

## ରୁଷ ଆକ୍ରମଣରେ ଦୋହଲିଲା କିଭ୍ ସହର: ୮ ମୃତ

ନୂଆଦିଲ୍ଲୀ, ୨।୭: ରୁଷ ୟୁକ୍ରେନର ରାଜଧାନୀରେ ଏକ ବଡ଼ କ୍ଷେପଣାସ୍ତ୍ର ଏବଂ ଡ୍ରୋନ୍ ଆକ୍ରମଣ କରିଥିଲା। ଏହା ଫଳରେ କିଭରେ କିଛି ଘଣ୍ଟା ପର୍ଯ୍ୟନ୍ତ ପ୍ରଚଣ୍ଡ ବିସ୍ଫୋରଣ ହୋଇଥିଲା। କିଭର ସାମରିକ ପ୍ରଶାସନ ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି ଯେ, ଆକ୍ରମଣରେ ଆବାସିକ କୋଠା କ୍ଷତିଗ୍ରସ୍ତ ହୋଇଛି। ୮ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ଅନେକ ଆହତ ହୋଇଛନ୍ତି। ମେୟର ଭିଟାଲି କ୍ଲିଟ୍ସକୋ କହିଛନ୍ତି ଯେ ଅତି କମରେ ୧୧ ଜଣ ଆହତ ହୋଇଛନ୍ତି।

## ଆମେରିକା ମୋଟେଲରେ ଜଳିଗଲେ ଗୁଜରାଟ ଦମ୍ପତି ଏବଂ ଝିଅ



ନୂଆଦିଲ୍ଲୀ, ୨।୭: ଗୁଜରାଟ ଖେଡ଼ାର ଏକ ପରିବାରର ୩ ଜଣ ସଦସ୍ୟଙ୍କର ଆମେରିକାର ଓହିଓରେ ଏକ ମୋଟେଲ ଅଗ୍ନିକାଣ୍ଡ ଘଟଣାରେ ମୃତ୍ୟୁ ହୋଇଯାଇଛି। ମୃତକମାନେ ହେଉଛନ୍ତି ହିତେଶଭାଇ ସୁଥାର ଏବଂ ତାଙ୍କ ପତ୍ନୀ ହୀନାବେନ୍ ଏବଂ ସେମାନଙ୍କ ୨୦ ବର୍ଷର ଝିଅ ଇଶାନୀ। ସେମାନେ ଖେଡ଼ା ଜିଲ୍ଲାର ନଡ଼ିୟାଦ ବାସିନ୍ଦା। ଗତ ୨ ବର୍ଷ ପୂର୍ବେ ସେମାନେ ଓହିଓର ଉଷ୍ଟର ଯାଇ ସେଠାରେ ରହୁଥିଲେ। ଘଟଣାଟି ଇକୋନୋ ଲଜ୍ ମୋଟେଲରେ ଘଟିଛି। ଯେଉଁଠାରେ ହିତେଶଭାଇ କାମ କରୁଥିଲେ। ଗତକାଲି ରାତି ୧.୩୦ରେ ଏହି ମୋଟେଲରେ ଅଗ୍ନିକାଣ୍ଡ ହୋଇଥିଲା। ଖବର ପାଇ ଅଗ୍ନିନିର୍ବାପକ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେମାନେ ମୋଟେଲର ଛାତରୁ ପ୍ରବଳ ଧୂଆଁ ଉଠୁଥିବା ଦେଖିଥିଲେ। ମୋଟେଲରେ ନିଆଁ ଲାଗିବା ସମୟରେ ଉକ୍ତ ପରିବାର ସେମାନଙ୍କ ରୁମରେ ଥିଲେ। ପୂରା କୋଠାରେ ନିଆଁ ଲାଗିଥିବାବେଳେ ସେମାନେ ମୋଟେଲର ଫ୍ରଣ୍ଟ ଡେସ୍କକୁ ଫୋନ୍ କରି ସାହାଯ୍ୟ ମାଗିଥିଲେ। ତେବେ ସେମାନଙ୍କୁ ବାଥରୁମରେ ପାଣି ପାଇପ୍ ଖୋଲି ସୁରକ୍ଷିତ ରହିବାପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ପରିବାର ସଦସ୍ୟ ଏହାପରେ ନିଆଁ କବଳରୁ ବଞ୍ଚିବାପାଇଁ ନିଜକୁ ବାଥରୁମରେଲକ୍ କରିଦେଇଥିଲେ। କିନ୍ତୁ ନିଆଁକୁ ନିୟନ୍ତ୍ରଣ କରିବାପାଇଁ ସମୟ ଲାଗିଥିଲା ଏବଂ ଉକ୍ତ ୩ ଜଣ ସଦସ୍ୟ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇ ଦେଇଥିଲେ।

## ନ୍ୟାୟିକ ପ୍ରକ୍ରିୟାରେ ଏଆଇ ତଥ୍ୟ ଗ୍ରହଣୀୟ ନୁହେଁ: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୭: ନ୍ୟାୟିକ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତା ବା ଆର୍ଟିଫିସିଆଲ୍ ଇଣ୍ଟିଲିଜେନ୍ସ (ଏଆଇ)ର ତଥ୍ୟକୁ ବ୍ୟବହାର କରିବା କଦାପି ଗ୍ରହଣୀୟ ନୁହେଁ । ଅଦାଲତରେ ଏଆଇ ତଥ୍ୟ ଦାଖଲ କଲେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରାଯିବ । ଆଜି ସୁପ୍ରିମକୋର୍ଟ ଏକ ମାମଲାର ଶୁଣାଣି ସମୟରେ ଏଆଇର ବ୍ୟବହାରକୁ ନେଇ ଶକ୍ତ ଟିପ୍ପଣୀ ଦେଇଛନ୍ତି। ନ୍ୟାୟିକ ପ୍ରକ୍ରିୟାର ଏଆଇର ବ୍ୟବହାର ଉପରେ କଟକଣା ପାଇଁ ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାବଳୀ ଜାରି କରିବାକୁ ସୁପ୍ରିମକୋର୍ଟ ବାର୍ କାଉନସିଲ୍ ଅଫ୍ ଇଣ୍ଡିଆ (ବିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ନ୍ୟାୟମୂର୍ତ୍ତି ପି.ଏସ୍ ନରସିଂହ ଏବଂ ଆଲୋକ ଆରାଧେଙ୍କ ଖଣ୍ଡପୀଠ ପୂଜା ରମେଶ ସିଂହ ବନାମ ଜେ ଆଣ୍ଡ୍ କେ ବ୍ୟାଙ୍କ ମାମଲାରେ ନ୍ୟାସନାଲ୍ କମ୍ପାନୀ ଲ' ଟ୍ରିବ୍ୟୁନାଲ (ଏନସିଏଲଟି) ଦ୍ୱାରା ଜାରି ହୋଇଥିବା ଆଦେଶ ଉପରେ ପୁନର୍ବିଚାର କରିଛନ୍ତି । ଖଣ୍ଡପୀଠ ଜାଣିବାକୁ ପାଇଥିଲେ ଯେ ଏନସିଆଲଟି ମାମଲାର ଶୁଣାଣିରେ ଯେଉଁ ତଥ୍ୟର ଉଦାହରଣ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ଭାବରେ କପୋଳକଳ୍ପିତ ଏବଂ ଏଆଇ ଦ୍ୱାରା ଉଦ୍ଧୃତ ହୋଇଛି । ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଯଦି କୌଣସି ଆଇନଜୀବୀ ଉପଯୁକ୍ତ ପରିଶ୍ରମ ବିନା ଏପରି ମନଗଢ଼ା ରାୟର ଉଦାହରଣ ଦିଅନ୍ତି, ତେବେ ତାକୁ ଅଦାଲତର ଅସଦାଚରଣ ବୋଲି ବିବେଚନା କରାଯିବ। ସେହିପରି ଜଣେ ବିଚାରପତି ରାୟ ଶୁଣାଇବା ସମୟରେ ଏଭଳି ମନଗଢ଼ା କାହାଣୀ କିମ୍ବା ଏଆଇର ତଥ୍ୟ ବ୍ୟବହାର କରିବା ଏକ ଗୁରୁତର ତ୍ରୁଟି ହେବ । ଏପରି ମନଗଢ଼ା ଏଆଇ ତଥ୍ୟ ଉପରେ ଆଧାରିତ କୌଣସି ନିଷ୍ପତ୍ତିକୁ ଆଇନ ସାମ୍ନାରେ ଗହଣୀୟ ନୁହେଁ । ରାୟ ଶୁଣାଣିରେ ଏଭଳି ଏଆଇ କିମ୍ବା ମନଗଢ଼ା ତଥ୍ୟ ସାମାନ୍ୟ ମାତ୍ର ବ୍ୟବହାର ହୋଇଥିଲେ ମଧ୍ୟ ସେହି ନିଷ୍ପତ୍ତିକୁ ଗ୍ରହଣ କରାଯିବ ନାହିଁ । କୋର୍ଟଙ୍କ ସେହି ରାୟକୁ ସମ୍ପୂର୍ଣ୍ଣ ରଦ୍ଦ କରାଯିବ।

## ମହୁଆଙ୍କୁ ଅଣ୍ଡାମାଡ଼ ଦାବିକୁ ବିଜେପିର ପ୍ରତ୍ୟାଖ୍ୟାନ

କୋଲକାତା, ୨।୭: ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମଇତ୍ରଙ୍କ ନଦିଆ ଜିଲ୍ଲା ସ୍ଥିତ ପାର୍ଟି ଅଫିସରେ ଗତକାଲି ଅଣ୍ଡାମାଡ଼ ହୋଇଥିଲା। ମହୁଆ ମଇତ୍ର ଏହି ଘଟଣାର ଭିଡିଓ ମଧ୍ୟ ଏକ୍ସରେ ସେୟାର କରିଥିଲେ। କିନ୍ତୁ ବିଜେପି ମହୁଆଙ୍କର ଏହି ଦାବିକୁ ପ୍ରତ୍ୟାଖ୍ୟାନ କରିଛି। ବିଜେପି ସଭାପତି ସମିକ ଭଟ୍ଟାଚାର୍ଯ୍ୟ କହିଛନ୍ତି, ତୃଣମୂଳ କଂଗ୍ରେସ ଦଳରେ ଆନ୍ତଃକନ୍ଦଳ ପାଇଁ ଏଭଳି ଘଟଣା ଘଟିଛି। ଭଟ୍ଟାଚାର୍ଯ୍ୟ କହିଛନ୍ତି, ଅଣ୍ଡା ମାଡ଼ ବନ୍ଦ ହେବା ଉଚିତ ଏବଂ ଘରେ ବସିଥିବା ଟିଏମସି ନେତ୍ରୀ ବାହାରକୁ ଆସି କାମ କରିବା ଉଚିତ। ଭଟ୍ଟାଚାର୍ଯ୍ୟ ଆଜି ଏକ ଏଆଇ ପ୍ଲାଟଫର୍ମର ଉଦଘାଟନୀ ଉତ୍ସବ ଅବସରରେ ଏହି ଟିପ୍ପଣୀ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ମହୁଆ ମଇତ୍ର ସୋସିଆଲ ମିଡିଆରେ ଏକ ଭିଡିଓ ସେୟାର କରି ଦାବି କରିଥିଲେ ଯେ କିଛି ବ୍ୟକ୍ତି ତାଙ୍କ ଅଫିସକୁ ଅଣ୍ଡାମାଡ଼ କରିଥିବାବେଳେ ପଶ୍ଚିମବଙ୍ଗ ପୁଲିସ ନିରବଦ୍ରଷ୍ଟା ସାଜିଥିଲା। ମଇତ୍ର କହିଛନ୍ତି ସେ ଡିଜିପି ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ତାଙ୍କ ଉପରେ ଆକ୍ରମଣ ହୋଇଛି।

## ମୁମ୍ବାଇରେ ବର୍ଷା ବିପତ୍ତି: ମ୍ୟାନହୋଲରେ ଭାସିଯାଇ ଜଣେ ବ୍ୟକ୍ତି ମୃତ



ମୁମ୍ବାଇ, ୨।୭: ମାୟାନଗରୀ ମୁମ୍ବାଇରେ ପ୍ରବଳ ବର୍ଷା ଯୋଗୁଁ ସ୍ଥିତି ସଂଗୀନ ହୋଇପଡ଼ିଥିବାବେଳେ ଗୁରୁବାର ମଧ୍ୟାହ୍ନ ପ୍ରାୟ ୧୨:୩୦ ସମୟରେ ଅନ୍ଧେରୀ ଓ କୁର୍ଲାକୁ ସଂଯୋଗ କରୁଥିବା ଖୈରାନୀ ରୋଡରେ ମୋବାଇଲରେ କଥା ହୋଇ ଯାଉଥିବା ସମୟରେ ଜଣେ ୫୫ ବର୍ଷୀୟ ବ୍ୟକ୍ତି ଖୋଲା ଥିବା ଏକ ମ୍ୟାନହୋଲରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକଙ୍କୁ ଅସଲମ ଇସାଫ୍ ଶେଖ୍ ଭାବେ ଚିହ୍ନଟ କରାଯାଇଛି। ଘଟଣା ସ୍ଥଳରୁ ତାଙ୍କର ଛତା ଓ ଚପଲ ମିଳିବା ପରେ ଅଗ୍ନିଶମ ବାହିନୀ ଓ ପୋଲିସ ପକ୍ଷରୁ ପ୍ରାୟ ଦୁଇ ଘଣ୍ଟାର ସର୍ଚ୍ଚ ଅପରେସନ କରାଯାଇ ରାଜାୱାଡି ହସ୍ପିଟାଲକୁ ନିଆଯାଇଥିଲା, ଯେଉଁଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏକ ଘରୋଇ କଣ୍ଟ୍ରାକ୍ଟରଙ୍କ ଦ୍ୱାରା ଚାଲିଥିବା ମରାମତି କାର୍ଯ୍ୟ ଯୋଗୁଁ ମ୍ୟାନହୋଲ୍ ଢାଙ୍କୁଣୀ ଖୋଲା ରଖାଯାଇଥିବାରୁ, ମୁମ୍ବାଇ ମହାନଗର ନିଗମ (ବିଏମସି) ର ଡେପୁଟି ମେୟର ସଞ୍ଜୟ ଘାଡି ସମ୍ପୃକ୍ତ କଣ୍ଟ୍ରାକ୍ଟରଙ୍କ ବିରୋଧରେ 'ନରହତ୍ୟା' ମାମଲା ରୁଜୁ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି। ଦୁଇ ଦିନ ପୂର୍ବେ ଚେମ୍ବୁର ଅଞ୍ଚଳରେ ଏକ ଚଳନ୍ତା ସ୍କୁଲ ବସ୍ ଉପରେ ଗଛ ଭୁଶୁଡ଼ି ଜଣେ ୧୧ ବର୍ଷର ଶିଶୁର ମୃତ୍ୟୁ ହୋଇଥିବା ବେଳେ ଆଜିର ଏହି ଘଟଣା ପ୍ରଶାସନିକ ଅବହେଳାକୁ ପଦାରେ ପକାଇଛି। ବର୍ତ୍ତମାନ ମୁମ୍ବାଇର ପ୍ରମୁଖ ସ୍ଥାନ ଯେପରିକି ଦାଦର, ପରେଲ, ହିନ୍ଦମାତା, ୱର୍କଲି ଓ ଅନ୍ଧେରୀ ସମ୍ପୂର୍ଣ୍ଣ ରୂପେ ଜଳବନ୍ଦୀ ହୋଇପଡ଼ିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ସହରର ଅନେକ ଅଞ୍ଚଳରେ ୨୦୦ ମିଲିମିଟରରୁ ଅଧିକ ବର୍ଷା ରେକର୍ଡ କରାଯାଇଛି।

## ପଶ୍ଚିମ ଏସିଆକୁ ପୁଣି ବିମାନ ସେବା ଆରମ୍ଭ କଲା ଏୟାର ଇଣ୍ଡିଆ ଏକ୍ସପ୍ରେସ୍

ନୂଆଦିଲ୍ଲୀ, ୨।୭: ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ପଶ୍ଚିମ ଏସିଆର ବିଭିନ୍ନ ସହରକୁ ପୁଣି ଥରେ ବିମାନ ସେବା ଆରମ୍ଭ କରିଛି। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ କାରଣରୁ ଏହି ବିମାନ ସେବାକୁ ସାମୟିକ ଭାବେ ବନ୍ଦ କରାଯାଇଥିଲା। ଏବେ ସ୍ଥିତି ସୁଧୁରିବା ପରେ ଓମାନର ସଲାଲାହ ଏବଂ କୁଏତକୁ ବିମାନ ଚଳାଚଳ ପୁନର୍ବାର ଆରମ୍ଭ ହୋଇଛି। ଏୟାରଲାଇନ୍ସ ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଆଗାମୀ ଦିନରେ ପର୍ଯ୍ୟାୟକ୍ରମେ ବିମାନ ସଂଖ୍ୟା ବୃଦ୍ଧି କରାଯିବ। କୋଝିକୋଡ୍ - ସଲାଲାହ: ଏହି ରୁଟରେ ଜୁଲାଇ ୨ ରୁ ବିମାନ ସେବା ପୁନଃ ଆରମ୍ଭ ହୋଇଛି। ଏହି ରୁଟରେ ସପ୍ତାହକୁ ଦୁଇ ଦିନ ବିମାନ ଚଳାଚଳ କରିବ। କୋଝିକୋଡ୍ - କୁଏତ: ଏହି ରୁଟ୍‌ରେ ଜୁଲାଇ ୩ ରୁ ସେବା ଆରମ୍ଭ ହେବ। ପ୍ରାରମ୍ଭିକ ପର୍ଯ୍ୟାୟରେ ସପ୍ତାହକୁ ଗୋଟି ବିମାନ ଚାଲିବାକୁ ଥିବାବେଳେ, ଜୁଲାଇ ୫ ରୁ ଏହାକୁ ସପ୍ତାହକୁ ୩ଟି ବିମାନକୁ ବୃଦ୍ଧି କରାଯିବ।

## ୟୁକେ ମହିଳାଙ୍କ ମସ୍ତିଷ୍କରୁ ମିଳିଲା ୩୮ଟି ପରଜୀବୀ

ନୂଆଦିଲ୍ଲୀ, ୨।୭: ସାଧାରଣତଃ ବିଦେଶ ଭ୍ରମଣ ସମୟରେ ଖାଦ୍ୟପେୟ ପ୍ରତି ସତର୍କ ରହିବାକୁ ପରାମର୍ଶ ଦିଆଯାଇଥାଏ। କିନ୍ତୁ କିଛି କ୍ଷେତ୍ରରେ ଅତି ସାବଧାନତା ପରେ ମଧ୍ୟ ଅଜାଣତରେ ବଡ଼ ବିପଦ ମାଡ଼ିଆସେ। ସେହିଭଳି ଏକ ଆଶ୍ଚର୍ଯ୍ୟଜନକ ଘଟଣା ବ୍ରିଟେନର ଜଣେ ମହିଳାଙ୍କ ସହ ଘଟିଛି, ତାଙ୍କ ମସ୍ତିଷ୍କରୁ ୩୮ ଟି ପରଜୀବୀ (କୃମି) ମିଳିଛି। ବ୍ରିଟେନର ୪୨ ବର୍ଷୀୟା ଲୋରି ଡେନମ୍ୟାନ୍ ୨୦୦୭ ମସିହାରେ ପ୍ରାୟ ୩ ମାସ ପାଇଁ ଭାରତ ଭ୍ରମଣରେ ଆସିଥିଲେ। ଭାରତରେ ଫୁଡ୍ ପଏଜନିଂ ବା ପେଟ ଖରାପ ସମସ୍ୟାରୁ ବଞ୍ଚିବା ପାଇଁ ସେ ସମ୍ପୂର୍ଣ୍ଣ ଭାବେ ଆମିଷ ଖାଇବା ବନ୍ଦ କରିଦେଇଥିଲେ। କିନ୍ତୁ ଏହା ସତ୍ତ୍ୱେ ମଧ୍ୟ ଅଜାଣତରେ ସେ ଘୁଷୁରି ମାଂସ ଖାଇଥିଲେ, ସେଥିରେ ଫିତାକୃମିର ଅତି ସୂକ୍ଷ୍ମ ଅଣ୍ଡା ରହିଥିଲା।

## ରାମ ମନ୍ଦିରରେ ଚାକିରି ପାଇଁ କୋଟି କୋଟିର ଲାଞ୍ଚ କାରବାର ଅଭିଯୋଗ

ଅଯୋଧ୍ୟା, ୨।୭: ରାମ ମନ୍ଦିରରୁ ଦାନ ଅର୍ଥ ଚୋରି ମାମଲାର ଯାଞ୍ଚ ଚାଲିଥିବା ବେଳେ ଏବେ ଆଉ ଏକ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ମନ୍ଦିରରେ ହୋଇଥିବା ନିଯୁକ୍ତି ପ୍ରକ୍ରିୟା ଏବେ ସନ୍ଦେହ ଘେରକୁ ଆସିଛି । ମିଳିଥିବା ସୂଚନା ଅନୁସାରେ, ରାମ ମନ୍ଦିରରେ ଚାକିରି କରାଇଦେବା ନାଁରେ ବଡ଼ ଧରଣର ଲାଞ୍ଚ କାରବାର ହୋଇଥିବା ଅଭିଯୋଗ ହୋଇଛି, ଯାହାର ତଦନ୍ତ ଏବେ ପୁଲିସ କରୁଛି । ବିଭିନ୍ନ ଦସ୍ତାବିଜ୍, ଆର୍ଥିକ କାରବାର ଏବଂ ସମ୍ପୃକ୍ତ ବ୍ୟକ୍ତିଙ୍କ ବୟାନକୁ ଆଧାର କରି ପୁଲିସ ଖୋଳତାଡ଼ ଜାରି ରଖିଛି । ଗିରଫ ଅଭିଯୁକ୍ତ ଅବିନାଶ ଶୁକ୍ଲାକୁ ଜେରା କରିବା ସମୟରେ ତଦନ୍ତକାରୀ ସଂସ୍ଥାକୁ କିଛି ଏଭଳି ଗୁରୁତ୍ୱପୂର୍ଣ୍ଣ ସୁରାଗ ମିଳିଛି, ଯାହା ସାରା ମାମଲାର ମୋଡ଼ ବଦଳାଇ ଦେଇଛି । ଜେରା ବେଳେ ଟ୍ରଷ୍ଟର ଜଣେ ସଦସ୍ୟଙ୍କ ନାଁ ବାରମ୍ବାର ସାମ୍ନାକୁ ଆସୁଥିବାରୁ, ଏବେ ଉକ୍ତ ସଦସ୍ୟଙ୍କ ଭୂମିକାକୁ ନେଇ ପୁଲିସ ଛାନଭିନ୍ ଆରମ୍ଭ କରିଛି । ସୂତ୍ର ଅନୁସାରେ, ରାମ ମନ୍ଦିର ପ୍ରତିଷ୍ଠାନର ବିଭିନ୍ନ ପଦବୀରେ ପ୍ରାୟ ୧୨୫ ଜଣ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ।

### ହାଜତରେ ପିଟିପିଟି ଯୁବକଙ୍କୁ ମାରିଥିଲେ
## ପୂର୍ବତନ ଥାନାଧିକାରୀଙ୍କ ସମେତ ୯ ପୋଲିସ କର୍ମୀଙ୍କୁ ଆଜୀବନ କାରାଦଣ୍ଡ



ନୂଆଦିଲ୍ଲୀ, ୨।୭: ପୋଲିସ ହାଜତରେ ଅମାନୁଷିକ ନିର୍ଯାତନା ଓ ମୃତ୍ୟୁ ମାମଲାରେ ଏକ ବଡ଼ ନିଷ୍ପତ୍ତି ଶୁଣାଇଛନ୍ତି ମହାରାଷ୍ଟ୍ରର ୱାଶିମ୍ ଜିଲ୍ଲା ଅଦାଲତ। ଯୁବକଙ୍କୁ ପିଟିପିଟି ମାରିଦେବା ଅଭିଯୋଗରେ କୋର୍ଟ ଜଣେ ପୂର୍ବତନ ଥାନା ଅଧିକାରୀଙ୍କ ସମେତ ୯ ଜଣ ପୋଲିସ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡ ଶୁଣାଇଛନ୍ତି। କୋର୍ଟଙ୍କ ଏହି ରାୟ ସହ ଦୀର୍ଘ ୧୫ ବର୍ଷ ପରେ ପୀଡ଼ିତଙ୍କ ବୃଦ୍ଧ ବାପା-ମାଆଙ୍କୁ ନ୍ୟାୟ ମିଳିଛି। ପ୍ରାୟ ୧୫ ବର୍ଷ ପୂର୍ବେ ମେ' ୧୦ ତାରିଖରେ ରିସୋଡ଼ ପୋଲିସ ଷ୍ଟେସନର ଏହି ଘଟଣା । ପୋଲିସ ବିଳମ୍ବିତ ରାତି ପ୍ରାୟ ୩ଟା ସମୟରେ ପାରଧୀ ସମୁଦାୟର 'ବେଗ୍ୟା ପାୱାର' ନାମକ ଜଣେ ଯୁବକଙ୍କୁ ପଚରାଉଚରା ପାଇଁ ଘରୁ ଉଠାଇ ଆଣିଥିଲେ। ମାତ୍ର ପୋଲିସ ଷ୍ଟେସନରେ ବେଗ୍ୟାଙ୍କୁ ଅତି ବର୍ବର ଭାବେ ମାଡ଼ ମରାଯାଇଥିଲା ଏବଂ ହାଜତ ଭିତରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ମୃତ ବେଗ୍ୟାଙ୍କର କୌଣସି ଅପରାଧିକ ପୃଷ୍ଠଭୂମି ନଥିଲା ଏବଂ ଘଟଣାର ମାତ୍ର ବର୍ଷେ ପୂର୍ବରୁ ହିଁ ତାଙ୍କର ବିବାହ ହୋଇଥିଲା। ଯୁବକଙ୍କ ମୃତ୍ୟୁ ପରେ ପାରଧୀ ସଂପ୍ରଦାୟ ପକ୍ଷରୁ ଜୋରଦାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

### ଶକ୍ତି ସଙ୍କଟରେ ଋଷ
## ୬୦ ହଜାର ଟନ୍ ଗ୍ୟାସୋଲିନ୍ ପଠାଇଲା ଭାରତ

ନୂଆଦିଲ୍ଲୀ, ୨।୭: ଶକ୍ତି ସଙ୍କଟରେ ମସ୍କୋ, ୬୦ ହଜାର ଟନ୍ ଗ୍ୟାସୋଲିନ୍ ପଠାଇଲା ଭାରତ । ସମଗ୍ର ଏସିଆକୁ ଅଶୋଧିତ ତୈଳ ଯୋଗାଉଥିବା ଋଷ ବର୍ତ୍ତମାନ ସାଂଘାତିକ ଶକ୍ତି ସଙ୍କଟର ସମ୍ମୁଖୀନ ହେଉଛି। ଏଭଳି ସ୍ଥିତିରେ ସହାୟତା କରିଛି ଭାରତ । ଚାହିଦା ପୂରଣ ଲାଗି ଭାରତଠାରୁ ରୁଷ ଗ୍ୟାସୋଲିନ ଆମଦାନି ଆରମ୍ଭ କରିଛି । ନିକଟରେ ୟୁକ୍ରେନ ସେନା ରୁଷର ପ୍ରମୁଖ ଶକ୍ତି ଭିତ୍ତିଭୂମି ଉପରେ ପ୍ରଚଣ୍ଡ ଏୟାର ଷ୍ଟ୍ରାଇକ୍ କରିଥିଲା । ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା । ଏହାଯୋଗୁ ଦେଶରେ ଅଚାନକ ପେଟ୍ରୋଲ ଅଭାବ ଦେଖାଦେଇଛି । ଦୈନନ୍ଦିନ ଚାହିଦା ପୂରଣ କରିବା କାଠିକର ପାଠ ପାଲଟିଛି। ରୁଷର ୧୧ଟି ଟାଇମ୍ ଜୋନରେ ଶକ୍ତି ସଂକଟ ବୃଦ୍ଧି ପାଇଛି ।

# ଜାତିସଂଘରେ ଆତଙ୍କବାଦ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଆହ୍ୱାନ



ନୂଆଦିଲ୍ଲୀ, ୨।୭: ଜାତିସଂଘରେ ଆତଙ୍କବାଦ ପ୍ରସଙ୍ଗ ଉଠାଇ ଭାରତ କହିଛି, ଆତଙ୍କବାଦୀଙ୍କୁ ଭଲ ଓ ଖରାପ ଭାବରେ ବିଭାଜନ କରାଯାଇପାରିବ ନାହିଁ। 'ଆତଙ୍କବାଦୀ ମାନେ ଆତଙ୍କବାଦୀ' ବୋଲି ଦୃଢ଼ତାର ସହ କହି ଭାରତ ସମସ୍ତ ଦେଶକୁ ଆତଙ୍କବାଦ ବିରୋଧରେ ଏକଜୁଟ ହୋଇ କଠୋର ପଦକ୍ଷେପ ନେବାକୁ ଆହ୍ୱାନ ଜଣାଇଛି। ଭାରତ କହିଛି, କୌଣସି ରାଜନୈତିକ, ଧାର୍ମିକ କିମ୍ବା ଅନ୍ୟ କୌଣସି କାରଣ ଦେଖାଇ ଆତଙ୍କବାଦକୁ ସମର୍ଥନ କିମ୍ବା ଯୁକ୍ତିଯୁକ୍ତ କରିହେବ ନାହିଁ। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ହରିଶ ପର୍ବତାନେନି ଏହି ପ୍ରସଙ୍ଗରେ କହିଥିଲେ ଯେ, ଆତଙ୍କବାଦ ବିଶ୍ୱ ଶାନ୍ତି, ସୁରକ୍ଷା ଓ ସ୍ଥିରତା ପାଇଁ ସବୁଠାରୁ ବଡ଼ ବିପଦ। ଏହାକୁ ମୁକାବିଲା କରିବା ପାଇଁ ସମସ୍ତ ଦେଶ ଏକ ସମାନ ନୀତି ଆପଣାଇବା ଆବଶ୍ୟକ। କୌଣସି ଆତଙ୍କବାଦୀ ସଂଗଠନ କିମ୍ବା ବ୍ୟକ୍ତିଙ୍କ ପ୍ରତି ଦ୍ୱୈତ ମାନଦଣ୍ଡ ଅବଲମ୍ବନ କରାଗଲେ ବିଶ୍ୱସ୍ତରରେ ଆତଙ୍କବାଦ ବିରୋଧୀ ଲଢ଼େଇ ଦୁର୍ବଳ ହୋଇଯିବ। ଭାରତଆହୁରି କହିଛି ଯେ, ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା, ପ୍ରଶିକ୍ଷଣ ଦେବା, ଅର୍ଥ ଯୋଗାଇବା କିମ୍ବା ସେମାନଙ୍କୁ ରାଜନୈତିକ ସୁରକ୍ଷା ଦେବା ଭଳି କାର୍ଯ୍ୟକଳାପକୁ ବନ୍ଦ କରିବା ଦରକାର। ଯେଉଁ ଦେଶ ନିଜ ଭୂମିକୁ ଆତଙ୍କବାଦୀ କାର୍ଯ୍ୟକଳାପ ପାଇଁ ବ୍ୟବହାର କରିବାକୁ ଦେଉଛନ୍ତି, ସେମାନଙ୍କୁ ମଧ୍ୟ ଦାୟୀ କରାଯିବା ଉଚିତ। ଆତଙ୍କବାଦର ମୂଳୋତ୍ପାଟନ ପାଇଁ ଆନ୍ତର୍ଜାତିକ ସହଯୋଗ, ଗୁଇନ୍ଦା ସୂଚନା ଆଦାନ-ପ୍ରଦାନ ଓ ଆର୍ଥିକ ନେଟୱର୍କ ଉପରେ କଡ଼ା ନଜରଦାରି ଜରୁରି ବୋଲି ଭାରତ ମତ ରଖିଛି। ଭାରତ ଦୀର୍ଘ ଦିନ ଧରି ଜାତିସଂଘରେ ସମ୍ପୂର୍ଣ୍ଣ ଆନ୍ତର୍ଜାତିକ ଆତଙ୍କବାଦ ବିରୋଧୀ ସମ୍ମିଳନୀକୁ ଶୀଘ୍ର ଅନୁମୋଦନ କରିବା ପାଇଁ ଦାବି କରିଆସୁଛି। ଭାରତ ମତରେ, ଏହି ସମ୍ମିଳନୀ କାର୍ଯ୍ୟକାରୀ ହେଲେ ଆତଙ୍କବାଦର ସ୍ପଷ୍ଟ ସଂଜ୍ଞା ନିର୍ଦ୍ଧାରଣ ସହ ଆନ୍ତର୍ଜାତିକ ସ୍ତରରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ସହଜ ହେବ। ଜାତିସଂଘରେ ଭାରତର ଏହି ବକ୍ତବ୍ୟକୁ ବିଶ୍ୱସ୍ତରରେ ଆତଙ୍କବାଦ ବିରୋଧରେ ଦୃଢ଼ ଓ ସମନ୍ୱିତ ନୀତି ପାଇଁ ପୁଣିଥରେ ଏକ ସ୍ପଷ୍ଟ ବାର୍ତ୍ତା ଭାବେ ଦେଖାଯାଉଛି।

### ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ମାମଲାର ଗୁମର ଖୋଲୁଛି

# ୪ ଗଞ୍ଜେଇ ମାଫିଆଙ୍କୁ ଏସ୍‌ଟିଏଫ୍‌ର ମାରାଥନ ଜେରା

- ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ଅଭିଯୋଗରେ ଏସଟିଏଫ ବାନ୍ଧିଥିଲା
- ଛତିଶଗଡ଼ ପୋଲିସ ମଧ୍ୟ ୪ ମାଫିଆଙ୍କୁ ରିମାଣ୍ଡରେ ନେବାକୁ ଆବେଦନ କରିବ
- ଭୁବନେଶ୍ୱର ଆସି ଛତିଶଗଡ଼ ପୋଲିସ ଏସଟିଏଫଙ୍କୁ ପୂର୍ବ ମାମଲାର ତଥ୍ୟ ଦେଲା

ଭୁବନେଶ୍ୱର(ନିପ୍ର): ଓଡ଼ିଶା ଏସ୍‌ଟିଏଫ୍ ଦ୍ୱାରା କାବୁ ହୋଇଥିବା ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣ ମାମଲାର ତଦନ୍ତ ଏବେ ଦ୍ରୁତ ଗତିରେ ଆଗକୁ ବଢୁଛି। ଏହି ମାମଲାରେ ଗିରଫ ହୋଇଥିବା ରାଜ୍ୟର ପ୍ରମୁଖ ଗଞ୍ଜେଇ ମାଫିଆ ଦୁର୍ବାସା ସାହୁଙ୍କୁ କିଙ୍ଗପିନ୍ ବୋଲି ଚିହ୍ନଟ କରାଯାଇଛି। ତା ସହ ଅନ୍ୟ ସଦସ୍ୟମାନେ ମଧ୍ୟ ପୋଲିସ ରିମାଣ୍ଡରେ ଅଛନ୍ତି। ଏସ୍‌ଟିଏଫ୍ ଥାନାରେ ଗତ ୨୪ ତାରିଖରେ ଏନ୍‌ଡିପିଏସ୍ ଆକ୍ଟ ଧାରା ୨୦(ବି)(୨)(ସି)/୨୯ ଅନୁଯାୟୀ ମାମଲା ରୁଜୁ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଦୁର୍ବାସା ସାହୁ (କିଙ୍ଗପିନ୍), ସୁବୁଦ୍ଧି ସାହୁ, ଅରୁଣ କୁମାର ରଣା, ପ୍ରକାଶ ଖଟୁଆ ଏବଂ ନୀଳାମ୍ବର କନ୍‌ହାର। ସମସ୍ତଙ୍କୁ ପୋଲିସ ରିମାଣ୍ଡରେ ନେଇ ତୀବ୍ର ଜେରା ଚଳାଇଛି। ମାଫିଆଙ୍କ ଛତିଶଗଡ଼ ସହ ଲିଙ୍କ୍ ପ୍ରମାଣିତ ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଏହି ସିଣ୍ଡିକେଟ୍ ଡିସେମ୍ବର ୨୦୨୫ ଏବଂ ଜୁନ୍ ୨୦୨୬ ମାସରେ ଛତିଶଗଡ଼ ସମେତ ବିଭିନ୍ନ ରାଜ୍ୟକୁ ଏକାଧିକ ଗଞ୍ଜେଇ ଚାଲାଣ କରିଥିଲା। ଏହି ସୂଚନା ପାଇ ଓଡ଼ିଶା ଏସ୍‌ଟିଏଫ୍ ଛତିଶଗଡ଼ର ବଲରାମପୁର ଜିଲ୍ଲା ପୋଲିସ୍ ସହ ଯୋଗାଯୋଗ କରି ପ୍ରମାଣ ବାଣ୍ଟିଛି। ଗୁରୁବାର ବଲରାମପୁର ପୋଲିସର ଏକ ଟିମ୍ ଭୁବନେଶ୍ୱରରେ ଏସ୍‌ଟିଏଫ୍ କାର୍ଯ୍ୟାଳୟରେ ଉପସ୍ଥିତ ହୋଇ ଏସ୍‌ଟିଏଫ୍ ଡିଆଇଜିଙ୍କ ସହ ସମନ୍ୱୟ ବୈଠକ କରିଛନ୍ତି। ବୈଠକରେ ବଲରାମପୁର ଏନ୍‌ଡିପିଏସ୍ କେସ୍ ନମ୍ବର ୨୮/୨୦୨୫ ଏବଂ ୯୩/୨୦୨୬ର ତଦନ୍ତକୁ ଆହୁରି ମଜବୁତ କରିବା ଉପରେ ଆଲୋଚନା ହୋଇଛି। ତଦନ୍ତରୁ ଜଣାପଡ଼ିଛି ଯେ ଉକ୍ତ ସିଣ୍ଡିକେଟ୍ ବଲରାମପୁର ଥାନା କେସ୍ ନମ୍ବର ୨୨୮/୨୦୨୫ (ତାରିଖ ୨୯.୧୨.୨୦୨୫) ଏବଂ କେସ୍ ନମ୍ବର ୯୩/୨୦୨୬ (ତାରିଖ ୧୨.୦୬.୨୦୨୬)ରେ ସମ୍ପୃକ୍ତ ଅଛି। ଏହି ଦୁଇଟି ମାମଲାରେ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ପ୍ରାୟ ୩,୧୦୦ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଜବତ ହୋଇଥିବା ଗଞ୍ଜେଇ ଏହି ଓଡ଼ିଶା ସିଣ୍ଡିକେଟ୍ ଯୋଗାଇ ଦେଇଥିବା ପ୍ରମାଣ ମିଳିଛି। ଛତିଶଗଡ଼ ପୋଲିସ ଶୀଘ୍ର ସମ୍ପୃକ୍ତ ଅଦାଲତରେ ଆବେଦନ କରି ଓଡ଼ିଶାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କୁ (ବିଶେଷ କରି ଦୁର୍ବାସା ସାହୁ, ଅରୁଣ ରଣା, ସୁବୁଦ୍ଧି ସାହୁ ଏବଂ ପ୍ରକାଶ ଖଟୁଆଙ୍କୁ) ଉତ୍ପାଦନ ଏବଂ ରିମାଣ୍ଡ ପାଇଁ ଅନୁରୋଧ କରିବ। ଅନ୍ୟପଟେ ଏସ୍ ?ଟିଏଫ୍ ଏହି ସିଣ୍ଡିକେଟର ପୂର୍ଣ୍ଣ ଚିତ୍ର ଉନ୍‌ମୋଚନ କରିବା ପାଇଁ ତଦନ୍ତ ଜାରି ରଖିଛି। ଆନ୍ତଃରାଜ୍ୟ ସପ୍ଲାଇ ଚେନ୍, ଆର୍ଥିକ ଲିଙ୍କ୍ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରିବା ଲକ୍ଷ୍ୟ ରଖାଯାଇଛି। ତଦନ୍ତରେ ଆହୁରି ବିକାଶ ହେବ ବୋଲି ଏସ୍‌ଟିଏଫ୍ ପକ୍ଷରୁ ସୂଚନା ମିଳିଛି।

### ପାଠ୍ୟ ପୁସ୍ତକ ବିଭ୍ରାଟ

## ଗଣଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ଥାନାରେ ଏତଲା

କଟକ(ନିପ୍ର): ଜାତୀୟ ଶିକ୍ଷା ନୀତି ଅବଲମ୍ବନ କରି ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ବହି ପରିବର୍ତ୍ତନ କରି ପ୍ରଚଳନ କରିଥିବା ନୂତନ ପୁସ୍ତକରେ ମାଳ ମାଳ ତ୍ରୁଟି ଦେଖା ଦେବା ପରେ କେବଳ ରାଜ୍ୟ ନୁହେଁ ସାରା ଦେଶରେ ଏହା ଚର୍ଚ୍ଚାର ବିଷୟ ହୋଇଛି । କିମ୍ଭୁତ କିମ୍ବାକାର ବିଷୟ ଚୟନ କରାଯାଇଥିବା ବେଳେ ତ୍ରୁଟି ସଂଶୋଧନ କରି ପାଠ ପଢାଇବାକୁ ଶିକ୍ଷକମାନଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟରେ ହଜାର ହଜାର ସଂଖ୍ୟାରେ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ବେଳେ ଜଣେ ଜଣେ ଶିକ୍ଷକଙ୍କୁ ନେଇ ଅନେକ ବିଦ୍ୟାଳୟ ଚାଲିଛି। ତେଣୁ ସରକାରଙ୍କ ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଅବାସ୍ତବ। ଏହି ତ୍ରୁଟି ପାଇଁ ଗଣଶିକ୍ଷା ମନ୍ତ୍ରୀ ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିହିତ କରିବା ସହ ସରକାରଙ୍କ ଏହି ନିଷ୍ପତ୍ତିକୁ ବିରୋଧ କରି ସିପିଆଇ ନେତା ଉଦୟ କେଶରୀ ବର୍ମାଙ୍କ ନେତୃତ୍ୱରେ ସିପିଆଇର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟ ଶିକ୍ଷା ମନ୍ତ୍ରୀଙ୍କ ବିରୋଧରେ ଜଗତପୁର ଥାନାଧିକାରୀ ପ୍ରଶାନ୍ତ କୁମାର ସାସମଲଙ୍କୁ ଏକ ଏତଲା ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ସୁନାକାର ବରାଳ, ଜୟ ସିଂହ, ଝିଲ୍ଲୀ ବିଶୋଇ, ଉଷାରାଣୀ ସ୍ୱାଇଁ, ରଶ୍ମି ତ୍ରିପାଠୀ, ସେକ ରିଜ୍ୱାନ, ପୁରୁଷୋତ୍ତମ ସାହୁ, ପରମାନନ୍ଦ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ।

### ଚିଟ୍‌ଫଣ୍ଡ ମାମଲାରେ ପ୍ରଭାତ ବିଶ୍ୱାଳ ନିରାଶ

## ସିବିଆଇ ମାମଲା ରଦ୍ଦ ସମ୍ପର୍କିତ ଆବେଦନ ହାଇକୋର୍ଟରେ ଅଗ୍ରାହ୍ୟ

କଟକ(ନିପ୍ର): ଚିଟଫଣ୍ଡ କେଳେଙ୍କାରୀ ମାମଲାରେ ଫସିଥିବା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ଗୁରୁବାର ପୁଣି ନିରାଶ ହେବାକୁ ପଡିଛି । ତାଙ୍କ ବିରୋଧରେ ସିବିଆଇ ଦାୟର କରିଥିବା ମାମଲାକୁ ଖାରଜ କରିବା ପାଇଁ ପ୍ରଭାତ ହାଇକୋର୍ଟରେ ଯେଉଁ ଆବେଦନ କରିଥିଲେ, ତାହା ଖାରଜ ହୋଇଛି । କିନ୍ତୁ ଅନ୍ୟପଟେ ୬ ମାସ ମଧ୍ୟରେ ମାମଲାର ବିଚାର ପ୍ରକ୍ରିୟା ଶେଷ କରିବା ଲାଗି ସ୍ପେଶାଲ ସିବିଆଇ କୋର୍ଟଙ୍କ ଉଦ୍ଦେଶ୍ୟରେ ଆଜି ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ । ପ୍ରଭାତ ବିଶ୍ୱାଳ ପୂର୍ବରୁ ମଧ୍ୟ ଏହି ମାମଲା ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ସେତେବେଳେ ହାଇକୋର୍ଟ ସିବିଆଇ କୋର୍ଟକୁ ୧ ବର୍ଷ ମଧ୍ୟରେ ମାମଲାର ଶୁଣାଣି ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସେହି ସମୟସୀମା ଅତିକ୍ରମ କରି ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ



ମାମଲାର ବିଚାର ଶେଷ ହୋଇନଥିଲା । ଏହାକୁ ଆଧାର କରି ପ୍ରଭାତ ବିଶ୍ୱାଳ ପୁଣିଥରେ ହାଇକୋର୍ଟରେ ସାନି ଆବେଦନ କରିଥିଲେ । ଦାୟର ପିଟିସନରେ ପ୍ରଭାତ ଦର୍ଶାଇଥିଲେ ଯେ, ଦୀର୍ଘ ଦିନ ଧରି ମାମଲାର ଶୁଣାଣି ଶେଷ ହେଉ ନାହିଁ । ତାଙ୍କ ବିରୋଧରେ ସେଭଳି ଠୋସ ପ୍ରମାଣ ନଥିବା କିମ୍ବା ତଦନ୍ତକାରୀ ସଂସ୍ଥା ଅଭିଯୋଗକୁ ପ୍ରମାଣିତ କରିବାରେ ଅସମର୍ଥ । ତେଣୁ ବିଚାରାଧୀନ ମୂଳ ମାମଲାକୁ ରଦ୍ଦ କରାଯାଉ ବୋଲି ସେ ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ତେବେ ହାଇକୋର୍ଟ ଏହି ଯୁକ୍ତିକୁ ଗ୍ରହଣ କରି ନାହାନ୍ତି । ମାମଲା ଖାରଜ କରିବାକୁ ମନା କରିବା ସହ ସିବିଆଇ କୋର୍ଟରେ ବିଚାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ଅନାବଶ୍ୟକ ବିଳମ୍ବ ଓ ବାରମ୍ବାର ତାରିଖ ପ୍ରଦାନକୁ ଏଡ଼ାଇ ୬ ମାସ ମଧ୍ୟରେ ଶୁଣାଣି ସମ୍ପୂର୍ଣ୍ଣ କରିବାକୁ ସିବିଆଇ ସ୍ୱତନ୍ତ୍ର ଅଦାଲତକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ ।

---

## ଝାରପଡ଼ା ଜେଲ୍‌ରେ ୮ ଅନ୍ତେବାସୀ ଏଚଆଇଭି ପଜିଟିଭ୍

ଭୁବନେଶ୍ୱର, ୦୧।୦୭ (ନି.ପ୍ର): ରାଜଧାନୀ ଝାରପଡାସ୍ଥିତ ସ୍ୱତନ୍ତ୍ର କାରାଗାରରେ ଏଚଆଇଭି ପଜିଟିଭ୍ ଚିନ୍ତା ବଢ଼ାଇଛି। ସୂଚନା ଅନୁଯାୟୀ, ନିକଟରେ ନାବାଳିକା ଦୁଷ୍କର୍ମ ମାମଲାରେ ମହିଳା ଥାନା ପୋଲିସ ଦ୍ୱାରା ଗିରଫ ହୋଇ ଜେଲ ଆସିଥିବା ଜଣେ ଅଭିଯୁକ୍ତର ସ୍ୱାସ୍ଥ୍ୟ ଯାଞ୍ଚ ପରେ ସେ ଏଚଆଇଭି ପଜିଟିଭ୍ ବୋଲି ଜଣାପଡିଛି। ଏନେଇ ଭୁବନେଶ୍ୱର ସ୍ୱତନ୍ତ୍ର ପୋକ୍ସ କୋର୍ଟ ଏବଂ ଭୁବନେଶ୍ୱର ଡିସିପିଙ୍କୁ ଝାରପଡା ଜେଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଚିଠି ଲେଖାଯାଇ ଅବଗତ କରାଯାଇଛି। ଝାରପଡା ଜେଲ ସୂତ୍ର ଅନୁସାରେ, ଜେଲରେ ବର୍ତ୍ତମାନ ୮ ଜଣ ଏଚଆଇଭି ପଜିଟିଭ୍ ଅନ୍ତେବାସୀ ଅଛନ୍ତି। ଜେଲରେ ଏଡ଼ସ ସଂକ୍ରମିତ ଅନ୍ତେବାସୀଙ୍କ ସଂଖ୍ୟା ବଢ଼ିଥିବାବେଳେ ଏହାକୁ ନେଇ କାରାଗାରରେ ଭୟର ବାତାବରଣ ଖେଳିଯାଇଛି। ଅନ୍ୟ ଅନ୍ତେବାସୀଙ୍କୁ କିଭଳି ଏଡ଼ସ ନବ୍ୟାପିବ ସେଥିପାଇଁ ଜେଲ କର୍ତ୍ତୃପକ୍ଷ ସତର୍କ ହୋଇଛନ୍ତି। ଏନେଇ ଝାରପଡ଼ା ଜେଲ ସୁପରିଟେଣ୍ଡେଣ୍ଟ୍ ସର୍ବେଶ୍ୱର ସାହୁ କହିଛନ୍ତି, କୋର୍ଟ ଓ ଡିସିପିଙ୍କୁ ଚିଠି ଲେଖି କଏଦୀଙ୍କ ସ୍ୱାସ୍ଥ୍ୟ ବିଷୟରେ ଅବଗତ କରାଯିବା ଏକ ନିୟମିତ ପ୍ରକ୍ରିୟା। ଭବିଷ୍ୟତରେ କୌଣସି ସମସ୍ୟା ନଉପୁଜୁ ବୋଲି ଅବଗତ କରାଯାଏ। ଜେଲରେ ଏଚଆଇଭି ପଜିଟିଭ୍ ସଂକ୍ରମିତ ଅନ୍ତେବାସୀଙ୍କୁ ସ୍ୱତନ୍ତ୍ର ସେଲରେ ରଖାଯାଇଛି। ଏଥିପାଇଁ ଜେଲରେ ନିୟମିତ କାଉନସିଲିଂ କରାଯିବା ସହ ସ୍ୱାସ୍ଥ୍ୟ ସଚେତନତା ମଧ୍ୟ ସୃଷ୍ଟି କରାଯାଉଛି। ଏପରିକି ଡାକ୍ତରଙ୍କ ଦ୍ୱାରା କ୍ୟାମ୍ପ କରାଯାଇ ପ୍ରତିକାର ପାଇଁ ସଚେତନତା ସୃଷ୍ଟି କରାଯାଉଛି। ଜେଲ ଆସୁଥିବା ନୂଆ କଏଦୀଙ୍କୁ ପ୍ରଥମେ ବିଭିନ୍ନ ଟେଷ୍ଟ୍ କରାଯାଉଛି। ଜେଲ୍ ଅଧୀକ୍ଷକ କଏଦୀଙ୍କୁ ଭୟଭୀତ ନହେବାକୁ ପରାମର୍ଶ ଦେଇଛନ୍ତି ଏବଂ ରୋଗ ବ୍ୟାପିବାକୁ ରୋକିବା ପାଇଁ ସେମାନେ ଡାକ୍ତରଙ୍କ ନିର୍ଦ୍ଦେଶ ଅନୁଯାୟୀ ଆବଶ୍ୟକୀୟ ସତର୍କତା ଏବଂ ପଦକ୍ଷେପ ନେଉଥିବା କହିଛନ୍ତି। ସୂଚନାଥାଉ କି, ସଂକ୍ରମିତ ବ୍ୟକ୍ତିଙ୍କ ସହିତ ଅସୁରକ୍ଷିତ ଯୌନ ସମ୍ପର୍କ ରଖିଲେ, ସଂକ୍ରମିତ ବ୍ୟକ୍ତିଙ୍କ ରକ୍ତ ନେଲେ କିମ୍ବା ବ୍ୟବହୃତ ସିରିଞ୍ଜ୍ ବ୍ୟବହାର କଲେ ଓ ସଂକ୍ରମିତ ଗର୍ଭବତୀ ମା'ଙ୍କଠାରୁ ତାଙ୍କର ସନ୍ତାନକୁ ଏଚଆଇଭି ବ୍ୟାପିଥାଏ।

---

## ଜମିରେ ପାଣି ପମ୍ପ ଚଳାଉଥିଲେ ଚାଷୀ; ବିଦ୍ୟୁତ ଆଘାତରେ ମୃତ୍ୟୁ

ଯାଜପୁର: ରସୁଲପୁର ବ୍ଲକ ସିଙ୍ଗାପୁର ପଞ୍ଚାୟତ ସିଙ୍ଗାପୁର ଗ୍ରାମରେ ଆଜି ସକାଳେ ଏକ ଅଘଟଣ ଘଟିଛି। ଏହି ଗ୍ରାମର କରୁଣାକର ଜେନାଙ୍କ ପୁଅ ଜ୍ଞାନେନ୍ଦ୍ର ଜେନା (୫୧) ନିଜ ଜମିରେ ପାଣି ପମ୍ପ ଚଳାଉଥିବା ସମୟରେ ବିଦ୍ୟୁତ ଆଘାତର ଶିକାର ହୋଇଛନ୍ତି। ଏଥିରେ ତାଙ୍କର ଜୀବନ ଚାଲିଯାଇଛି। ସୂଚନା ଅନୁସାରେ ଜ୍ଞାନେନ୍ଦ୍ର ଜେନା ବିଦ୍ୟୁତ ଆଘାତର ଶିକାର ହେଲା ପରେ ପରିବାର ଲୋକେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜ୍ୟରେ ଗତକାଲି ଠାରୁ ଡାକ୍ତରମାନଙ୍କର ଆନ୍ଦୋଳନ ଜାରି ରହିଛି। ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତରମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଡାକ୍ତରଖାନାରେ କର୍ମଚାରୀ ଅଭାବ ଦେଖାଯାଇଛି। ସେଠାରେ ପୋଷ୍ଟମଟମ ହୋଇପାରିନାହିଁ। ଫଳରେ ମୃତଦେହକୁ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପୋଷ୍ଟମଟମ ପାଇଁ ପଠାଯାଇଛି। ସୂଚନାଯୋଗ୍ୟ, ଜ୍ଞାନେନ୍ଦ୍ର ଜେନାଙ୍କର ଦୁଇଟି ଝିଅ ଓ ଗୋଟିଏ ପୁଅ ଅଛନ୍ତି। ତାଙ୍କ ପୁଅ ବର୍ତ୍ତମାନ ଅଗ୍ନିବୀର ଯୋଜନାରେ ସେନାରେ ଚାକିରି କରୁଛନ୍ତି। ପରିବାର ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୁଅ ଘରକୁ ଫେରିବା ପରେ ହିଁ ଶବ ସତ୍କାର କରାଯିବ। ଏହି ଅକାଳ ମୃତ୍ୟୁକୁ ନେଇ ସିଙ୍ଗାପୁର ଗାଁରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଲୋକେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରିଛନ୍ତି। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ବିଦ୍ୟୁତ ବିଭାଗ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରୁଛି।

## ବେଲଗୁଣ୍ଠା ପେଟ୍ରୋଲ ପମ୍ପରେ ଅପମିଶ୍ରିତ ପେଟ୍ରୋଲ: ଚାଳକ ହଟହଟା

### ୧୦୦ରୁ ଊର୍ଦ୍ଧ୍ୱ ମୋଟର ସାଇକେଲ ଗ୍ୟାରେଜ୍‌ରେ




ବେଲଗୁଣ୍ଠା(ନିପ୍ର): ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ସ୍ଥିତ ଜଗନ୍ନାଥ ପ୍ରସାଦ ଯିବା ସଡ଼କରେ ଥିବା ନାୟାର ପେଟ୍ରୋଲ ପମ୍ପରେ ଗୁରୁବାର ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ନାୟାର ପେଟ୍ରୋଲ ପମ୍ପରେ ଅପମିଶ୍ରିତ ପେଟ୍ରୋଲ ପାଇଁ ଅନେକ ଗ୍ରାହକ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଏହି ପମ୍ପରେ ପେଟ୍ରୋଲ ଭରିବା ପରେ ଦୁଇଚକିଆ, ଚାରିଚକିଆ ଯାନଗୁଡ଼ିକରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଯାଉଛି। ଯାହା ଫଳରେ ଚାଳକମାନେ ଅଧା ବାଟରେ ଗାଡିର ଷ୍ଟାର୍ଟ ବନ୍ଦ ହେଉଯାଉଛି, ଷ୍ଟାର୍ଟ ମାରିମାରି ନୟାନ୍ତ ହେବା ପରେ କିଏ ଡାଲା ଅଟୋ ସାହାଯ୍ୟରେ ତ କିଏ ଗଡେଇ ଗଡେଇ ବାଇକକୁ ନିକଟସ୍ଥ ଗ୍ୟାରେଜକୁ ନେଉଥିବାର ଦେଖିବାକୁ ମିଳୁଛି । ଏହା ଗତ ପାଞ୍ଚରୁ ସାତ ଦିନ ହେଲା ଲାଗିରହିଛି । କେଉଁଠି ଅଧା ବାଟରେ ଗାଡ଼ି ଅଟକି ଯାଇଛି ତ ଆଉ କେଉଁଠି ଇଞ୍ଜିନ ସିଜ୍ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି । ପେଟ୍ରୋଲ ମାଲିକଙ୍କ ଲାଭଖୋର ମନୋବୃତ୍ତି ଓ ମନମାନି ପାଇଁ ବଳି ପଡୁଛନ୍ତି ସାଧାରଣ ଜନତା। ଏ ନେଇ ପେଟ୍ରୋଲ ପମ୍ପ ମାଲିକଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କର୍ଣ୍ଣପାତ କରୁନାହାନ୍ତି। ଯାହାଫଳରେ ପେଟ୍ରୋଲ ପକାଉଥିବା ଗ୍ରାହକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଗୁରୁବାର ଅଭିଯୋଗ ପାଇବା ପରେ ବେଲଗୁଣ୍ଠା ବିଡ଼ିଓ ସିଙ୍ଗିପୁରମ୍ ହରି, ତହସିଲଦାର କଳାକୃଷ୍ଣ ପ୍ରଧାନ, ଭଂଜନଗର ଆଡିସିନାଲ୍ ସିଭିଲ ସପ୍ଲାୟର ସୁଭରାଜ ସାମନ୍ତରାୟ, ବେଲଗୁଣ୍ଠା ଯୋଗାଣ ନିରୀକ୍ଷକ ସମ୍ବିତ କୁମାର ଦାସ ପେଟ୍ରୋଲ ପମ୍ପରେ ପହଞ୍ଚି ତନାଘନା କରିଥିଲେ। ପେଟ୍ରୋଲ ପମ୍ପରୁ ପେଟ୍ରୋଲ ଓ ଡିଜେଲ ସାମ୍ପୁଲ ସଂଗ୍ରହ କରି ବ୍ରହ୍ମପୁର, ଭୁବନେଶ୍ୱର ଲାବୋରେଟୋରୀକୁ ପଠାଇଥିବା କହିଛନ୍ତ ଏବଂ ପରବର୍ତ୍ତୀ ସମୟରେ ସମ୍ପୁଲ ରିପୋର୍ଟ ଆସିବା ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି ।

## ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ: ଯୁବକ ଗିରଫ

ପିପିଲି(ନିପ୍ର): ପିପିଲି ଅଞ୍ଚଳର ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ ହୋଇଥିବା ନେଇ ସତ୍ୟବାଦୀ ଥାନା ଅଞ୍ଚଳର ଜଣେ ଯୁବକଙ୍କୁ ପିପିଲି ପୋଲିସ ଗିରଫକରି ପିପିଲି ଜୁଡ଼ିସିଆଲ କୋର୍ଟରେ ହାଜର କରାଇଛି । ଯୁବତୀଙ୍କ ମୋବାଇଲ ନମ୍ବର ଯୁବକ ଜଣକ ନେଇ ସମ୍ପର୍କ ରଖିଥିଲା। ପରେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାରୁ ଯୁବତୀ ଜଣକ ପିପିଲି ଥାନାର ଦ୍ୱାରସ୍ଥ ହୋଇଥିଲେ। ପିପିଲି ପୋଲିସ ଥାନା କେସ ନଂ. ୪୨୩/୨୬ରେ ମାମଲା ଆଗତକରି କୋର୍ଟ ଚାଲାଣ କରିଛି ।

### ମାଆ-ପୁଅଙ୍କୁ ଥାନା ଭିତରେ ଥାର୍ଡ ଡିଗ୍ରୀ ଘଟଣା

## ଆଗୁଆ ଜାମିନ ଆବେଦନ କଲେ ନିଲମ୍ବିତ ଇନ୍ସପେକ୍ଟର ସନ୍ଧ୍ୟାରାଣୀ

କଟକ(ନିପ୍ର): କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନାର ପୂର୍ବତନ ନିଲମ୍ବିତ ଥାନାଧିକାରିଣୀ ସନ୍ଧ୍ୟାରାଣୀ ଜେନା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ମେ' ୨୫ ତାରିଖ ଦିନ ଥାନା ଭିତରେ ମାଆ-ପୁଅଙ୍କୁ ଥାର୍ଡ ଡିଗ୍ରୀ ପ୍ରୟୋଗ କରି ଲହୁଲୁହାଣ କରିବା ଘଟଣାରେ ତାଙ୍କ ବିରୋଧରେ ମାମଲା ରୁଜୁ ହୋଇଛି । ତାଳଚୁଆ ସାମୁଦ୍ରିକ ଥାନାରେ କେସ୍ ନମ୍ବର ୧୨୪/୨୦୨୬ରେ ସନ୍ଧ୍ୟାରାଣୀ ଜେନାଙ୍କ ବିରୋଧରେ ୨୯୬, ୭୪, ୧୧୫, ୩୫୧, ୩୦୮ ପ୍ରଭୃତି ସଙ୍ଗୀନ ବିଏନଏସ ଦଫାରେ ମାମଲା ରୁଜୁ ହୋଇଥିଲା । ଗିରଫ ଆଶଙ୍କା କରି ନିଲମ୍ବିତ ଆଇଆଇସି ସନ୍ଧ୍ୟାରାଣୀ ଜେନା ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ଗତ ମାସ ୨୯ ତାରିଖ ଦିନ ହାଇକୋର୍ଟରେ ତାଳଚୁଆ ସାମୁଦ୍ରିକ ଥାନାର କେସ୍ ନମ୍ବର ୧୨୪/୨୦୨୬ରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିବା ଜଣାପଡିଛି । ନିଲମ୍ବିତ ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କୁ ପୋଲିସ ଗିରଫ କରିନଥିବା ବେଳେ ସେ ଆଗୁଆ ଜାମିନ ପାଇଁ ଆବେଦନ କରିଛନ୍ତି । ବାରମ୍ବାର ପୋଲିସ ଶୃଙ୍ଖଳା ଭାଙ୍ଗିବା ଓ ୬ ବର୍ଷ ଭିତରେ ତିନି ତିନି ଥର ନିଲମ୍ବିତ ହୋଇଛନ୍ତି ଏହି ପୋଲିସ ଅଧିକାରିଣୀ।

## ଭୀମସେନ ଟୁଡୁଙ୍କ ଜାମିନ ଆବେଦନ ଖାରଜ

କଟକ(ନିପ୍ର): ବହୁଚର୍ଚ୍ଚିତ ମେଡିକାଲ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ ମୃତ୍ୟୁ ଘଟଣାରେ ପୁରୁଷ ବନ୍ଧୁ ଭୀମସେନ ଟୁଡୁଙ୍କ ଜାମିନ ଆବେଦନକୁ କୋର୍ଟ ଖାରଜ କରିଛନ୍ତି। ଅପରାଧିକ ମାମଲାରେ ବିଚାର ବିଭାଗୀୟ ଜେଲ୍ ହାଜତରେ ଥିବା ପୁରଷ ବନ୍ଧୁ ଭୀମସେନ ଟୁଡୁଙ୍କ ଜାମିନ୍ ଆବେଦନକୁ ଖାରଜ କଲେ କଟକ ସ୍ୱତନ୍ତ୍ର ଏଡିଜେ କୋର୍ଟ। ଅଭିଯୁକ୍ତ ଭୀମସେନ୍ ଟୁଡୁଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ ରହିଛି। ଏଭଳି ଘଟଣାର ସାମାଜିକ ପ୍ରଭାବ ଖୁବ୍ ଅଧିକ ରହିଛି। ତେଣୁ ଏହାକୁ ଆଧାର କରି ଜାମିନ ଖାରଜ କରାଯାଇଥିବା କୋର୍ଟ କହିଛନ୍ତି। ସୂଚନାଯୋଗ୍ୟ ଯେ, ଜୁନ୍ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା। ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ । ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ । ତେବେ ପୁଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ପୁରୁଷ ବନ୍ଧୁ ଭୀମସେନ୍ ଟୁଡୁକୁ ଗିରଫ କରିବା ପରେ ବିଚାର ବିଭାଗୀୟ ହେପାଜତକୁ ପଠାଯାଇଛି ।

## ପେସାଦାର ସାଇକେଲ ଚୋର ଗିରଫ

### ୧୬ ଚୋରି ସାଇକେଲ ଓ ୨ ମୋପେଡ ଜବତ

ହିଞ୍ଜିଳିକାଟୁ(ନପ୍ର): ବୁଧବାର ସନ୍ଧ୍ୟାରେ ହିଞ୍ଜିଳି ପୁଲିସ ଯାନବାହାନ ତନଖି କରୁଥିବା ବେଳେ ଏକ ପେସାଦାର ସାଇକେଲ ଚୋରକୁ ଗିରଫ କରିବା ସହ ଗିରଫ ଲୁଟେରାଠାରୁ ଚୋରି ୧୬ଟି ସାଇକେଲ ଓ ୨ଟି ନମ୍ବର ବିହୀନ ଟିଭିଏସ ଏକ୍ସଏଲ ମୋପେଡକୁ ଜବତ କରିଛି। ଗିରଫ ଲୁଟେରା ଜଣଙ୍କ ହେଲେ ହିଞ୍ଜିଳି ଥାନା ବଳରାମପୁର ଗ୍ରାମର ପି. ସନ୍ତୋଷ ପାତ୍ର (୪୯) । ଏ ନେଇ ହିଞ୍ଜିଳି ଥାନାରେ କେସ ନଂ - ୪୫୩/୨୬ରେ ଏକ ମାମଲା ରୁଜୁକରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଥାନା ଆଇଆଇସି ଶ୍ରୀନିବାସ ସେଠିଙ୍କ ସୂତ୍ରରୁ ପ୍ରକାଶ। ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ହିଞ୍ଜିଳି ପୁଲିସ ପକ୍ଷରୁ ଯାନବାହାନ ତନଖି ଚାଲିଥିଲା। ବଳରାମପୁର ଗ୍ରାମର ସନ୍ତୋଷ ଏକ ନମ୍ବର ବିହୀନ ଟିଭିଏସ ଏକ୍ସଏଲ ଗାଡି ଯୋଗେ ଗ୍ରାମକୁ ଫେରୁଥିଲେ। ପୁଲିସକୁ ଦେଖି ଦୃତ ଗତିରେ ଗାଡି ଚାଳନା କରି ଫେରାର ହେବାକୁ ଉଦ୍ୟମ କରୁଥିବା ବେଳେ ପୁଲିସ ବାହିନୀ କାବୁ କରିଥିଲେ। ମୋପେଡ କାଗଜପତ୍ର ଯାଞ୍ଚ ସମୟରେ ବ୍ରହ୍ମପୁର ଅଞ୍ଚଳର ପି. ରାଜେଶ ପାତ୍ରଙ୍କଠାରୁ ବିନା କାଗଜପତ୍ରରେ ଗାଡି କିଣିଥିବା ନେଇ ପୁଲିସକୁ କହିଥିଲେ। ତଦନ୍ତ ବେଳେ ସନ୍ତୋଷ ପାତ୍ର ୧୬ଟି ସାଇକେଲ ଓ ୨ଟି ଟିଭିଏସ ଏକ୍ସଏଲ ଗାଡି ଚୋରିକରି




ଘର ପଛପଟ ଏକ ପରିତ୍ୟକ୍ତ ଗୁହାଳ ଘର ଭିତରେ ରଖିଥିବା ପୁଲିସକୁ କହିଥିଲେ। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଗୁହାଳ ଘରେ ଲୁଚାଇ ରଖାଯାଇଥିବା ୧୬ଟି ଚୋରି ସାଇକେଲ ଓ ୨ଟି ଟିଭିଏସ ଏକ୍ସଏଲ (ନମ୍ବର ବିହୀନ)କୁ ଜବତ କରିଥିବା ତଦନ୍ତକାରୀ ଅଧିକାରୀ ତଥା ଥାନା ଏସଆଇ ସୁରେଶ କୁମାର ସାହୁ ସୂଚନା ଦେଇଛନ୍ତି। ଚଢ଼ାଉରେ ଥାନା ଏସଆଇ ଧରିତ୍ରୀ ବିଶ୍ୱାଳ, ରଶ୍ମିରଞ୍ଜନ ସାମଲ, ଏଏସଆଇ ସ୍ୱଦେଶ ଦାଶ, ଟି.ଓ୍ୱାଇ. ଶବର, କନେଷ୍ଟବଳ ବସନ୍ତ ଉପାଧ୍ୟାୟ, ଦଣ୍ଡପାଣି ମଲ୍ଲିକ, କୈଳାସ ମଲ୍ଲିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଗିରଫ ଯୁବକ ଜଣଙ୍କ ନାମରେ ଅନ୍ୟ କେଉଁ କେଉଁ ଥାନାରେ ମାମଲା ରହିଛି କି ନାହିଁ ଏବଂ ଅନ୍ୟ କୌଣସି ଚୋରି ମାମଲାରେ ସଂପୃକ୍ତ ରହିଛି କି ନାହିଁ ସେ ନେଇ ତଦନ୍ତ ଜାରି ରହିଛି ବୋଲି ଥାନା ଆଇଆଇସି ଶ୍ରୀନିବାସ ସେଠି କହିଛନ୍ତି।

### ଶିକ୍ଷାନୁଷ୍ଠାନ ନିକଟରେ ଚାଲିଛି ଅଘୋଷିତ ବାର !

# ଦେଶୀ ଓ ବିଦେଶୀ ମଦ ଦୋକାନକୁ ମହିଳାଙ୍କ ତୀବ୍ର ବିରୋଧ: ଆନ୍ଦୋଳନ ଧମକ

ଧାମନଗର(ନିପ୍ର): ଧାମନଗର ଥାନା ଅଞ୍ଚଳ ଦୋବଲ ନିକଟସ୍ଥ ମୁସ୍ତଫାପୁର ଘୋଡ଼ାଗଣ୍ଡ ନାଳ ପାଖରେ ଚାଲିଥିବା ମଦ ଦୋକାନକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ମଦ ଦୋକାନକୁ ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରାନଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟ ମହିଳାମାନେ ଚେତାବନୀ ଦେଇଛନ୍ତି। ବିଶେଷ କରି ମୁସଲମାନ ମହିଳାମାନେ ନିଜ ଝିଅ ଓ ବୋହୂମାନଙ୍କ ସୁରକ୍ଷା ପାଇଁ ଏବେ ଏକାଠି ହୋଇ ଅଣ୍ଟା ଭିଡ଼ିଛନ୍ତି। ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଯେଉଁ ମଦ ଦୋକାନ ସାମାଜିକ ଅସ୍ଥିରତା ସୃଷ୍ଟି କରୁଛି, ତାର ଲାଇସେନ୍ସ ମହାଶ୍ୱେତା ରାଉତ ନାମକ ଜଣେ ମହିଳାଙ୍କ ନାମରେ ରହିଛି। ମହିଳା ଜଣକ ନିଜ ଆଭିମୁଖ୍ୟ ଓ ସ୍ୱାର୍ଥ ପାଇଁ ଏହି ବ୍ୟବସାୟ ଚଳାଇଥିବା ବେଳେ ଅନ୍ୟପଟେ ସମାଜ ସୁଧାରିବା ପାଇଁ ଅନ୍ୟ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି।




ଦୋବଲ-ଧାମନଗର ମୁଖ୍ୟ ରାସ୍ତା କଡ଼ରେ ଅବସ୍ଥିତ ଏହି ଦୋକାନଠାରୁ ମାତ୍ର ୨୦୦ ମିଟର ଦୂରରେ ଗୌରାଙ୍ଗ ସାହାଣୀ ଏମ.ଇ. ସ୍କୁଲ ଏବଂ ୫୦୦ ମିଟର ଦୂରରେ ଧାମନଗର ମହାବିଦ୍ୟାଳୟ ରହିଛି। ଦୈନନ୍ଦିନ ଶହ ଶହ ଛାତ୍ରଛାତ୍ରୀ ଓ ସାଧାରଣ ମହିଳା ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ସେମାନଙ୍କ ପ୍ରତି ବିପଦ ଆଶଙ୍କା ବହୁଗୁଣିତ ହୋଇପଡ଼ିଛି। ଆଉ ମାତ୍ର କେଇ ପାଦ ଦୂରରେ ମୁସଲିମ ବସ୍ତି। ୨୦୨୧ ମସିହାରୁ ଚାଲିଆସୁଥିବା ଏହି ମଦ ଦୋକାନଟି ଏବେ ଏକ 'ଅଘୋଷିତ ବାର୍'ରେ ପରିଣତ ହୋଇଛି। ଚଳିତ ବର୍ଷ ଅନ୍ୟ କେହି ଆବେଦନ ନକରିବାରୁ ପୂର୍ବତନ ମହିଳା ଟେଣ୍ଡରଧାରୀ ପୁଣି ଏହାର ନିଲାମ ନେଇଛନ୍ତି। ଦୀର୍ଘ ଦିନ ଧରି ଗୋଟିଏ ସ୍ଥାନରେ ବ୍ୟବସାୟ କରୁଥିବାରୁ ପୋଲିସ ଓ ଅବକାରୀ ପ୍ରଶାସନ ସହିତ ମଦ ଦୋକାନୀଙ୍କ ସୁସଂପର୍କ ବା ମଧୁଚନ୍ଦ୍ରିକା ଗଢ଼ି ଉଠିଛି, ଯେଉଁଥିପାଇଁ ସେ ପ୍ରଶାସନ ଛତ୍ରଛାୟାରେ ସୁରୁଖୁରୁରେ ଏହି ବେଆଇନ କାରବାର କରୁଛନ୍ତି। ଦୋକାନ ସମ୍ମୁଖରେ ପୂର୍ବରୁ ୧୦ରୁ ଅଧିକ ଥର ବଡ଼ଧରଣର ଗଣ୍ଡଗୋଳ ହୋଇଥିଲେ ମଧ୍ୟ ପୋଲିସ ଓ ଦୋକାନୀଙ୍କ ଆପୋଷ ବୁଝାମଣାରେ ସବୁ ସମସ୍ୟାକୁ ଚାପି ଦିଆଯାଇଛି। ବର୍ତ୍ତମାନ ମଦ ଦୋକାନର ପଛପଟେ ଏକ ବିରାଟ ଅଞ୍ଚଳକୁ ସବୁଜ ପଲିଥିନରେ ଘେରାଇ ବେଆଇନ ଚାଖଣା ଦୋକାନ ସବୁ ଖୋଲାଯାଇଛି। ସାମ୍ନା ପଟୁ ମଦ କିଣି ପଛପଟେ ଶହ ଶହ ମଦୁଆ ଅବାଧରେ ମଦ ପିଉଛନ୍ତି। ଏସବୁ ଦେଖି ମଧ୍ୟ ପୋଲିସ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ନିରବ ରହିବା ସେମାନଙ୍କ କାର୍ଯ୍ୟଶୈଳୀ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସେହିପରି ଧାମନଗର କଲେଜ ନିକଟସ୍ଥ ଦକ୍ଷିଣବାଡ ନିକଟର ପୁଣି ଏକ ଆଶ ଦେଶୀ ମଦ ଦୋକାନ ପାଇ ଘର ନିର୍ମାଣ ଚାଲିଚି ସବୁଠାରୁ ବଡ କଥା ହେଲା ଏହି ଦେଶୀ ମଦ ଦୋକାନ ସନ୍ନିକଟ ରେ ଧାମନଗର ମେଡିକାଲର ନୂତନ ଘର ନିର୍ମାଣ ବଡ ପାର୍କ ମଧ୍ୟ ନିର୍ମାଣ ହେଉଥିବା ବେଳେ ସେହି ସ୍ଥାନ ନିକଟରେ ଦେଶୀମଦ ଦୋକାନ ଖୋଲିଛି। ଏ ସମ୍ପର୍କରେ ସ୍ଥାନୀୟ ମୁସ୍ତାଫାପୁର ପଞ୍ଚାୟତର ମହିଳାମାନେ ଗୁରୁବାର ଦିନ ଭଦ୍ରକ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଯେଉଁ ଜିଲ୍ଲାପାଳ ପୂର୍ବରୁ ଆଖିରେ ଅନ୍ଧପୁଟୁଳି ବାନ୍ଧି ଏଭଳି ଜନଗହଳିପୂର୍ଣ୍ଣ ତଥା ଶିକ୍ଷାନୁଷ୍ଠାନ ସ୍ଥାନରେ ମଦ ଦୋକାନ ପାଇଁ ଲାଇସେନ୍ସ ଦେଇଥିଲେ, ସେ ଏବେ ମହିଳାଙ୍କ ଗୁହାରି ଶୁଣି ଏହାକୁ ବନ୍ଦ ବା ସ୍ଥାନାନ୍ତର କରିବେ କି ନାହିଁ, ସେ ନେଇ ଆନ୍ଦୋଳନକାରୀ ମହିଳାମାନଙ୍କ ମନରେ ପ୍ରବଳ ସନ୍ଦେହ ପ୍ରକାଶ ପାଇଛି।

## ଶ୍ରୀଲଙ୍କା ବିପକ୍ଷ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପାଇଁ ଭାରତର ସୂଚୀ ଘୋଷଣା

# ଶ୍ରୀଲଙ୍କା ଯିବ ଟିମ୍ ଇଣ୍ଡିଆ

ନୂଆଦିଲ୍ଲୀ, ୨/୭: ଇଂଲଣ୍ଡ ବିପକ୍ଷରେ ଭାରତର ୫ ମ୍ୟାଚ୍ ଟି-୨୦ ସିରିଜ୍ ଚାଲିଛି । ଟି-୨୦ ପରେ ଉଭୟ ଦଳ ମଧ୍ୟରେ ଖେଳାଯିବ ଦିନିକିଆ ଶୃଙ୍ଖଳା । ଆଉ ପରେ ଭାରତୀୟ ଦଳ ଜିମ୍ବାୱେ ଗସ୍ତରେ ଯିବ । ସେଠାରେ ମଧ୍ୟ ଟି-୨୦ ସିରିଜ୍ ଖେଳାଯିବ । ତେବେ ଏହାରି ଭିତରେ ଭାରତୀୟ ଟିମର ଟେଷ୍ଟ ସିରିଜକୁ ନେଇ ଏକ ବଡ଼ ଘୋଷଣା ହୋଇଛି । ପରବର୍ତ୍ତୀ ଟେଷ୍ଟ ସିରିଜ୍ ଭାରତ ଶ୍ରୀଲଙ୍କା ବିପକ୍ଷରେ ଖେଳିବ । ଯାହାକି ଟେଷ୍ଟ କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର । ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତରେ ଯିବ । ୧୫ ଅଗଷ୍ଟରୁ ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ସିରିଜ୍ ଖେଳିବ ଭାରତ । ତେବେ ଖେଳାଯିବାକୁ ଥିବା ୩ଟି ଟି-୨୦ ମ୍ୟାଚକୁ ବାତିଲ୍ କରାଯାଇଛି । ଗୁରୁବାର ଶ୍ରୀଲଙ୍କା କ୍ରିକେଟ ପକ୍ଷରୁ ଏହି ସିରିଜ୍ ସମ୍ପର୍କରେ ଘୋଷଣା କରାଯାଇଛି । ତେବେ ଦୀର୍ଘ ୯ ବର୍ଷ ପରେ ଟିମ୍ ଇଣ୍ଡିଆ ଟେଷ୍ଟ ସିରିଜ୍ ଖେଳିବା ପାଇଁ ଶ୍ରୀଲଙ୍କା ଗସ୍ତ କରିବ । ୨୦୧୭ ମସିହାରେ ଶେଷଥର ପାଇଁ ଭାରତ ଶ୍ରୀଲଙ୍କାରେ ଟେଷ୍ଟ ମ୍ୟାଚ୍ ଖେଳିଥିଲା । ଏବେ ଖେଳାଯିବାକୁ ଥିବା ସିରିଜ୍ ବିଶ୍ୱ ଟେଷ୍ଟ ଚାମ୍ପିୟନସିପ ପାଇଁ ଗୁରୁତ୍ୱବହନ କରୁଛି । ଭାରତ ଫାଇନାଲରେ ପ୍ରବେଶ କରିବା ପାଇଁ ଏହି ମ୍ୟାଚ୍ ଗୁରୁତ୍ୱବହନ କରୁଥିବାବେଳେ ଜିତିବା ଲକ୍ଷ୍ୟରେ ରହିବ । ତେବେ ଭାରତ-ଶ୍ରୀଲଙ୍କ ମଧ୍ୟରେ ଖେଳାଯିବାକୁ ଥିବା ଟେଷ୍ଟ ସିରିଜର ସମୟ



ରହିଛି ୧୩ ଦିନ । ସିରିଜର ପ୍ରଥମ ମ୍ୟାଚ ଅଗଷ୍ଟ ୧୫ରୁ ୧୯ ପର୍ଯ୍ୟନ୍ତ ଗାଲେର ଐତିହାସିକ ଗ୍ରାଉଣ୍ଡରେ ଅନୁଷ୍ଠିତ ହେବ । ଭାରତ ସ୍ୱାଧିନତା ଦିବସ ୧୫ ତାରିଖ ରହିଥିବାବେଳେ ଏକ ସ୍ୱତନ୍ତ୍ର ଦିବସରୁ ମ୍ୟାଚ ଖେଳାଯିବ । ସେପଟେ ଦ୍ୱିତୀୟ ଯି-୨୦ ଅଗଷ୍ଟ ୨୩ରୁ ୨୭ ଖେଳାଯିବ । ଯାହାକି କଲୋମ୍ବୋରେ ଅନୁଷ୍ଠିତ ହେବ ।

## ଜାତୀୟସ୍ତରରେ 'ଭିବି-ଜି ରାମ ଜି ଯୋଜନାର ଶୁଭାରମ୍ଭ

ନୂଆଦିଲ୍ଲୀ, ୨/୭: ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲାର ମୁଲ୍କାବରିପାଲି ଗ୍ରାମରୁ ଆଜି ଜାତୀୟ ସ୍ତରରେ 'ବିକଶିତ ଭାରତ - ଜି ରାମ ଜି ଯୋଜନା' ଆରମ୍ଭ ହୋଇଛି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ, ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ, ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣ, କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ର ଶେଖର ପେମାସାନି ଏବଂ କମଲେଶ ପାସୱାନଙ୍କ ସହିତ ସାଂସଦ, ବିଧାୟକ ଏବଂ ହଜାର ହଜାର ନାଗରିକ ଉପସ୍ଥିତ ଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ, ଏହି କାର୍ଯ୍ୟକ୍ରମରେ ଏମିତି ଏକ ନୂତନ ମଡେଲ ଉନ୍ମୋଚନ କରାଯାଇଛି, ଯେଉଁଥିରେ ସାରା ଦେଶରେ ଗରିବ ଶ୍ରମିକ, ଚାଷୀ ଏବଂ ଗ୍ରାମ ପାଇଁ ନିଯୁକ୍ତି ଗ୍ୟାରେଣ୍ଟି, ଗ୍ରାମ ବିକାଶ ପାଇଁ ପର୍ଯ୍ୟାପ୍ତ ଆର୍ଥିକ ଆବଣ୍ଟନ ଏବଂ ଏକ ସ୍ୱଚ୍ଛ ବ୍ୟବସ୍ଥା ଅନ୍ତର୍ଭୁକ୍ତ । କେନ୍ଦ୍ର ମନ୍ତ୍ରୀ ଶ୍ରୀ ଶିବରାଜ ସିଂହ ଚୌହାନ 'ନମଃ ଭେଙ୍କଟେଶ୍ୱରାୟ' ଏବଂ 'ଗୋବିନ୍ଦ, ଗୋବିନ୍ଦ' ଧ୍ୱନି ସହିତ ତାଙ୍କ ଭାଷଣ ଆରମ୍ଭ କରିଥିଲେ । ସେ ମନ୍ତବ୍ୟ ଦେଇଥିଲେ ଯେ ଏହି ପବିତ୍ର ଭୂମିରୁ 'ବିକଶିତ ଭାରତ – ଜି ରାମ ଜି' ଯୋଜନାର ଶୁଭାରମ୍ଭ ଗରିବ ଏବଂ ଶ୍ରମିକ ବର୍ଗଙ୍କ ଉପରେ ଦିବ୍ୟ କୃପା ବର୍ଷା ସହିତ ସମାନ ।

## ଶ୍ରୀଅଲାରନାଥଙ୍କ ପୁନଃ ପ୍ରଚଳନ ହେଲା ବଡ଼ ସିଂହାର ବେଶ



ବ୍ରହ୍ମଗିରି/ପୁରୀ, ୨/୭(ନିପ୍ର): ଆନନ୍ଦରେ ଅଶ୍ରୁ ଝରାଇଲେ ଶ୍ରଦ୍ଧାଳୁ, ଭକ୍ତ । ଖୁସିବ୍ୟକ୍ତ କଲେ ସେବାୟତ । ଅନେକ ବର୍ଷ ଧରି ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବନ୍ଦ ଥିବା ବଡସିଂହାର ବେଶର ହୋଇଛି ପୁନଃ ପ୍ରଚଳନ । ଅନବସରର ଦ୍ୱିତୀୟ ଦିନରେ ବ୍ରହ୍ମଗିରିର ଶ୍ରୀଅଲାରନାଥ ପୀଠରେ ମହାପ୍ରଭୁ ଶ୍ରୀ ଅଲାରନାଥଙ୍କ ବଡ ସିଂହାର ବେଶ ଅନୁଷ୍ଠିତ ହୋଇଥିଲା । ବହୁ ଦିନର ବ୍ୟବଧାନ ପରେ ଏହି ମନୋରମ, ଅପୂର୍ବ, ମନୋମୁଗ୍ଧକର ବେଶକୁ ଦେଖି ଭକ୍ତ, ଶ୍ରଦ୍ଧାଳୁମାନେ ବିମୋହିତ ହୋଇ ପଡିଥିଲେ । ଖୁସିରେ ବହି ଯାଉଥିଲା ଆନନ୍ଦାଶ୍ରୁ । ଚଳିତ ବର୍ଷର ପ୍ରସ୍ତୁତି ବୈଠକରେ ଏ ସମ୍ପର୍କରେ ସେବାୟତ ଓ ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ବଡସିଂହାର ବେଶ ପାଇଁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ପରେ ଶ୍ରୀମନ୍ଦିର ସେବାୟତଙ୍କ ପରାମର୍ଶ ଅନୁସାରେ ଏହାର ପୁନଃ ପ୍ରଚଳନ ପାଇଁ ଆନୁସଙ୍ଗିକ ବ୍ୟବସ୍ଥା ଲାଗି ଜିଲ୍ଲାପାଳ ଶ୍ରୀ ପରିଡା ଉପ ଜିଲ୍ଲାପାଳ ରାଜ କିଶୋର ଜେନା ଓ ବ୍ରହ୍ମଗିରି ତହସିଲଦାର ଦେବାଶିଷ ସେଠୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉପଜିଲ୍ଲାପାଳ ଓ ତହସିଲଦାର ଶ୍ରୀଅଲାରନାଥ ମହାପ୍ରଭୁଙ୍କ ସେବାୟତ ମଣ୍ଡଳୀ ସହ ଆଲୋଚନା ବୈଠକ ପରେ ଏହାକୁ ଗତକାଲିଠାରୁ କାର୍ଯ୍ୟକାରୀ କରାଯାଇଛି । ସେହିପରି ପୂର୍ବ ନିଷ୍ପତ୍ତି ଅନୁସାରେ ଶ୍ରୀ ଅଲାରନାଥଙ୍କ କୋଠ ଭୋଗ ଭିତରେ ଭୋଗ ଲାଗିବାର ବ୍ୟବସ୍ଥା କରାଯାଇଥିବା ବେଳେ ଜଜମାନୀ ଭୋଗ ବାହାରେ ହୋଇଥିଲା । ଜିଲ୍ଲାପାଳଙ୍କ ସହ ସେବାୟତମାନଙ୍କର ଆଲୋଚନା ମାଧ୍ୟମରେ ହୋଇଥିବା ଏହି ନିଷ୍ପତ୍ତି ଯୋଗୁଁ ଶ୍ରଦ୍ଧାଳୁ ମାନଙ୍କୁ ଦର୍ଶନ ପାଇଁ ଅଧିକ ସୁବିଧା ହୋଇଥିଲା ।

## ରଥଯାତ୍ରା ପ୍ରସ୍ତୁତି ନେଇ ଛତିଶା ନିଯୋଗ ସହ ସମନ୍ୱୟ ବୈଠକ

ପୁରୀ, ୨/୭(ନିପ୍ର): ଆଗାମୀ ବିଶ୍ୱ ପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା-୨୦୨୬କୁ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୁଚାରୁ ଭାବେ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ପୁରୀ ପୋଲିସ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା । ଏହି ବୈଠକରେ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନେତୃତ୍ୱରେ ଛତିଶା ନିଯୋଗର ସଦସ୍ୟମାନଙ୍କ ସହ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆସନ୍ତା ରଥଯାତ୍ରା ସମୟରେ ଭକ୍ତମାନଙ୍କ ସୁବିଧା, ସୁରକ୍ଷା ଓ ସୁଚାରୁ ଦର୍ଶନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା । ବିଶେଷକରି ବଡ଼ଦାଣ୍ଡରେ ଭିଡ଼ ନିୟନ୍ତ୍ରଣ, ଦର୍ଶନ ବ୍ୟବସ୍ଥା, ଟ୍ରାଫିକ ନିୟନ୍ତ୍ରଣ ଓ ସେବାୟତମାନଙ୍କ ସହ ସୁଚାରୁ ସମନ୍ୱୟ ନେଇ ଗଭୀର ଆଲୋଚନା ହୋଇଥିଲା । ଏହି ବୈଠକରେ ଛତିଶା ନିଯୋଗ ନାୟକ ଶ୍ରୀ ଜନାର୍ଦ୍ଦନ ପଟ୍ଟଯୋଶୀ ମହାପାତ୍ର ଉପସ୍ଥିତ ଥିଲେ । ସେ ରଥଯାତ୍ରା ସମୟରେ ସେବାୟତମାନଙ୍କ ଭୂମିକା, ପାରମ୍ପରିକ ନୀତିକାନ୍ତି ଓ ଭକ୍ତମାନଙ୍କ ଦର୍ଶନ ସୁବିଧା ବିଷୟରେ ନିଜ ମତାମତ ରଖିଥିଲେ ।

### ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକାଙ୍କ ମୃତ୍ୟୁ ଘଟଣା

## ଭୀମସେନ୍ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ



କଟକ,୨/୭(ନିପ୍ର): ବହୁଚର୍ଚ୍ଚିତ ମୟୂରଭଞ୍ଜର ମେଡିକାଲ୍ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମ୍ ?ଙ୍କ ମୃତ୍ୟୁ ଘଟଣା । ଅପରାଧିକ ମାମଲାରେ ବିଚାର ବିଭାଗୀୟ ଜେଲ୍ ହାଜତ ଥିବା ପୁରଷ ବନ୍ଧୁ ଭୀମସେନ ଟୁଡୁଙ୍କ ଜାମିନ୍ ଆବେଦନ ଖାରଜ । ଜାମିନ୍ ଆବେଦନକୁ ଖାରଜ କଲେ କଟକ ସ୍ୱତନ୍ତ୍ର ଏଡିଜେ କୋର୍ଟ । ଅଭିଯୁକ୍ତ ଭୀମସେନ୍ ଟୁଡୁଙ୍କ ବିରୋଧରେ ସଙ୍ଗିନ ଅଭିଯୋଗ ରହିଛି । ଏଭଳି ଘଟଣାର ସାମାଜିକ ପ୍ରଭାବ ଖୁବ୍ ଅଧିକ ରହିଛି । ତେଣୁ ଏହାକୁ ଆଧାର କରି ଜାମିନ ଖାରଜ କରାଯାଇଛି । ସୂଚନାଯୋଗ୍ୟ ଯେ , ଜୁନ୍ ୪ ତାରିଖରେ କାଠଯୋଡ଼ି ନଦୀରୁ ଡାକ୍ତରୀ ଛାତ୍ରୀ ଚନ୍ଦ୍ରିକା ହେମ୍ବ୍ରମଙ୍କ ମୃତଦେହ ମିଳିଥିଲା । ହେଲେ ପ୍ରେମ ବ୍ୟାପାରକୁ ନେଇ ପୁରୁଷବନ୍ଧୁ ଭୀମସେନ ଜଣେ ଯୁବତୀଙ୍କ ସହ ମିଶି ଚନ୍ଦ୍ରିକାଙ୍କୁ ହତ୍ୟା କରିଥିବା ଚନ୍ଦ୍ରିକାଙ୍କ ପରିବାର ଲୋକ ଅଭିଯୋଗ କରିଥିଲେ । ପରିବାର ଲୋକେ ଅଭିଯୋଗ କରିଥିଲେ, ଚନ୍ଦ୍ରିକାଙ୍କ ସହ ଦୀର୍ଘ ଦିନର ପ୍ରେମ ସମ୍ପର୍କ ଭିତରେ ଦ୍ୱିତୀୟ ଯୁବତୀ ଆସିବା ପରେ ଓଏଏସ୍ ତାଲିମ ନେଉଥିବା ପୁରୁଷବନ୍ଧୁ ଭୀମସେନ ମାନସିକ ନିର୍ଯାତନା ଦେଇ ଚନ୍ଦ୍ରିକାଙ୍କୁ ଚାପରେ ରଖିବା ଆରମ୍ଭ କରିଥିଲେ । ତେବେ ପୁଲିସ ମାମଲାକୁ ଗୁରୁତର ସହ ନେଇ ତଦନ୍ତ ଆରମ୍ଭ କରିଥିଲା ।

## ହେରୋଇନ୍ ଜବତ: ଜଣେ ଅଭିଯୁକ୍ତଙ୍କୁ ଗିରଫ

ରାଉରକେଲା, ୨/୭(ନିପ୍ର): ଏକ ହେରୋଇନ୍ ଚୋରା ଚାଲାଣ ମାମଲାରେ ରାଉରକେଲା ପ୍ଲାଣ୍ଟସାଇଟ୍ ପୋଲିସ୍ ଅଭିଯୁକ୍ତଙ୍କୁ ଗିରଫ କରିଥିବାବେଳେ ତାଙ୍କ ନିକଟରୁ ୨୦ ଗ୍ରାମ୍ ହେରୋଇନ୍ ଜବତ କରାଯାଇଛି । ପୋଲିସ୍ ପକ୍ଷରୁ ସୂଚନା ଅନୁସାରେ ଆଜି ଏସ୍‌ଆଇ ଉମେଶ କୁମାର ଆହିର ଥାନା କର୍ମଚାରୀଙ୍କ ସହିତ ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ଦିନ ପେଟ୍ରୋଲିଂ କରୁଥିବା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଶ୍ରୀ ଆହିର ରାଉରକେଲା ରେଳବାଇ କଲୋନି ସ୍ଥିତ ବଡ଼ା ପାର୍କ ନିକଟରେ ଏକ ଅବକାରୀ ମାମଲା କେସ୍ ଚିହ୍ନଟ କରିଥିଲେ । ଅଭିଯୁକ୍ତ ଭାଗୀରଥି ମେହେର ବିନା ଲାଇସେନ୍ସ ଓ କାଗଜପତ୍ରରେ ଏକ ସ୍ୱୟଂ-ଲକ୍ ହୋଇଥିବା ସ୍ୱଚ୍ଛ ପଲିଥିନ୍ ପ୍ୟାକେଟରେ ୨୦ ଗ୍ରାମ ଚୋରା ହେରୋଇନ୍ ନେଇ ଯାଉଥିଲେ, ଯାହା ସ୍କୁଲ୍ ଏବଂ କଲେଜ୍ ପଢୁଥିବା ଛାତ୍ରଙ୍କ ସମେତ ସାଧାରଣ ଜନତାଙ୍କୁ ଆର୍ଥିକ ଲାଭ ପାଇଁ ବିକ୍ରୟ କରିବାକୁ ଉଦ୍ଦିଷ୍ଟ ଥିଲା ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି । ଅଭିଯୁକ୍ତଙ୍କ ବିରୁଦ୍ଧରେ ପ୍ଲାଣ୍ଟସାଇଟ୍ ଥାନା କେସ୍ ନମ୍ବର-୬୧୧/ତା ୦୨/୭/୨୦୨୬ ରିଖରେ ଏନଡିପିଏସ୍ ଆକ୍ଟର ୨୧(ଖ) ଅନ୍ତର୍ଗତ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ।

## ବିପର୍ଯ୍ୟୟ ପରିଚାଳନା ନିମନ୍ତେ ପାଣ୍ଠିର ଅଭାବ ରହିବ ନାହିଁ : ରାଜସ୍ୱ ମନ୍ତ୍ରୀ

- ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ
- ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ
- ଖୁବ୍‌ଶୀଘ୍ର ସମ୍ବଲପୁର, ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀରେ ଡପ୍ଲର୍ ରାଡାର



ଭୁବନେଶ୍ୱର, ୨।୭: ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଭିତ୍ତିଭୂମି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି । ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ପାଣ୍ଠି ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା ହୋଇଥିଲା । ଏସଡିଏମଏଫ/ଏନଡିଏମଏଫ ଅଧୀନରେ ପାଣ୍ଠିର ଉପଯୋଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟଯୋଜନା ତ୍ୱରିତ ଭାବରେ ଆରମ୍ଭ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣର ଅଗ୍ରଗତିର ସମୀକ୍ଷା କରିଥିଲେ । ଯଥାଶୀଘ୍ର ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତ । ସେହିପରି ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହାର ଉଦଘାଟନ କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର ରାଡାର ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଏହାକୁ ଚଳିତ ବର୍ଷ ସୁଦ୍ଧା ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

## ଶାଳ କାଠଗଣ୍ଡି ଜବତ: ୩ ଗିରଫ

ସୋନପୁର, ୨/୭(ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବନାଞ୍ଚଳ ଅଧିନସ୍ଥ ହରିଣା ପାଲି ଜଙ୍ଗଲରେ ବନବିଭାଗ ଚଢ଼ାଉ କରି ଟାଟା ଏସି ଗାଡ଼ି ସହ ମୂଲ୍ୟବାନ ୭ଟି ଶାଳକାଠ ଗଣ୍ଡି ଜବତ କରି ୩ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ୍ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଗଣ୍ଡାବାହାଲର ଝାନଟୁ ଜଗଦଳା, ମାଉଳିମାଲର ଭୁବନ ଜଗଦଳା ଏବଂ ସୋନପୁର ଥାନା ବାଙ୍କବିଜାର ବେଣୁ ଦୀପ । ସୂଚନା ଅନୁସାରେ ଗତକାଲି ରାତିରେ ହରିଣାପାଲି ସଂରକ୍ଷିତ ଜଙ୍ଗଲରୁ ଏକ ଟାଟା ଏସି ଗାଡିରେ ଶାଳ କାଠ ଗଣ୍ଡିକୁ ଲୋଡ୍ କରି ଚୋରାଚାଲାଣ ହେଉଥିବା ବନ ବିଭାଗ ଖବର ପାଇଥିଲା । ରେଞ୍ଜର ଦେବରାଜ ଛତ୍ରୀଆ ନେତୃତ୍ୱରେ ଫରେଷ୍ଟର ଦିନେଶ ମାଝୀ ଓ ଷ୍ଟାଫଙ୍କ ସମେତ ସ୍କ୍ୱାର୍ଡ ଟିମ ଚଢାଉ କରିଥଲେ । ଚଢ଼ାଉ ବେଳେ ସେଠାରୁ ଟାଟା ଏସି ଗାଡ଼ି ସହ ୭ ଖଣ୍ଡ ଶାଳ କାଠ ଗଣ୍ଡିକୁ ଜବତ କରି ସମ୍ପୃକ୍ତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରିଥଲେ । ବନ ବିଭାଗ ପକ୍ଷରୁ ୫୯/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚଲାଣ କରାଯାଇଛି ।


**AFFIDAVIT**

By virtue of an affidavit sworn before the Executive Magistrate Banpur, on dated 30.06.2026, I, Trilochan Samantara, S/O-Purna Samantara, At-Kaluri, P.O-Rahanbeli, P.S.-Balugaon, Dist- Khurda, declare that My name is Trilochan Samantara mentioned in my Aadhaar card, But in my LIC Bond my Name Fakir charan Samantatay mentioned. Henceforth I have declared, myself Trilochan Samantara and Fakir charan Samantatay are one and the same person.

**Sd/-Trilochan Samantara**


### ଧୂଷୁରୀ ବଜାରରେ ଉଚ୍ଛେଦ ନୋଟିସ

## ୨୨୦ ବ୍ୟବସାୟୀଙ୍କ ଜୀବିକା ସଙ୍କଟରେ

ଧାମନଗର,୨/୭(ନିପ୍ର): ଧାମନଗର ବ୍ଲକ ଅନ୍ତର୍ଗତ ଧୂଷୁରୀ ବଜାରରେ ସରକାରୀ ଜମିରୁ ବେଆଇନ ଦଖଲ ଉଚ୍ଛେଦ ପାଇଁ ଧାମନଗର ତହସିଲ ପକ୍ଷରୁ ଜାରି ହୋଇଥିବା ଶେଷ ନୋଟିସକୁ ନେଇ ସମଗ୍ର ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି । ପ୍ରାୟ ୨୨୦ ଜଣ ଛୋଟ ଓ ମଧ୍ୟମ ବ୍ୟବସାୟୀ ଏହି ନୋଟିସ ଯୋଗୁଁ ପ୍ରଭାବିତ ହେବାକୁ ଥିବାବେଳେ, ସେମାନଙ୍କ ଜୀବିକା ଏବଂ ହଜାରରୁ ଅଧିକ ପରିବାରର ଭବିଷ୍ୟତକୁ ନେଇ ଚିନ୍ତା ବଢ଼ିଛି । ବ୍ୟବସାୟୀମାନେ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ ଉଠାଇବା ସହ ଉଚ୍ଛେଦ ପ୍ରକ୍ରିୟାରେ ପାତରଅନ୍ତର ଓ ରାଜନୈତିକ ପକ୍ଷପାତିତାର ସଙ୍ଗିନ ଅଭିଯୋଗ ଆଣିଛନ୍ତି । ଧୂଷୁରୀ ଥାନା ଅନ୍ତର୍ଗତ ନରସିଂହପୁର ମୌଜାର ଖାତା ନମ୍ବର ୮୧୨, ପ୍ଲଟ ନମ୍ବର ୧୮୭୪ରେ ଥିବା ସରକାରୀ ଜମିରେ ଗଢ଼ିଉଠିଥିବା କେବିନ ଓ ଅସ୍ଥାୟୀ ଦୋକାନ ହଟାଇବା ପାଇଁ ଫର୍ମ 'ଖ'ର ୭(୧) ଧାରା ଅନୁଯାୟୀ ନୋଟିସ ଜାରି କରାଯାଇଛି । ନୋଟିସରେ ୩୦ ଦିନ ମଧ୍ୟରେ ନିଜ ଖର୍ଚ୍ଚରେ ଦୋକାନ ହଟାଇବାକୁ କୁହାଯାଇଥିବା ବେଳେ, ତାହା ନକଲେ ପ୍ରଶାସନ ପକ୍ଷରୁ ବଳପୂର୍ବକ ଉଚ୍ଛେଦ କରାଯିବ ବୋଲି ସ୍ପଷ୍ଟ କରାଯାଇଛି । ବ୍ୟବସାୟୀଙ୍କ କହିବା ଅନୁଯାୟୀ, ଧୂଷୁରୀ ବଜାର ଉପରେ ହରିହଂଶ, ଓଲଟପୁର, ଧୂଷୁରୀ, ନରସିଂହପୁର, ବାହାରବିଲି, ବ୍ରାହ୍ମଣପାଳ ଓ ଡକାସାହି ସମେତ ପ୍ରାୟ ୭ରୁ ୮ଟି ପଞ୍ଚାୟତର ଲୋକ ଜୀବିକା ପାଇଁ ନିର୍ଭର କରୁଛନ୍ତି । ପ୍ରାୟ ୧୦୦୦ରୁ ଅଧିକ ଲୋକଙ୍କ ଜୀବିକା ଏହି ବଜାର ସହ ଜଡ଼ିତ । ପୁନର୍ବାସ କିମ୍ବା ବିକଳ୍ପ ସ୍ଥାନ ସମ୍ପର୍କରେ ପ୍ରଶାସନ ପକ୍ଷରୁ କୌଣସି ସ୍ପଷ୍ଟ ଯୋଜନା ଘୋଷଣା ହୋଇନାହିଁ । ଅଭିଯୋଗ ଯେ, ବିଜୁ ପଟ୍ଟନାୟକ ଷ୍ଟାଚ୍ୟୁ ଓ ହନୁମାନ ମନ୍ଦିରଠାରୁ ବଜାର ଛକ ହୋଇ ଥାନା ରାସ୍ତା ପର୍ଯ୍ୟନ୍ତ ଥିବା ଦୋକାନ ଗୁଡ଼ିକୁ ନୋଟିସ ଦିଆଯାଇଛି । ହାଇସ୍କୁଲ ପର୍ଯ୍ୟନ୍ତ ଥିବା ଅନ୍ୟାନ୍ୟ ଦୋକାନକୁ ବାଦ ଦିଆଯାଇଛି । ଏହାକୁ ନେଇ ଉଚ୍ଛେଦ ପ୍ରକ୍ରିୟାରେ ସମାନ ନୀତି ଅନୁସରଣ କରାଯାଇ ନଥିବାର ଅଭିଯୋଗ ଉଠିଛି । ବ୍ୟବସାୟୀମାନେ ଏହା ମଧ୍ୟ କହିଛନ୍ତି ଯେ, ନୋଟିସ ବଣ୍ଟନ ସମୟରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକଙ୍କ ଭୂମିକା ସ୍ପଷ୍ଟ ନଥିଲା ଏବଂ ତହସିଲ କାର୍ଯ୍ୟାଳୟରୁ ସିଧାସଳଖ କର୍ମଚାରୀ ଆସି ନୋଟିସ ବଣ୍ଟନ କରିଥିଲେ । ବ୍ୟବସାୟୀ ସଂଘ ସ୍ପଷ୍ଟ କରିଛି ଯେ, ଯଦି ପୁନର୍ବାସ ବ୍ୟବସ୍ଥା ଓ ସମାନ ନୀତିରେ ଉଚ୍ଛେଦ ପ୍ରକ୍ରିୟା କରାନଯାଏ, ତେବେ ୭-୮ ଟି ପଞ୍ଚାୟତର ବ୍ୟବସାୟୀ ଓ ସାଧାରଣ ଲୋକଙ୍କୁ ନେଇ ବ୍ୟାପକ ଗଣଆନ୍ଦୋଳନ ଆରମ୍ଭ କରାଯିବ ।


**AFFIDAVIT**

By virtue of an affidavit sworn before The Executive Magistrate, Dhamnagar affidavit no.5017 dtd 25.06.2026. I Amrita Das D/o-Ranjit Das At/Po-Sohada, Ps-Dhamnagar, Dist-Bhadrak, Odisha-756117 do hereby declare that I have changed my name from Amruta Das D/o-Ranjit Das to Amrita Das D/o-Ranjit Das. Henceforth I shall be known as Amrita Das D/o-Ranjit Das for all purposes.

**Sd/-Amrita Das**


## ଦ୍ୱିତୀୟ ଦିନରେ ଡାକ୍ତରଙ୍କ ଆନ୍ଦୋଳନ: ସାରାରାଜ୍ୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା



ଭୁବନେଶ୍ୱର, ୨।୭: ସାରା ରାଜ୍ୟରେ ଡାକ୍ତରଙ୍କ ଆନ୍ଦୋଳନ ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି । ଡାକ୍ତରଙ୍କ ଆନ୍ଦୋଳନ ଯୋଗୁଁ ମୟୂରଭଞ୍ଜରୁ ମାଲକାନଗିରି, ପୁରୀରୁ ବାରିପଦା ସବୁଠି ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । କେଉଁଠି ବ୍ୟବଚ୍ଛେଦ ହୋଇନପାରି ପଡ଼ି ରହିଛି ମୃତଦେହ ଆଉ କେଉଁଠି ନିରାଶାରେ ଡାକ୍ତରଖାନାରୁ ଫେରୁଛନ୍ତି ରୋଗୀ । ଆଉ କେଉଁଠି ଆୟୁଷ ଡାକ୍ତରଙ୍କ ଭରସାରେ ରୋଗୀ ସେବାକୁ କୌଣସିମତେ ଚଳାଇ ନେବାକୁ ଉଦ୍ୟମ ହେଉଛି । ଦ୍ୱିତୀୟ ଦିନରେ ଓମସା ଡାକ୍ତର ଆନ୍ଦୋଳନରେ ବସିଥିବାରୁ ସାରା ରାଜ୍ୟରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଉପାନ୍ତରୁ ଉପକୂଳ ସବୁ ଡାକ୍ତରଖାନାରେ ରୋଗୀଙ୍କ ଗହଳି ଲାଗିଛି, କିନ୍ତୁ ଠିକ୍ ଚିକିତ୍ସା ମିଳୁନି । ମୟୂରଭଞ୍ଜ ଜିଲ୍ଲା ଉଦଳା ମେଡିକାଲରେ ଦେଖିବାକୁ ମିଳିଛି ଅଭାବନୀୟ ଦୃଶ୍ୟ । ବ୍ୟବଚ୍ଛେଦ ହୋଇନପାରି ପଡ଼ିରହିଛି ମୃତଦେହ । ଡାକ୍ତର ବ୍ୟବଚ୍ଛେଦ କରିବାକୁ ମନା କରିବାରୁ ନିରାଶ ହୋଇ ବସିଛନ୍ତି ସଂପର୍କୀୟ । ବାରିପଦା ମେଡିକାଲକୁ ନେବା ପାଇଁ ଡାକ୍ତର କହିଥିବା ଅଭିଯୋଗ ହୋଇଛି ।

## ପୂର୍ବତଟ ରେଳପଥ ପକ୍ଷରୁ ଅଗ୍ନି ନିରାପତ୍ତା ମକ୍‌ଡ୍ରିଲ୍

ଭୁବନେଶ୍ୱର, ୨/୭(ପିଆଇବି): ପୂର୍ବତଟ ରେଳପଥ ଆଜି ଓଡ଼ିଶା ସରକାରଙ୍କ ଅଗ୍ନିଶମ ସେବା ଶାଖା ସହିତ ସମନ୍ୱୟରେ ଭୁବନେଶ୍ୱରର ରେଳ ଅଡିଟୋରିଅମରେ ଭୂମିକମ୍ପ ସତର୍କତାମୂଳକ ପଦକ୍ଷେପ ପ୍ରସ୍ତୁତି ଏବଂ ଅଗ୍ନି ନିରାପତ୍ତା ଉପରେ ଏକ ବ୍ୟାପକ ମକ୍ ଡ୍ରିଲ୍ ଆୟୋଜନ କରିଛି । କାର୍ଯ୍ୟାଳୟ ପରିସର ଏବଂ ସଂଲଗ୍ନ ଆବାସିକ କଲୋନୀ ମଧ୍ୟରେ ଭୂମିକମ୍ପ ଏବଂ ଅଗ୍ନିକାଣ୍ଡ ଭଳି ଜରୁରୀକାଳୀନ ପରିସ୍ଥିତିକୁ ପ୍ରଭାବଶାଳୀ ଭାବରେ ପରିଚାଳନା କରିବା ପାଇଁ ପ୍ରସ୍ତୁତିର ସ୍ତର ମୂଲ୍ୟାଙ୍କନ ଏବଂ ବୃଦ୍ଧି କରିବା ପାଇଁ ଏହି ଅଭ୍ୟାସ କରାଯାଇଥିଲା । ରାଜ୍ୟ ଅଗ୍ନି ନିର୍ବାପକ ବାହିନୀ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳଗୁଡ଼ିକର କର୍ମଚାରୀମାନଙ୍କ ସହିତ ପୂର୍ବତଟ ରେଳପଥର



ବିଭିନ୍ନ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ସକ୍ରିୟ ଭାବରେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ । ଜରୁରୀକାଳୀନ ପରିସ୍ଥିତିରେ ଦ୍ରୁତ ସ୍ଥାନାନ୍ତର ପ୍ରକ୍ରିୟା ଏବଂ ପରେ ଅଗ୍ନିକାଣ୍ଡର ବିଭିନ୍ନ ପର୍ଯ୍ୟାୟ ଅନ୍ତର୍ଭୁକ୍ତ ଥିଲା । ଅଗ୍ନିଶମ ଏବଂ ଉଦ୍ଧାର ଦଳଗୁଡ଼ିକ ବ୍ୟବସ୍ଥିତ ସ୍ଥାନାନ୍ତର, ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ, ଅଗ୍ନି ଦମନ କୌଶଳ ଏବଂ ପ୍ରଭାବିତ ବାସିନ୍ଦାଙ୍କ ନିରାପଦ ପରିଚାଳନା ପ୍ରଦର୍ଶନ କରିଥିଲେ । ସମ୍ଭାବ୍ୟ ବିପଦକୁ କମ କରିବା ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ସୁଗମ ସମନ୍ୱୟ, ତୁରନ୍ତ ଯୋଗାଯୋଗ ଏବଂ ଦ୍ରୁତ ପ୍ରତିକ୍ରିୟା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଡ୍ରିଲ୍ ସମୟରେ, ଅଂଶଗ୍ରହଣକାରୀମାନଙ୍କୁ ସତର୍କତାମୂଳକ ପଦକ୍ଷେପ, ଅଗ୍ନି ନିରାପତ୍ତା ଉପକରଣର ବ୍ୟବହାର, ସମାବେଶ ପ୍ରୋଟୋକଲ୍ ଏବଂ ମୌଳିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ବିଷୟରେ ମଧ୍ୟ ସଚେତନ କରାଯାଇଥିଲା । ଏହି ପଦକ୍ଷେପ ପୂର୍ବତଟ ରେଳପଥର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା, ବିପର୍ଯ୍ୟୟ ପ୍ରତିକ୍ରିୟା କ୍ଷମତା ବୃଦ୍ଧି କରିବା ଏବଂ ପ୍ରଭାବଶାଳୀ ଜରୁରୀକାଳୀନ ପରିଚାଳନା ଏବଂ କର୍ମଚାରୀଙ୍କ ମଙ୍ଗଳ ସୁନିଶ୍ଚିତ କରିବା ପାଇଁ ରାଜ୍ୟ କର୍ତ୍ତୃପକ୍ଷଙ୍କ ସହିତ ଘନିଷ୍ଠ ସମନ୍ୱୟକୁ ପ୍ରୋତ୍ସାହିତ କରିବା ପାଇଁ ନିରନ୍ତର ପ୍ରତିବଦ୍ଧତାକୁ ଗୁରୁତ୍ୱାରୋପ କରେ ।

### ଦିଅରର ଆକ୍ରମଣରେ ଭାଉଜ ମୃତ ଘଟଣା

## ସ୍ୱାମୀ ସ୍ତ୍ରୀ କୋର୍ଟ ଚାଲାଣ

ବେଲଗୁଣ୍ଠା,୨/୭(ନିପ୍ର): ଗତକାଲି ବେଲଗୁଣ୍ଠା ବ୍ଲକ୍ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ ପାଲକଷଣ୍ଡା ଗ୍ରାମର ଦୁଇ ପରିବାର ମଧ୍ୟରେ ହଣାକଟା ଘଟି ଜଣେ ମହିଳା ମୃତ୍ୟୁବରଣ କରିଥିବା ବେଳେ ତାଙ୍କ ପୁଅ ଗୁରୁତର ଆହତ ହୋଇଥିଲେ । ଘଟଣାରେ ମୃତ ବାସନ୍ତୀ ପ୍ରଧାନଙ୍କ ସ୍ୱାମୀ ଗୌରାଙ୍ଗ ପ୍ରଧାନଙ୍କ ଏତାଲା କ୍ରମେ ଗାଙ୍ଗପୁର ପୋଲିସ୍ ଆକ୍ରମଣକାରୀ ସ୍ୱାମୀ ସ୍ତ୍ରୀକୁ କୋର୍ଟ ଚାଲାଣ କରିଛି । ନାବାଳକ ପୁଅକୁ ଜୁଭେନାଇଲ୍ କୋର୍ଟକୁ ପଠାଇଥିବା ଜଣା ପଡ଼ିଛି । ଗୌରାଙ୍ଗ ପ୍ରଧାନଙ୍କ ଅଭିଯୋଗ କ୍ରମେ ଗାଙ୍ଗପୁର ପୋଲିସ ୩୦୦/୨୬ରେ ଏକ ମାମଲା ରୁଜୁ କରି ମୁରଲୀ ପ୍ରଧାନ, ମୁରଲୀଙ୍କ ସ୍ତ୍ରୀ ବୀନି ଏବଂ ତାଙ୍କ ପୁଅକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

## ଶିକ୍ଷାଗତ ରେକର୍ଡ ସ୍ଥାନାନ୍ତରକୁ ସହଜ କରିଛି ଡିଜିଟାଲ ଇଣ୍ଡିଆ

ନୂଆଦିଲ୍ଲୀ, ୨/୭(ପିଆଇବି): ଡିଜିଟାଲ ଇଣ୍ଡିଆ ଅଭିଯାନକୁ ଜୁଲାଇ ପହିଲାରେ ୧୧ ବର୍ଷ ପୂରଣ ହୋଇଛି । ଶିକ୍ଷା ଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଭାରତ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିକୁ ମଜବୁତ କରି ପ୍ରଶାସନକୁ ଅଧିକ ସ୍ୱଚ୍ଛ, ସୁଲଭ ଏବଂ ନାଗରିକ କୈନ୍ଦ୍ରିକ କରିଛି । ଶିକ୍ଷା କ୍ଷେତ୍ରରେ, ଡିଜିଟାଲ ଇଣ୍ଡିଆ ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ ଅନୁଯାୟୀ ଜୀବନବ୍ୟାପୀ ଶିକ୍ଷା, ଶୈକ୍ଷିକ ଗତିଶୀଳତା ଏବଂ ସୁରକ୍ଷିତ ଡିଜିଟାଲ ପ୍ରମାଣପତ୍ରକୁ ପ୍ରୋତ୍ସାହିତ କରୁଥିବା ଡିଜିଟାଲ ପ୍ଲାଟଫର୍ମଗୁଡ଼ିକର ବିକାଶକୁ ସମର୍ଥନ କରିଛି ।


**AFFIDAVIT**

By virtue of an affidavit sworn before The Executive magistrate, Nayagarh no.2141 dtd.30.06.2026. I Rajakishor Sahoo S/o-Ramachandra Sahoo At/Po/Ps-Itamati, Dist-Nayagarh, Pin-752068 do hereby declare that I have changed my name from Rajkishor Sahoo to Rajakishor Sahoo. Henceforth I shall be known as Rajakishor Sahoo for all purposes.

**Sd/-Rajakishor Sahoo**


Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ